

ପୃଷ୍ଠା ୭

ସଚିନ ପାଇବେ ଜୀବନବ୍ୟାପୀ ସାଧନା ପୁରସ୍କାର


Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 308 | ଭାଗ ୩୨ | ସଂଖ୍ୟା ୩୦୮

Bhubaneswar | Saturday 1 February 2025 | Page 8 Rs. 4.00

ଭୁବନେଶ୍ୱର ଶନିବାର ୧ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ପୂର୍ତ୍ତ ବିଭାଗ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଟ୍ରାଫିକ୍ ଭିଡ଼ କମାଇବାକୁ ୭ ହଜାର କୋଟିର ଯୋଜନା



- ନୂଆ ଯୋଜନାର ତ୍ୱରିତ ଡିପିଆର୍ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ
- ତାରିଣୀ ମନ୍ଦିରର ଉନ୍ନତି ପାଇଁ ୨୧୪ କୋଟି

**ଭୁବନେଶ୍ୱର, ୩୧।୧ (ସଂଚାର ବ୍ୟୁରୋ)** : ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ସରକାରଙ୍କ ପକ୍ଷରୁ ପରିକଳ୍ପିତ ବିଭିନ୍ନ ନୂତନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଦ୍ୟାବଧି ଚଳିତ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍‌ର ଧାର୍ଯ୍ୟ ହୋଇଥିବା ପରିମାଣର ୭୨ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ ପାଇଁ ମଧ ମୁଖ୍ୟମନ୍ତ୍ରୀ ତାଗିଦା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହିତ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଆଲୋଚନା ଅନୁସାରେ, ଏଥିପାଇଁ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତିକରଣ ଓ କଳ୍ପନା ଛକ, ମ୍ୟୁଜିଅମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର୍ ସହ ଏଜି ଛକରେ ଏକ ପୃଷ୍ଠା-୬

# ବିଶ୍ୱ ମାନ୍ଦାବସ୍ଥା ସତ୍ତ୍ୱେ ବଢ଼ିବ ଅଭିବୃଦ୍ଧି

**ନୂଆଦିଲ୍ଲୀ, ୩୧।୧:** ଆଜି ସଂସଦରେ ଆର୍ଥିକ ସର୍ବେକ୍ଷଣ ୨୦୨୪-୨୫ ଉପସ୍ଥାପନ କରି କେନ୍ଦ୍ର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ୨୦୨୩ରେ ବିଶ୍ୱ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଥିଲା। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱ ଅଭିବୃଦ୍ଧି ହାର ୩.୨ ପ୍ରତିଶତ ରହିବ ବୋଲି ଆକଳନ କରିଛି, ଯାହା ପୂର୍ବ ବର୍ଷଗୁଡ଼ିକରେ ନିର୍ଦ୍ଧାରିତ ମାନଦଣ୍ଡ ଅନୁରୂପ। ସର୍ବେକ୍ଷଣ ଅନୁଯାୟୀ, ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଅସମାନ ଅଭିବୃଦ୍ଧି ସତ୍ତ୍ୱେ, ୨୦୨୪ରେ ବିଶ୍ୱ ଅର୍ଥବ୍ୟବସ୍ଥା ନିରନ୍ତର ପ୍ରଦର୍ଶନ କରିଛି। ଯୋଗାଣ ଶୃଙ୍ଖଳାରେ ବ୍ୟାଘାତ ଏବଂ ଦୁର୍ବଳ ବିଦେଶୀ ଚାହିଦା କାରଣରୁ ବିଶ୍ୱ ସ୍ତରରେ, ବିଶେଷ କରି ୟୁରୋପ ଏବଂ କେତେକ ଏସୀୟ ଦେଶରେ, ଉତ୍ପାଦନ କ୍ଷେତ୍ରରେ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଥିଲା।




ଅପରପକ୍ଷେ, ସେବା କ୍ଷେତ୍ର ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲା, ଯାହା ଅନେକ ଦେଶର ଅର୍ଥବ୍ୟବସ୍ଥାକୁ ସାହାଯ୍ୟ କରିଥିଲା। ଅଧିକାଂଶ ଅର୍ଥ ବ୍ୟବସ୍ଥାରେ ମୁଦ୍ରାସ୍ଫୀତି ଚାପ ସାମାନ୍ୟ ରହିଥିଲା। ତେବେ ସେବା କ୍ଷେତ୍ର ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ଦେଖିବାକୁ ମିଳିଥିବା ସର୍ବେକ୍ଷଣରେ ଉଲ୍ଲେଖ କରାଯାଇଛି । ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ଭାରତରେ ନିରନ୍ତର ଆର୍ଥିକ ଅଭିବୃଦ୍ଧି ଜାରି ରହିଥିବା ସମୀକ୍ଷାରେ ଗୁରୁତ୍ୱାରୋପ କରାଯାଇଛି। ୨୦୨୫ ଆର୍ଥିକ ବର୍ଷରେ ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ହାର ଥିଲା ୬.୪%, ଯାହା ଦଶନ୍ଧିର ହାରାହାରି ହାରର ଅତି ନିକଟତର। ସକଳ

- ଦେଶର ଅଭିବୃଦ୍ଧି ୬.୩ରୁ ୬.୮% ମଧ୍ୟରେ ରହିବ
- ପୁଞ୍ଜି ବ୍ୟୟ ଜୁଲାଇ-ନଭେମ୍ବରରେ ୮.୨ ପ୍ରତିଶତ ବଢ଼ିଛି
- ଖୁଚୁରା ମୁଦ୍ରାସ୍ଫୀତି ୪.୯ ପ୍ରତିଶତକୁ ହ୍ରାସ
- ଉପଭୋକ୍ତା ମୂଲ୍ୟ ମୁଦ୍ରାସ୍ଫୀତି ୪ ପ୍ରତିଶତ ଲକ୍ଷ୍ୟ
- ସେବା ରପ୍ତାନି କ୍ଷେତ୍ରରେ ୧୨.୮ ପ୍ରତିଶତ ବୃଦ୍ଧି ସମ୍ଭାବନା
- ବିଦେଶୀ ପୁଞ୍ଜି ନିବେଶ ୫୫.୬ ବିଲିୟନ ଡଲାରକୁ ବୃଦ୍ଧି
- ବିଦେଶୀ ମୁଦ୍ରା ଭଣ୍ଡାର ୬୪୦.୩ ବିଲିୟନ ଡଲାରରେ ପହଞ୍ଚିଛି
- କୃଷି କ୍ଷେତ୍ରରେ ୩.୮ ପ୍ରତିଶତ ଅଭିବୃଦ୍ଧି ଆଶା
- ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକଙ୍କ ଖର୍ଚ୍ଚ ୩୯.୪ ପ୍ରତିଶତକୁ କମିଛି
- ବେକାରୀ ହାର ୩.୨ ପ୍ରତିଶତକୁ ହ୍ରାସ ପାଇଛି

ଚାହିଦା ଦୃଷ୍ଟିକୋଣରୁ ଘରୋଇ ଚୂଡ଼ାନ୍ତ ଉପଭୋକ୍ତା ଖର୍ଚ୍ଚ ସ୍ଥିର ମୂଲ୍ୟରେ ୭.୩% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।



ସମୀକ୍ଷାରେ କୁହାଯାଇଛି ଯେ ଯୋଗାଣ କ୍ଷେତ୍ରରେ ପ୍ରକୃତ ମୂଲ୍ୟ ବୃଦ୍ଧି (ଜିଭିଏ) ୬.୪ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ୨୦୨୫ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରରେ ୩.୮ ପ୍ରତିଶତ ଅଭିବୃଦ୍ଧି ହେବାର ଆଶା କରାଯାଉଥିବା ବେଳେ ୨୦୨୫ରେ ଶିଳ୍ପ କ୍ଷେତ୍ରରେ ୬.୨ ପ୍ରତିଶତ ଅଭିବୃଦ୍ଧି ହେବାର ଆଶା କରାଯାଉଛି। ନିର୍ମାଣ କାର୍ଯ୍ୟକଳାପ ଏବଂ ଶକ୍ତି, ଗ୍ୟାସ, ଜଳ ଯୋଗାଣ ଓ ଅନ୍ୟାନ୍ୟ ଉପଯୋଗୀ ସେବା କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ହାର ଶିଳ୍ପ ସମ୍ପ୍ରସାରଣରେ ସହାୟକ ହୋଇପାରିବ। ଆର୍ଥିକ, ରିଅଲ୍ ଇଷ୍ଟେଟ୍, ପେସାଦାର ସେବା, ସାଧାରଣ ପ୍ରଶାସନ, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ସେବା କ୍ଷେତ୍ରରେ କାର୍ଯ୍ୟକଳାପ ବୃଦ୍ଧି ଯୋଗୁଁ ସେବା କ୍ଷେତ୍ରରେ ୭.୨ ପ୍ରତିଶତ ଅଭିବୃଦ୍ଧି ହେବାର ଆଶା କରାଯାଉଛି। ହ୍ରାସ ପାଉଥିବା ଅଭିବୃଦ୍ଧି ହାରକୁ ଦୃଷ୍ଟିରେ ରଖି ଆର୍ଥିକ ବର୍ଷ-୨୦୨୬ରେ ପ୍ରକୃତ ଜିଡିପି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି ସର୍ବେକ୍ଷଣ ଆକଳନ କରିଛି। ଆର୍ଥିକ ନୀତି ଏବଂ ବାଣିଜ୍ୟ ନୀତିର ଅନିଶ୍ଚିତତା ଉପରେ ବୈଶ୍ୱିକ ଚିନ୍ତା କାରଣରୁ ସୃଷ୍ଟି ହେଉଥିବା ବିପଦ ପରିପ୍ରେକ୍ଷୀରେ ବୈଶ୍ୱିକ କାରକ ଏବଂ ଘରୋଇ ଅଭିବୃଦ୍ଧି କାରକକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ସମୀକ୍ଷାରେ ଜୋର ଦିଆଯାଇଛି। ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଭୌଗୋଳିକ-ଅର୍ଥନୈତିକ ବିଭାଜନର ଉଦୀୟମାନ ବୈଶ୍ୱିକ ବାସ୍ତବତା, ଉତ୍ପାଦନ ଉପରେ ପୃଷ୍ଠା-୬

## ରାସ୍ତାଘାଟ ଉନ୍ନତି ପାଇଁ ଆସିବ ସ୍ୱତନ୍ତ୍ର ନୀତି

- ୫ ବର୍ଷରେ ନିର୍ମାଣ ହେବ ୭୫ ହଜାର କିମି ରାସ୍ତା
- ରାସ୍ତାକଡ଼ରେ ୟୁଟିଲିଟି କରିଡ଼ର ନିର୍ମାଣ ଯୋଜନା
- ରାସ୍ତାର ସ୍ଥିତି ଯାଞ୍ଚ ଓ ମରାମତି ବ୍ୟବସ୍ଥା
- ସଡ଼କ ଦୁର୍ଘଟଣା ଏଡ଼ାଇବାକୁ ସ୍ୱତନ୍ତ୍ର ନିୟମ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ରାଜ୍ୟରେ ରାସ୍ତାଘାଟର ନିର୍ମାଣ, ମରାମତି ଓ ଉନ୍ନତିକରଣ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଗୃହ, ରାଜ୍ୟ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଉପସ୍ଥିତିରେ ରାଜ୍ୟ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଗମନାଗମନ ସୁବିଧାକୁ ଅଧିକ ଉନ୍ନତ ଓ ଶୃଙ୍ଖଳିତ କରାଯିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ବାର୍ଷିକ ୧୫ ହଜାର କିମି ହିସାବରେ ଆସନ୍ତା ୫ ବର୍ଷରେ ମୋଟ ୭୫ ହଜାର କିମି ରାସ୍ତା ନିର୍ମାଣ ଲକ୍ଷ୍ୟ ରହିଛି। ସମ୍ପ୍ରତି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପାଣି ପାଇପ୍, ବିଜୁଳି ଲାଇନ୍, ଟେଲିଫୋନ୍ ଓ ଇଣ୍ଟରନେଟ୍ କେବୁଲ ଆଦି ବିଛାଇବା ପାଇଁ ଭଲ ରାସ୍ତାକୁ ବାରମ୍ବାର ଖୋଳାଯାଉଛି। ଏହି ସମସ୍ୟା ଦୂର କରିବା ସକାଶେ ରାସ୍ତାକଡ଼ରେ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ କରାଯିବ। ଏଥିସହ ରାସ୍ତା ସମ୍ପ୍ରସାରଣ ସମୟରେ କଟୁଥିବା ଗଛର ଭରଣା ପାଇଁ ଚାରାରୋପଣ ଦିଗରେ ବ୍ୟବସ୍ଥା ହେବ। ଆବଶ୍ୟକସ୍ଥଳେ ପୁରୁଣା ତଥା ବଡ଼ ବଡ଼ ଗଛ ନ କାଟି ଆଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯିବା ନେଇ ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯିବା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ପୃଷ୍ଠା-୬

ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ସମ୍ବୋଧନ

## ଗ୍ଲୋବାଲ୍ ପାୱାର୍ ହାଉସ୍ ହେବ ଭାରତ

**ନୂଆଦିଲ୍ଲୀ,୩୧।୧:** ଆଜିଠାରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ପ୍ରାରମ୍ଭରେ ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ ଭାରତ ଦିନକୁ ଦିନ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିଚାଲିଥିବା ବେଳେ ଏହା ଆଗାମୀ ଦିନରେ ଗ୍ଲୋବାଲ୍ ପାୱାର୍‌ହାଉସ୍‌ରେ ପରିଣତ ହେବ। ଦେଶ ବର୍ତ୍ତମାନ ଦ୍ରୁତ ଗତିରେ ଆଗକୁ ବଢୁଛି। ଏନ୍‌ଡିଏ ସରକାରର ତୃତୀୟ କାର୍ଯ୍ୟକାଳରେ ୩ ଗୁଣା ଦ୍ରୁତ ଗତିରେ କାମ ହେଉଛି। ଦେଶ ବର୍ତ୍ତମାନ ଦ୍ରୁତ ଗତିରେ ଓ ଦୃଢ଼ତାର ସହ ବିଭିନ୍ନ ନିଷ୍ପତ୍ତି ନେଉଛି। କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷେତ୍ରରେ ଭାରତର ଯୋଗଦାନକୁ ଆଗକୁ ବଢ଼ାଇବା ପାଇଁ



ଇଣ୍ଡିଆନ ଏଆଇ ମିଶନ ଆରମ୍ଭ ହୋଇଛି। ଦେଶରେ ବାୟୋ ଇ-ଥ୍ରି ପଲିସି ଭବିଷ୍ୟତ ଉଦ୍ୟୋଗୀ କ୍ରାନ୍ତିର ସୂତ୍ରଧର ହେବ। ଏଆଇ ଡିଜିଟାଲ ଟେକ୍ନୋଲୋଜିରେ ଭାରତ ବିଶ୍ୱ ପାଇଁ ଆଲୋକବର୍ତ୍ତିକା ସାବ୍ୟସ୍ତ ହୋଇଛି। ସେହିପରି ଦେଶର ୫-ଜି ସେବା ଆରମ୍ଭ ବଡ଼ ଉଦାହରଣ। ଦେଶରେ ୧.୫ ପୃଷ୍ଠା-୬

### ସୋନିଆଙ୍କ ବିବାଦୀୟ ମନ୍ତବ୍ୟ

**ନୂଆଦିଲ୍ଲୀ:** ଆଜିଠାରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ପ୍ରଥମରୁ ହିଁ ବିବାଦ ଦେଖାଦେଇଛି। ସଂସଦରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ନେଇ ବିରୋଧୀ କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧୀଙ୍କ ପ୍ରତିକ୍ରିୟା ଏହି ବିବାଦକୁ ଜନ୍ମ ଦେଇଛି। ରାଷ୍ଟ୍ରପତି ପୃଷ୍ଠା-୬

### ସାମନ୍ତବାଦୀ ଓ ଅହଙ୍କାରୀ ମାନସିକତା: ଧର୍ମେନ୍ଦ୍ର

**ଭୁବନେଶ୍ୱର:** ସଂସଦରେ ରାଷ୍ଟ୍ରପତିଙ୍କୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଏହି ବୟାନ କଂଗ୍ରେସର ସାମନ୍ତବାଦୀ ମାନସିକତା, ସେମାନଙ୍କ ଅହଙ୍କାର ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟରୁ ଆସିଥିବା ରାଷ୍ଟ୍ରପତିଙ୍କ ପ୍ରତି ଥିବା ନିରାଶା ଭାବନାକୁ ପ୍ରତିଫଳିତ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସସି-ଏସଟି-ଓବିସି ବିରୋଧୀ। କଂଗ୍ରେସ ପୁଣି ଥରେ ଉକ୍ତ ହୀନମାନସିକତାର ପରିଚୟ ଦେଇଛି। ଦେଶର ସର୍ବୋଚ୍ଚ ପଦବୀ ଦାୟିତ୍ୱରେ ଥିବା ଦଳିତ, ଅବହେଳିତ ଓ ପଛୁଆ ସମ୍ପ୍ରଦାୟର ଲୋକଙ୍କୁ କଂଗ୍ରେସ ନେତା କଦାପି ବରଦାସ୍ତ କରିପାରିନାହାନ୍ତି। ତେଣୁ ଆଜିର ଘଟଣାରେ ସୋନିଆ ଓ ରାହୁଲ୍ ଏବଂ ସର୍ବୋପରି କଂଗ୍ରେସ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଉଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ମୋହନଙ୍କୁ ପ୍ରଶଂସା କଲେ ଏସ୍. ଜୟଶଙ୍କର

**ନୂଆଦିଲ୍ଲୀ/ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଚଳିତ ମାସରେ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସର ସଫଳ ଆୟୋଜନ ପାଇଁ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଶଂସା କରିଛନ୍ତି। ସେ ଏକ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ଆତିଥେୟତାକୁ ନେଇ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରବାସୀମାନେ ସକାରାତ୍ମକ ଫିଡବ୍ୟାକ ଦେଇଥିବା କହିଛନ୍ତି। ଭବିଷ୍ୟତରେ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେବେ ବୋଲି ମଧ ଶ୍ରୀ ଜୟଶଙ୍କର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ୭ରୁ ୧୦ ତାରିଖ ୩ଦିନ ଧରି ଜନତା ମଇଦାନରେ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ପ୍ରାୟ ୫୦ଟି ଦେଶରୁ ପ୍ରବାସୀ ଭାରତୀୟ ବଂଶୋଦ୍ଭବମାନେ ଯୋଗଦେଇଥିଲେ। ବିଶ୍ୱ ଦରବାରରେ ଓଡ଼ିଶାକୁ ପ୍ରତିଷ୍ଠିତ ପୃଷ୍ଠା-୬

### କମିଶନରେଟ୍ ପୁଲିସକୁ ଭୁଲ ଭୁଲୈୟା




ଚୋରଙ୍କ ଚତୁରତା ଆଗରେ ଫେଲ ମାରିଛି ଭୁବନେଶ୍ୱର ପୁଲିସ୍ ବ୍ୟବସ୍ଥା। ବିଗିଡ଼ିବାରେ ଲାଗିଛି ସହରର ଆଇନଶୃଙ୍ଖଳା। ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ଦିନଠାରୁ ପୁଲିସକୁ ଯେମିତି ଶନିଦଶା ପଡ଼ିଥିବା ଚର୍ଚ୍ଚା ଏବେ ଜୋର ଧରିଛି। ପ୍ରବାସୀ ଭାରତୀୟ ସମ୍ମିଳନୀ ଦିନ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଥିବା ବେଳେ ରାଜରାସ୍ତାରେ ସହଦେବ ନାୟକଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରିଦିଆଗଲା। ଲୋକଦେଖାଣିଆ ଭାବେ କ୍ରାଇମ ସିନ ରିକ୍ରିଏସନ କରାଗଲା। ୫ ଜଣଙ୍କୁ ଗିରଫ କରାଗଲା। କିନ୍ତୁ ସହଦେବଙ୍କ ପତ୍ନୀଙ୍କ ଅଭିଯୋଗ ହେଲା ମୁଖ୍ୟ ଅଭିଯୁକ୍ତ ଏଯାଏଁ ଫେରାର ଅଛନ୍ତି। ସେହିପରି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ହେବା ପରେ ନାଟକୀୟ ଢଙ୍ଗରେ ତଦନ୍ତ ଆରମ୍ଭ ହେଲା। କମିଶନରଙ୍କ ସହ ଟ୍ୱିନ ସିଟି ଡିସିପି ନିରଞ୍ଜନଙ୍କ ଘରକୁ ଯାଇ ୧୫ ଜଣଙ୍କୁ ପଚରାଉଚରା କଲେ, ହେଲେ ଫଳ ଶୂନ। କେବଳ ନିରଞ୍ଜନ ନୁହେଁ, ଗତ ମାସକ ଭିତରେ ୩୦ରୁ ଊର୍ଦ୍ଧ୍ୱ ଲୁଟ ଓ ଚୋରି ଘଟଣା ପୁଲିସର ଦକ୍ଷତା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ଧଉଳି ଥାନା ଲିଙ୍ଗିପୁର ମେଳନ ପଡିଆ ନିକଟରୁ ମହିଳାଙ୍କ ଗଳିତ ମୃତଦେହ ଠାବ ଘଟଣାରେ ହତ୍ୟା





ସନ୍ଦେହ କରୁଛି ପୁଲିସ। ୧୦ରୁ ୧୫ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତଦେହ ସେଠାରେ ଆଣି ପକାଯାଇଥିବା ସନ୍ଦେହ କରାଯାଉଛି। କିନ୍ତୁ ଏଯାବତ ଅପରାଧୀଙ୍କ ପରିଚୟ ମିଳିବା ତ ଦୂରର କଥା, ମୃତକଙ୍କ ପରିଚୟ ମଧ ମିଳିପାରିନାହିଁ। ସେପଟେ ଲିଙ୍ଗରାଜ ଥାନା ସମନ୍ତରାପୁରର ଶ୍ରୀରାମନଗରରେ ଥିବା ଏସବିଆଇ ଏଟିଏମରେ ପଶି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିଲେ ଲୁଟେରା। କେବଳ ଟଙ୍କା ଲୁଟିନଥିଲେ, ବରଂ ଏଟିଏମ ମେସିନକୁ ତାଡ଼ି ନେଇ ଗଙ୍ଗୁଆ ନାଳରେ ଫୋପାଡ଼ିଦେଇଥିଲେ। ଉକ୍ତ ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ଏଯାବତ ଧରିପାରିନାହିଁ। କେବଳ ଚୋରିରେ ବ୍ୟବହୃତ ଅଟୋଟିଏ ପାଇ ଚୁପ ବସିପଡ଼ିଛି ପୁଲିସ। ସହର ବଢ଼ିବା ସାଙ୍ଗକୁ ଅପରାଧୀଙ୍କ ଅପରେସନର ଅନ୍ଦାଜ ପରିବର୍ତ୍ତନ ହେଉଥିବା ବେଳେ ପୁଲିସର ଅପାରଗତା ଚିନ୍ତାର କାରଣ ପାଲଟିଛି।

## ପ୍ରକାଶ ପାଇଲା ଓପିଜିସି ଏମ୍‌ଡି ନିଯୁକ୍ତି ବିଜ୍ଞପ୍ତି






ସପ୍ତାହେ ଧରି ଚାପିଥିଲେ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଓଡିଶା ତାପଜ ବିଦ୍ୟୁତ୍ କେନ୍ଦ୍ର (ଓପିଜିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ କେଦାର ରଞ୍ଜନ ପାଣ୍ଡୁଙ୍କୁ ରାଜ୍ୟ ସରକାର ଆଜି ବିଧିବଦ୍ଧ ଭାବେ ନିଯୁକ୍ତି ଦେଇଛନ୍ତି। ବିଜ୍ଞପ୍ତି ପ୍ରକାଶରେ ବିଳମ୍ବ ନେଇ 'ସଂଚାର'ରେ ଖବର ପ୍ରକାଶିତ ହେବା ପରେ ପ୍ରାୟ ସପ୍ତାହେ ଧରି ଚାପିଥିବା ନିଯୁକ୍ତି ନିଷ୍ପତ୍ତିକୁ ଶକ୍ତି ବିଭାଗ ଆଜି ପ୍ରକାଶ କରିଛି। ଓପିଜିସିରେ ନିୟମିତ ଏମଡି ନିଯୁକ୍ତି ନେଇ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ପରୀକ୍ଷା ହୋଇଥିଲା। ଏଥିପାଇଁ ଆବେଦନ କରିଥିବା ୭ ଜଣ ଯୋଗଦେଇଥିଲେ। ତେବେ ଏନ୍‌ଟିପିସିର ବରିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡୁଙ୍କ ନାମ ଚୂଡ଼ାନ୍ତ ହୋଇଥିଲା। ହେଲେ ବହୁ ବିଳମ୍ବରେ ଚଳିତ ମାସ ୨୫ ତାରିଖରେ ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଶକ୍ତି ବିଭାଗକୁ ଅବଗତ କରାଯାଇଥିଲା। କିନ୍ତୁ କୌଣସି କାରଣ ଯୋଗୁଁ ଶକ୍ତି ବିଭାଗ ଏହାକୁ ପ୍ରକାଶ କରିବାରେ ବିଳମ୍ବ କରିଥିଲା। ତେବେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ତତ୍ପର ହେବା ସହ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରିଛି। ଫଳରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଠିକା ପରିଚାଳନା ନିର୍ଦ୍ଦେଶକରେ ଚାଲିଥିବା ଓପିଜିସିକୁ ନିୟମିତ ପରିଚାଳନା ନିର୍ଦ୍ଦେଶକ ମିଳିଛି। ଶ୍ରୀ ପାଣ୍ଡୁଙ୍କ ନିଯୁକ୍ତି ଆସନ୍ତା ୫ ବର୍ଷ କିମ୍ବା ୬୩ ବର୍ଷ ବୟସ ପର୍ଯ୍ୟନ୍ତ ହୋଇଥିବା ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।



### କାନ ଡେରିଆ

ସିବିଆଇ ପରେ
ଇଡ଼ି ଭୟ ଏବେ
ଗୋଡାଏ ବିଜେଡି ନେତାଙ୍କୁ
କାତାର ବିଚରା
ପନଝାଏ ଭାବନ୍ତି
ଦିଲ୍ଲୀରେ
ଧରିବା କାହାକୁ!

■ ଦେବାଶିଷ

## ବିଜେଡିର ଗେହ୍ଲାପୁଅ ହେବେ ରାଜ୍ୟ ମୁଖ୍ୟ ସୂଚନା କମିଶନର!

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ବିଜେଡିର ଗେହ୍ଲାପୁଅ ଅଫିସର ଥିବା ସରୋଜ ସାମଲ ହେବେ ରାଜ୍ୟର ନୂଆ ମୁଖ୍ୟ ସୂଚନା କମିଶନର। ସେ ଖୁବଶୀଘ୍ର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ପଦରୁ ଅବସର ନେବାକୁ ଯାଉଥିବାରୁ ଏହି ପଦ ପାଇଁ ଆବେଦନ କରିଛନ୍ତି। ତାଙ୍କୁ ସେଠାରେ ଥଇଥାନ କରିବା ପାଇଁ ଗୋଟିଏ ଗୋଷ୍ଠୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନ୍ଧାରରେ ରଖି ଜୋରଦାର ଭାବେ ଲବି ଚଳାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଶ୍ରୀ ସାମଲ ବିଜେଡି ସରକାରଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିବାରୁ ତାଙ୍କୁ ଶିଳ୍ପ ସମୃଦ୍ଧ ଝାରସୁଗୁଡା ଜିଲ୍ଲାର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଥିଲା। ସେଠାରେ ବିଜେଡିର ଅତ୍ୟଧିକ ସେବା କରିବାରୁ ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ ତାଙ୍କୁ ସେଠାରୁ ହଟାଇଥିଲେ। ତେବେ ସରକାରଙ୍କର ଅତି ଆପଣାର ଥିବା ସରୋଜଙ୍କୁ ତୁରନ୍ତ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ପଦରେ ନିଯୁକ୍ତି ମିଳିଥିଲା। ସେଠାରେ ରହି ବିଜେଡି ସରକାରଙ୍କୁ ଯେତେ ପ୍ରକାରର ସାହାଯ୍ୟ ସହଯୋଗ କରାଯାଇପାରିବ, ତାହା ସେ କରିଥିଲେ।



- ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଚାଲିଛି ଲବି
- ଅବସର ପୂର୍ବରୁ ଆବେଦନ କରିଛନ୍ତି ସରୋଜ

ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କର ନିଜ ଅଞ୍ଚଳର ଲୋକ ହୋଇଥିବାରୁ ବବିଙ୍କ ବଳରେ ସରୋଜ ଅତ୍ୟନ୍ତ ବଳୀୟାନ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ବିଜେଡି ସରକାରକୁ ସବୁ ପ୍ରକାର ସହଯୋଗ କରିଥିଲେ। ତାଙ୍କରି ନିର୍ଦ୍ଦେଶରେ ବିଜେଡି ସରକାରର ସ୍ତୁତିଗାନରେ ଶତମୁଖ ହୋଇଥିଲେ ଗଣମାଧ୍ୟମ। ସରକାରୀ ବିଜ୍ଞାପନ ତାଲିକା ବାହାରେ ବି ପୃଷ୍ଠା ପୃଷ୍ଠା ବିଜ୍ଞାପନ ବାବଦରେ ପଇଠ କରିଥିଲେ। ବଡ଼ ବଡ଼ ଖବରକାଗଜକୁ ନିଜ ଇଚ୍ଛା ଅନୁଯାୟୀ ବିଜ୍ଞାପନ ଦେଉଥିଲେ। ଛୋଟ ଛୋଟ କାଗଜକୁ ସେତେବେଳେ ଆଡ଼ ଆଖିରେ ବି ଚାହିଁନଥିଲେ। ମଉକାର ଫାଇଦା ଉଠାଇ ଦପ୍ତରର କିଛି ବାବୁ ବି ଭଲ ହାତଚିକ୍କଣ କରିଥିଲେ।

ତେବେ ବିଜେଡି ସରକାରକୁ ଆଖିବୁଜା ସହାୟତାର ପୁରସ୍କାର ତାଙ୍କୁ ନିର୍ବାଚନ ପରେ ବି ମିଳିଛି। ବିଜେଡି ମାମଲତକାରଙ୍କ ପ୍ରଭାବରେ ସରୋଜ କିଛି ବିଜେପି ନେତାଙ୍କ ନିକଟତର ହୋଇ ଏବେ ରାଜ୍ୟ ମୁଖ୍ୟ ସୂଚନା କମିଶନର ପଦବୀ ପାଇବାକୁ ଆବେଦନ କରିଛନ୍ତି। ତାଙ୍କୁ ସେହି ପଦବୀରେ ବସାଇବା ପାଇଁ ବିଜେପିର କିଛି ନେତାଙ୍କ ସହିତ ଗୋଟିଏ ଅଫିସର ଗୋଷ୍ଠୀ ମଧ ଲବି ଚଳାଇଥିବା ସୂଚନା ମିଳିଛି।

ତେବେ ଚାକିରି ସମୟରେ ଖୋଦ୍ ଭାରତର ନିର୍ବାଚନ କମିଶନ ତାଙ୍କୁ ଜିଲ୍ଲାପାଳ ପଦରୁ ତଡ଼ିଥିବାବେଳେ ବର୍ତ୍ତମାନର ସରକାର ତାଙ୍କୁ କିଭଳି ମୁଖ୍ୟ ସୂଚନା କମିଶନର କରିବାକୁ ଯାଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର। ତେବେ ଏହି ପଦବୀରେ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଚୂଡ଼ାନ୍ତ ଅନୁମୋଦନ ଆବଶ୍ୟକ ଥିବାରୁ ମୋହନଙ୍କୁ ଅନ୍ଧାରରେ ରଖି ଏଭଳି ଖେଳ ଆରମ୍ଭ ହୋଇଥିବା ନେଇ ସଚିବାଳୟରେ ଆଲୋଚନା ଚାଲିଛି। ତେବେ ଏହାର ସୁରାକ ପାଇବା ପରେ ବିଜେପିର କିଛି ନେତା ଏବେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ବଢ଼ିବ ତାତି, ୧୦ ଜିଲ୍ଲାକୁ କୁହୁଡ଼ି ସତର୍କତା ଜାରି

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଖରା ସହ ଅସ୍ୱାଭାବିକ ଗରମର ଅନୁଭୂତି ହେଲାଣି। ଜାନୁଆରୀ ଶେଷରେ ବି ଟାଇଁ ଟାଇଁ ଖରା । କାରଣ ବଢିଲା ଦିନ ସହ ରାତିର ତାପମାତ୍ରା । ସ୍ୱାଭାବିକ ଠାରୁ ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହୋଇଛି। ଆସନ୍ତା ୫ ଦିନ ପରେ ଆହୁରି ବଢିବ ତାପମାତ୍ରା। ଅଧିକାଂଶ ଜିଲ୍ଲାରେ ସ୍ୱାଭାବିକ ଠାରୁ ୪ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢିବ ତାତି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି," ଗତ ୨୪ ଘଣ୍ଟା ମଧ୍ୟରେ କିଛି କିଛି ସ୍ଥାନରେ ଘନ କୁହୁଡି ଦେଖା ଦେଇଛି। ଆଗାମୀ ୭ ଦିନ ଯାଏ ପାଗ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ହେବ । ବର୍ଷାର କୌଣସି ସମ୍ଭାବନା ନାହିଁ । ବିଶେଷ କରି ଉପକୂଳ ଅପେକ୍ଷା ଆଭ୍ୟନ୍ତରୀଣ ଓଡିଶାରେ ବଢିବ ଦିନ ତାପମାତ୍ରା। ଉପକୂଳ ଓଡିଶାରେ ଅହେତୁକ ବଢିବ ରାତିର ତାପମାତ୍ରା । ମେଘମୁକ୍ତ ଆକାଶ ସହ ପବନର ଉତ୍ତରାୟଣ ଗତିକୁ ନେଇ ମଧ ବୃଦ୍ଧି ହେବ ତାପମାତ୍ରା । ସେପଟେ ଆହୁରି ପୃଷ୍ଠା-୬

ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

# ଚିତ୍ରୋତ୍ପଳା ନଦୀବନ୍ଧର ହେବ ଉନ୍ନତିକରଣ



**ଗରଦପୁର,୩୧।୧(ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଗରଦପୁର ବ୍ଲକର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ନୂତନ ପ୍ରକଳ୍ପର ଶିଳାନ୍ୟାସ ଶୁକ୍ରବାର ପୂର୍ବାହ୍ନ ସମୟରେ କରିଛନ୍ତି ବିଧାୟକ ଅରବିନ୍ଦ ମହାପାତ୍ର। ପ୍ରଥମେ ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱ ନଇନ୍ଦିପୁର-ପାଟକୁରା ନଦୀବନ୍ଧର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିବା ବେଳେ ଦୁଇ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଚିତ୍ରୋତ୍ପଳା ନଦୀ ବନ୍ଧର କୋରୁଆ ଠାରୁ ରାଘବପୁର ପର୍ଯ୍ୟନ୍ତ ଉନ୍ନତି କରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ଶ୍ରୀ ମହାପାତ୍ର। ଏହି ଶିଳାନ୍ୟାସ ଉତ୍ସବକୁ ପାଟକୁରା ଅଞ୍ଚଳର ହଜାର ହଜାର ସମର୍ଥକ ଓ ଦଳୀୟ କର୍ମୀମାନଙ୍କ ଉପସ୍ଥିତିରେ ପ୍ରଥମେ ବିରାଟ ପଟୁଆର କରି ଗରଦପୁର ପଞ୍ଚାୟତ ଅଧୀନରେ ଥିବା ନଇନ୍ଦିପୁର ପର୍ଯ୍ୟନ୍ତ ଯାଇ ଶିଳାନ୍ୟାସ କରିବା ପରେ ସେଠାରୁ କୋରୁଆ ପର୍ଯ୍ୟନ୍ତ ବିଶାଳ ରାଲିରେ ବିଧାୟକ ପହଁଚିଥିଲେ । ସେଠାରେ ବିଧାୟକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଆଗାମୀ ଦିନରେ ପାଟକୁରା ଅଞ୍ଚଳର ଉନ୍ନତି ପାଇଁ ମୋର ଯେଉଁ ସ୍ୱପ୍ନ ରହିଛି ତାହା ନିଶ୍ଚିତ ଭାବେ ପୂରଣ କରିବି ବୋଲି ବିଧାୟକ ଅରବିନ୍ଦ ମହାପାତ୍ର ତାଙ୍କ ଅଭିଭାଷଣରେ କହିଥିଲେ। ବିଧାୟକଙ୍କ ଏତାଦୃଶ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଥିବାର ଦେଖିବାକୁ ମିଳିଥିଲା । ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ୍, ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ କୁମାର ମହାରାଜ,ଜିଲ୍ଲାପରିଷଦ ସତ୍ୟାନନ୍ଦ ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ବାସୁଦେବ ବେହେରା, ଦିଲ୍ଲୀପ ସାହୁ, ଦିଲ୍ଲୀପ ସେଠୀ,କ୍ଷୀରୋଦ ମହାନ୍ତି,ଶୈଳେନ୍ଦ୍ର ମହାନ୍ତି,ରଞ୍ଜିତ୍ ପଣ୍ଡା,ସରପଞ୍ଚ ଅମିୟ ନାୟକ, ଅନୁଷୟା ବେହେରା,ଗୀତାଞ୍ଜଳି ମହାନ୍ତି, ସମିତି ସଭ୍ୟ ରାକେଶ ମହାପାତ୍ର,ପ୍ରଭାସ ଚନ୍ଦ୍ର ସାହୁ, ଅରୁଣ ପଟ୍ଟନାୟକ,ଭାଗବତ ସ୍ୱାଇଁ, ବିପ୍ଳବ ଜେନା, ନାରାୟଣ ପ୍ରସାଦ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଅହଲ୍ୟା ଲେଙ୍କାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ହଜାର ହଜାର ଦଳୀୟକର୍ମୀ ଉପସ୍ଥିତ ଥିଲେ।

# ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ଯୁବ ସ୍ୱେଚ୍ଛାସେବୀ ପୁରସ୍କୃତ

**ରାଜନଗର,୩୧।୧(ସଂଚାର ବ୍ୟୁରୋ):** ରାଜ୍ୟ ଆଞ୍ଚଳିକ ପରିବହନ ନିଗମ କେନ୍ଦ୍ରାପଡା ଶାଖା ପକ୍ଷରୁ ସଡକ ସୁରକ୍ଷା ମାସ ଅବସରରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଟାଉନ ହଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଏମ ନିଲୁ ମହାପାତ୍ର, ଆରଟିଓ ଧିରେନ କୁମାର ନାୟକ, ଅତିରିକ୍ତ ଏସପି ସୁଧାକର ସାହୁ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜନଗର ବ୍ଲକ ହାତିନା ପଂଚାୟତ ଅନ୍ତର୍ଗତ ଜୁଣୁପଙ୍ଗରା ଗ୍ରାମର ଯୁବ ସ୍ୱେଚ୍ଛାସେବୀ ସନ୍ୟାସୀ କୁମାର ରାଉତଙ୍କୁ କର୍ତବ୍ୟ ନିଷ୍ଠା, ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଡାକ୍ତରଖାନାରେ ପହଁଚାଇବା ଓ ଅସହାୟମାନଙ୍କୁ ସହାୟତା କ୍ଷେତ୍ରରେ ପୁରସ୍କୃତ କରାଯାଇଛି। ସଡକ ସୁରକ୍ଷା ମାସର ଉଦଯାପନୀ କାର୍ଯ୍ୟକ୍ରମପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।



ପଦ୍ମଲୋଚନ ନୋଡାଲ୍ ବିଦ୍ୟାପୀଠର ବାର୍ଷିକୋତ୍ସବ

# ଶିକ୍ଷା, ସଂସ୍କୃତି ପ୍ରସାରରେ ସଭ୍ୟତାର ବିକାଶ ହୋଇଥାଏ

**ପଟ୍ଟାମୁଣ୍ଡାଇ,୩୧।୧(ସଂଚାର ବ୍ୟୁରୋ):** ଉତ୍ତିକଣ ଅଞ୍ଚଳରେ ଶିକ୍ଷାର ଆଲୋକ ପ୍ରଦାନ କରିଆସୁଥିବା ସର୍ବପୁରାତନ ଶିକ୍ଷାନୁଷ୍ଠାନ ଚନ୍ଦନନଗରସ୍ଥିତ ପଦ୍ମଲୋଚନ ନୋଡ଼ାଲ ବିଦ୍ୟାପୀଠର ୬୭ତମ ବାର୍ଷିକ ଉତ୍ସବ ଗତ ୨୯ ତାରିଖରେ ଉଦ୍‌ଯାପିତ ହୋଇଛି। ଏହି ଦୁଇଦିନିଆ ଉତ୍ସବକୁ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ଉଦ୍‌ଘାଟନ କରିବା ଅବସରରେ ଶିକ୍ଷା ଓ ସଂସ୍କୃତିର ପ୍ରସାରରେ ହିଁ ସଭ୍ୟତାର ବିକାଶ ଘଟିଥାଏ। ସେଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ଉତ୍ତମ ଛାତ୍ରଛାତ୍ରୀ ଗଠନ ଦିଗରେ ପ୍ରୟାସ କରିବା ଉଚିତ ବୋଲି କହିଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ କହିଛନ୍ତି ଯେ ବୈଷୟିକ ବିକାଶର ଅଗ୍ରଗତି ସହ ବୌଦ୍ଧିକ ବିକାଶ ତାଳ ଦେଇ ଆଗକୁ ଯାଇପାରିନାହିଁ। ଫଳରେ ସମାଜ ନାନାଦି ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଶିକ୍ଷାର ବିକାଶ ସହ ଶିକ୍ଷା ମାନବୃଦ୍ଧି ତ୍ୱରାନ୍ୱିତ ହେଲେ ବୌଦ୍ଧିକ ବିକାଶ ପଥରେ ଥିବା ଅନ୍ତରାୟ ଦୂର ହୋଇପାରିବ ବୋଲି ଶ୍ରୀ ସାହୁ କହିଛନ୍ତି। ପ୍ରଧାନଶିକ୍ଷକ ହେମନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଦୁଇଦୁନିଆ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଯାଜପୁରର ସହକାରୀ ଜିଲ୍ଲାପାଳ ଅଶୋକ କୁମାର ବେହେରା, ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ପଞ୍ଚାନନ ଧଳ, ପଞ୍ଚାୟତ ସମିତି ସଭ୍ୟ ମାନସ କୁମାର ମଲ୍ଲିକ ଓ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ନିରଞ୍ଜନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ପୂର୍ବତଟ ରେଳପଥର ଉପମୁଖ୍ୟ ସଙ୍କେତ ଓ ଦୂରସଞ୍ଚାର ଯନ୍ତ୍ରୀ ଜୟ ନାରାୟଣ ଅଖିଳ ନାଥ ମୁଖ୍ୟ ଅତିଥି, ସରପଞ୍ଚ ବନୋଜ କୁମାର ସେଠୀ ବିଶିଷ୍ଟ ଅତିଥି ଓ ସିଆର୍‌ସିସି ରଞ୍ଜନ କୁମାର ସାହୁ ଉପସ୍ଥିତ ଥିଲେ।

ସେହିପରି ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ସଚ୍ଚିଦାନନ୍ଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ଓ ଜ୍ଞାନର ବିକାଶ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଭାସ୍କର ଚନ୍ଦ୍ର ରାଉତରାୟ ବିଶିଷ୍ଟ ଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ରଘୁନାଥ ମଲ୍ଲିକ, ବିଚିତ୍ର କୁମାର ସିଂ, ନିରଞ୍ଜନ ଶତପଥୀ ଓ କବି ନଳିନୀପ୍ରଭା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାପୀଠର ପଞ୍ଚସଖା ଶିକ୍ଷାସେତୁର ସଭାପତି ପ୍ରଫୁଲ୍ଲ କୁମାର ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିଗଣ ସ୍ମରଣିକା 'ଚନ୍ଦନ'କୁ ଉନ୍ମୋଚନ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ବାରିକ ଅତିଥି ପରିଚୟ ଦେଇଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ବନଜିନୀ ସାହୁ। ଶିକ୍ଷୟିତ୍ରୀ ସ୍ନେହମୟୀ ରଥ ଓ ସୌମ୍ୟାଶ୍ରୀ କର ସଭା ପରିଚାଳନା କରିଥିଲେ। ଶିକ୍ଷକ ପ୍ରକାଶ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ମେଗା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମାରୋହକୁ ଶିକ୍ଷକ ଆଶିଷ କାର୍ଜୀ, ଦୀପ୍ତିଶଙ୍କର ରାଉଳ, ସଞ୍ଜୟ ପ୍ରଧାନ, ଶିକ୍ଷୟିତ୍ରୀ ବନ୍ଦନା ଦାଶ, କନକଲତା ଷଡଙ୍ଗୀ, ଶୁଭଶ୍ରୀ ସ୍ୱାଇଁ ଓ ତପସ୍ୱିନୀ ରାଉତ ପରିଚାଳନା କରିଥିଲେ। ଶିକ୍ଷକ ଦୁର୍ଗା ପ୍ରସାଦ ପରିଡ଼ା, ଭୋଳାନାଥ ଜୀବନ ଦାସ, ଲୋହିତ ଚନ୍ଦ୍ର ମହାନ୍ତି, ସମ୍ବେଦକୁମାର ରାଉତରାୟ, ଅବିନାଶ ଓ ସୁରେଶ ଏଥିରେ ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଗୀତ, ନୃତ୍ୟ, ନାଟକ, ଚିତ୍ରାଙ୍କନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଜାତୀୟ ସଡ଼କ ସୁରକ୍ଷା-୨୦୨୫ ଉଦ୍‌ଯାପନୀ ଉତ୍ସବ

# ସଚେତନତା ଅବଲମ୍ବନରେ ଦୁର୍ଘଟଣା ଦୂରହେବ

**କେନ୍ଦ୍ରାପଡ଼ା,୩୧।୧(ସଂଚାର ବ୍ୟୁରୋ):** ଜିଲ୍ଲା ସଡ଼କ ସୁରକ୍ଷା ସମିତି, କେନ୍ଦ୍ରାପଡ଼ା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଜାନୁଆରୀ ୧ ତାରିଖ ୨୦୨୫ ଠାରୁ ଆରମ୍ଭ କରାଯାଇଥିବା ସଚେତନତା କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ କେନ୍ଦ୍ରାପଡ଼ା ମୁନସିପାଲିଟି ଟାଉନ ହଲଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା କ୍ରିଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ତପନ କୁମାର ପତି ଯୋଗ ଦେଇଥିଲେ ।




ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଏକ ମାସ ଧରି ଏକ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକରେ ସଚେତନତା ବାର୍ତ୍ତା ବାଣ୍ଟିଥିଲା । ଜିଲ୍ଲା ପରିବହନ ବିଭାଗ ଦ୍ୱାରା ଜାତୀୟ ରାଜପଥ ଓ ଅନ୍ୟାନ୍ୟ ସ୍ଥାନରେ ଲୋକମାନଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରିବା ସହ ନିୟମ ଅନୁଯାୟୀ ଯାଞ୍ଚ କରାଯାଇଥିଲା । ବିଭିନ୍ନ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବା ସହ ୧୮ ବର୍ଷରୁ କମ ବୟସ୍କ ଛାତ୍ରଛାତ୍ରୀମାନେ ଗାଡି ନ ଚଳାଇବା, ଡ୍ରାଇଭିଂ ଲାଇସେନ୍ସ ବିନା ଗାଡି ନଚଳାଇବା, ଗାଡି ଚଳାଇବା ବେଳେ ହେଲମେଣ୍ଟ ପରିଧାନ କରିବା ଓ ଗାଡି ଚଳାଇବା ବେଳେ ମୋବାଇଲରେ କଥା ନ ହେବା ଆଦି ବିଷୟରେ ସଚେତନ କରାଯାଇଥିଲା। "ସଡ଼କ ସୁରକ୍ଷା ପରିବାର ରକ୍ଷା" ବିଷୟକୁ ଧ୍ୟାନ ଦେବା ସହ ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ସମସ୍ତେ ମାନିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଏହି ଉପଲକ୍ଷେ ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ନେଇ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରା ତିନିମୁହାଣୀ ରାମ ମନ୍ଦିର ଠାରୁ ସହର ମଧ୍ୟଦେଇ ମୁନସିପାଲିଟି ଟାଉନ ହଲଠାରେ ପହଞ୍ଚିଥିଲା । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସକାଳ ୯ ଘଟିକା ସମୟରେ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିବା ଚିତ୍ରାଙ୍କନ, କୁଇଜ, ବକ୍ତୃତା, ରଚନା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ଏବଂ ୪ଜଣ ଗୁଡସମାରିଟିୟାନଙ୍କୁ ପ୍ରମାଣପତ୍ର ଓ ୨୦୦୦ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

# ଅବସର ଦିନ ଶିକ୍ଷୟିତ୍ରୀଙ୍କୁ ପେନସନ ପ୍ରଦାନ

**ପଟ୍ଟାମୁଣ୍ଡାଇ, ୩୧।୧(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଅବସର ଗ୍ରହଣ ଦିନ ପୂର୍ଣ୍ଣ ପେନସନ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଆଜି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବା ୨ଜଣ ଶିକ୍ଷୟତ୍ରୀଙ୍କୁ ପୂର୍ଣ୍ଣକାଳୀନ ପେନସନ ପ୍ରଦାନ କରିଛନ୍ତି। ଏଇ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବି ଇ ଓ ହରିହର ଦଳାଇ ଆଜି ଅବସର ଗ୍ରହଣ କରିଥିବା ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ କୁମାରୀ ମହାପାତ୍ର, ମଟ୍ଟିପନ୍ତୁରି ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟତ୍ରୀ କାନନବାଳା ପ୍ରଧାନଙ୍କୁ ପୂର୍ଣ୍ଣ ପେନସନ ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁନୀତି ଦାଶ ରାଜ୍ୟସ୍ତରୀୟ ଶିକ୍ଷକ ନେତା ସି ଆର ସି ସି ମଳୟ ଜେନା ସି ଆର ସି ସି ରଞ୍ଜନ ସାହୁ, ସି ଆର ସି ସି ସଂଘମିତ୍ରା ନାୟକ ଓ ସି ଆର ସି ସି ବିଭୁ ରଞ୍ଜନ ସାହୁ, ବି ଇ ଓ ଅଫିସ ମୁଖ୍ୟକିରାଣୀ ହିମାଂଶୁ ଶେଖର ବେହେରା ଉପସ୍ଥିତ ଥିଲେ ।



# ମାଇକ୍ ମେସିନ ଚୋରି, ଥାନାରେ ଅଭିଯୋଗ

**ରାଜନଗର,୩୧।୧(ସଂଚାର ବ୍ୟୁରୋ):** ରାଜନଗର ଥାନା ସଦର ମହକୁମା ମାଛ ମାର୍କେଟ ନିକଟ ଲଂଚ ଅବତାରଣ ଜେଠି ଘରୁ ଗତ ବୁଧବାର ରାତିରେ ଚୋରି ହୋଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ରାଜନଗର ଗାଁର ବିଭୁନା ସେଠୀ ସାଉଣ୍ଡ ସିଷ୍ଟମରେ ବ୍ୟବହୃତ ମାଇକ ଓ ମେସିନ ଚୋରି କରିଥିବା ନେଇ ରାଜନଗର ଗାଁ ସତ୍ୟବାନ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ବିଭୁନା ଚଳିତ ମାସ ୨୯ ତାରିଖ ବୁଧୁବାର ରାତ୍ର ୧ଟା ୪୦ ମିନିଟ ସମୟରେ ଲଞ୍ଚ ଜେଠି ଘରେ ପଶି ଘରେ ଥିବା ଟେଣ୍ଟ ହାଉସର ମାଇକି ୨୫୦ ମେସିନ ଓ ୮ ଲାଇଟକୁ ଗାଡ଼ିରେ ନେଇଯାଇଛି। ଯାହାର ପ୍ରମାଣ ସି ସି ଟିଭି ଫୁଟେଜରେ ରହିଛି। ସେହିପରି ଏହି ଗାଁ ର ସହଦେବ ସେଠୀଙ୍କ ଅଭିଯୋଗ ମୁତାବକ ସେ ବୁଧବାର ରାତିରେ ନିଜ ବାଇକ ଦୋକାନ ଆଗରେ ରଖି ଦୋକାନରେ ଶୋଇଥିଲେ। ରାତ୍ରି ୧ଟା ୪୦ ମିନିଟରେ ବିଭୁନା ସେଠୀ ସହଦେବଙ୍କ ବାଇକରୁ ତେଲ ଚୋରି କରୁଥିବା ସି ସି ଟିଭି ଫୁଟେଜ ଦେଖି ଜାଣିପାରିଥିଲେ। ଏ ନେଇ ସହଦେବ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ବିଭୁନାକୁ ଥାନାକୁ ଆଣି ପଚାରା ଉଚରା କରୁଛନ୍ତି।

ଯୁବକଙ୍କ ଭିନ୍ନକ୍ଷମ ପ୍ରମାଣପତ୍ରରେ ତ୍ରୁଟି

# ଥିଲା ୮୦%, ହେଲା ୭୦% ; ସହାୟତା ପାଇବାରୁ ବଞ୍ଚିତ

**କେନ୍ଦ୍ରାପଡା, ୩୧।୧(ସଂଚାର ବ୍ୟୁରୋ):** ଜଣେ ଭିନ୍ନକ୍ଷମ ଯୁବକଙ୍କ ଭିନ୍ନକ୍ଷମ ପ୍ରମାଣପତ୍ରର ପ୍ରତିଶତ ତ୍ରୁଟି କରି କମ୍ କରିଦିଆଯାଇଛି। ଯାହାଦ୍ୱାରା ସେ ସରକାରୀ ବା ବେସରକାରୀ ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି। ଯାହା ଫଳରେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପହଂଚି ଗୁହାରି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏନେଇ ସେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ତାଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତାଙ୍କର ଭିନ୍ନକ୍ଷମ ପ୍ରତିଶତ ପରୀକ୍ଷା କରି ଉପଯୁକ୍ତ ପ୍ରତିଶତ ପ୍ରଦାନ କରିବାକୁ ସେ ଦାବିରେ ଉଲ୍ଲେଖ କରିଛନ୍ତି।



ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ/ଥାନା ପଦ୍ମପୁର ଗ୍ରାମର ଦିଲ୍ଲିପ ସାମନ୍ତରାୟଙ୍କ ପୁତ୍ର ଲଲାଟେନ୍ଦୁ ସାମନ୍ତରାୟ ଜଣେ ଭିନ୍ନକ୍ଷମ ଯୁବକ। ପୂର୍ବରୁ ତାଙ୍କର ଯେଉଁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା ସେଥିରେ ତାଙ୍କୁ ୮୦% ଭିନ୍ନକ୍ଷମ ପ୍ରତିଶତ ଦର୍ଶାଯାଇଥିଲା। ଯାହାର ପ୍ରମାଣପତ୍ରର ନମ୍ବର ରହିଥିଲା ୧୯୦। ହେଲେ ଡିଜିଟାଲ ପ୍ରମାଣପତ୍ର ପାଇଁ ଭେରିଫିକେସନ କରାଯିବାରୁ ପୁରୁଣା ସାର୍ଟିଫିକେଟ ବାତିଲ କରାଯାଇ ନୂତନ ଭାବରେ ସାର୍ଟିଫିକେଟ ପ୍ରଦାନ କରାଗଲା। ହେଲେ ସେଥିରେ ତାଙ୍କର ପ୍ରତିଶତ ୭୦ ମିଳିଲା। ଯାହା ଫଳରେ ସେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ଅଛନ୍ତି। ଏନେଇ ସେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ତାଙ୍କୁ ପୁନଃ ପରୀକ୍ଷା କରି ଉପଯୁକ୍ତ ପ୍ରତିଶତ ପ୍ରଦାନ କଲେ ସେ ସରକାରଙ୍କ ସୁବିଧାର ଲାଭ ପାଇପାରନ୍ତେ ବୋଲି ସେ କହିଛନ୍ତି।

# ନଳକୂପରୁ ବାହାରୁଛି କଳଙ୍କି, ହେଉନି ଜଳ ପରୀକ୍ଷଣ

**ମହାକାଳପଡ଼ା, ୩୧।୧(ସଂଚାର ବ୍ୟୁରୋ):** ନଳକୂପ ସାରା କଳଙ୍କି ଲାଗିଗଲାଣି। ପାଣିରୁ ବାହାରୁଛି କଳଙ୍କି। ବେଳେବେଳେ ଛୋଟ ଛୋଟ ଧଳା ପୋକ ମଧ୍ୟ ବାହାରୁଛନ୍ତି। ନା ପାଣି ପରୀକ୍ଷା କରାଯାଉଛି ନା ନଳକୂପ ର ଲୁହା ଶରୀର ବଦଳୁଛି। ଖାଲି ରଙ୍ଗ ମାରି ଦେଇ ବିଭାଗୀୟ ଅଧିକାରୀ ନିଜର ଦାୟିତ୍ୱ ସାରି ଦେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।



ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମର ମଝି ଭାଗରେ ଥିବା ନଳକୂପଟି ଏବେ ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ବହୁବର୍ଷ ଧରି ଏହି ନଳକୂପ ଉପରେ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ବ୍ୟବହାର କରି ଆସୁଛନ୍ତି। ହେଲେ ଏବେ ଏହାର ଜଳ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ପାଣି ମାଡିଲେ ପାଣିରୁ କଳଙ୍କି ବାହାରୁଛି। ଧଳା ପୋକ ମଧ୍ୟ ଦେଖିବାକୁ ମିଳୁଛି। ନଳକୂପର ଲୁହା ଶରୀର କଳଙ୍କିରେ ଛାଇ ହୋଇଛି। ନା କେବେ ବିଭାଗ ତରଫରୁ ପାଣି ପରୀକ୍ଷା କରାଯାଉଛି, ନା ଲୋକଙ୍କୁ ପାଣି ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି। ଜୀବନକୁ ପାଣି ଛଡ଼ାଇ ନଳକୂପ ମୁହଁରେ କପଡ଼ା ବାନ୍ଧି ଲୋକେ ସେହି ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରୁଛନ୍ତି। ବିଭାଗୀୟ କର୍ମଚାରୀ କେବଳ ନଳକୂପରେ ରଙ୍ଗ ମାରି ତାଙ୍କର କାମ ସାରିଦେଉଛନ୍ତି। ଏମିତି ଅଭିଯୋଗ ଆଣି ଲୋକେ ବିଭାଗୀୟ ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଏଠି ପ୍ରଶ୍ନ ଯଦି ନଳକୂପରୁ ଏମିତି ପାଣି ବାହାରୁଛି ତେବେ ଏ ପାଣି ବ୍ୟବହାର କରି ଲୋକଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ ତ? ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନଳକୂପ ମରାମତି ସହ କଳଙ୍କି ଯୁକ୍ତ ଲୁହା ଶରୀରକୁ ବଦଳାଇ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହେଉଛି।

କଳଙ୍କିରେ ଖାଇଗଲାଣି ନଳକୂପ
ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବା ଆଶଙ୍କା

# ରାଜନଗର ରୋଗୀ କଲ୍ୟାଣ ସମିତି ବୈଠକ

- ଆସିବ ଡିଜିଟାଲ ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ ମେସିନ
- ମହାପ୍ରୟାଣ ଓ ଆମ୍ବୁଲାନ୍ସ ପାଇଁ ନିଯୁକ୍ତି ହେବେ ଡ୍ରାଇଭର

**ରାଜନଗର,୩୧।୧(ସଂଚାର ବ୍ୟୁରୋ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରୋଗୀଙ୍କୁ ଉତମ ଚିକିତ୍ସା ଯୋଗାଇଦେବା, ମେଡିକାଲ ପରିସରକୁ ସଫାସୁତୁରା ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଂଜନ ମହାନ୍ତି ଗତବୈଠକ ବିବରଣୀ ସଂପର୍କରେ ସୂଚନା ଦେଇଥିଲେ ଓ ଚଳିତ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନା କରିଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସୁବିଧା ପାଇଁ ଆବଶ୍ୟକ ଥିବା ଡିଜିଟାଲ ଏକ୍ସରେ ମେସିନ ଓ ଅଲଟ୍ରା ସାଉଣ୍ଡ ମେସିନ ଆସିବ। ଏହି ଦୁଇଟି ମେସିନ ବସିବା ପାଇଁ ଘର ନିର୍ମାଣ ହେବା ପରେ କାର୍ଯ୍ୟକ୍ଷମ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଏଥିସହ ମେଡିକାଲ କ୍ୟାମ୍ପସ ଭିତରେ ଥିବା ମେଡିସିନ ଷ୍ଟୋର କିପରି ଡ୍ରଗ୍ସ ଲାଇସେନ୍ସ ରେନୁଆଲ ନହୋଇ ଚାଲିଛି। ମେଡ଼ିସିନ ଷ୍ଟୋରର ମାଲିକଙ୍କ ମୃତ୍ୟୁ ହୋଇ ସାରିଥିବାରୁ ଡ୍ରଗ୍ସ ବିଭାଗକୁ ମେଡିକାଲ ଅଫିସର ଚିଠି କରିବା ପାଇଁ ନିଷ୍ପତି ହୋଇଛି। ଏହାବାଦେ ବୈଠକରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଓପିଡି ବିଲଡିଙ୍ଗ କାମ ଶୀଘ୍ର ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।



ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ବିଲଡିଙ୍ଗ କାମ ସାରି କାର୍ଯ୍ୟକ୍ଷମ କରିବାକୁ ବିଧାୟକ କହିଥିଲେ।ଏଥି ସହିତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଓ ଅମ୍ବୁଲାନ୍ସ ଥିଲେ ମଧ୍ୟ ରୋଗୀ ସେବା ପାଇପାରୁନାହାନ୍ତି ବୋଲି ସଭ୍ୟ ସୂର୍ଯ୍ୟ ନାରାୟଣ ଲେଙ୍କା କହିଥିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଓ ଅମ୍ବୁଲାନ୍ସ ଦୁଇଟି ଗାଡି ଥିଲେ ମଧ୍ୟ ଜଣେ ମାତ୍ର ଡ୍ରାଇଭର ଥିଲେ। ଡ୍ରାଇଭର ଜଣକ ରିଯାଇନ ଦେଇଦେଇଛନ୍ତି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାନ୍ତି କହିଥିଲେ। ଦୁଇଟି ଗାଡି ପାଇଁ ଦୁଇ ଜଣ ଡ୍ରାଇଭର ନିଯୁକ୍ତି କରିବାକୁ ବୈଠକରେ ନିଷ୍ପତି ହୋଇଛି। ଏଥି ସହିତ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମ୍ବୁଲାନ୍ସ ରଖିବାକୁ ପଞ୍ଚାୟତ ସମିତି ଉପଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ପ୍ରସ୍ତାବ ଦେଇଥିଲେ।

ବୈଠକରେ ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ତହସିଲଦାର ଅଜୟ କୁମାର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କମିଟିର ସଦସ୍ୟ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀ, ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଲେଙ୍କା, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନଙ୍କ ସମେତ ସିଡିପିଓ, ଏନଆରଏଚଏମ କନିଷ୍ଠ ଯନ୍ତ୍ରୀ ବିପିଏମ ଶ୍ରୀକାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଫାସୁତରା ରଖିବାରେ ଦଇତ୍ୱ ନିଭାଉଥିବା ସଫେଇ କର୍ମଚାରୀ ଯୀଶୁଖ୍ରୀଷ୍ଟ ରାଉତ, ଗୌତମ ମାହାରୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।

# ବିଜେପି ପକ୍ଷରୁ ରାହୁଲ ଗାନ୍ଧୀ ଓ ସୋନିଆଙ୍କ କୁଶପୁତ୍ତଳିକା ଦାହ

**ମହାକାଳପଡ଼ା, ୩୧।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ଗୋଡ଼ାଠାରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକଙ୍କ ଆହ୍ୱାନକ୍ରମେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟକର୍ତ୍ତାମାନେ ଏକାଠି ହୋଇ ମାନ୍ୟବର ରାଷ୍ଟ୍ରପତିଙ୍କ ଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ବିରୋଧ କରି କାର୍ଯ୍ୟକର୍ତ୍ତାମାନେ ରାହୁଲ ଗାନ୍ଧୀ ଓ ସୋନିଆଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବୟାନ କଂଗ୍ରେସର ସାମନ୍ତବାଦୀ ମାନସିକତା, ସେମାନଙ୍କ ଅହଂକାର ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟରୁ ଆସିଥିବା ରାଷ୍ଟ୍ରପତିଙ୍କ ପ୍ରତି ସେମାନଙ୍କର ନିରାଶା ତଥା ମହିଳା ବିରୋଧୀ ମାନସିକତାକୁ ପ୍ରତିଫଳିତ କରୁଛି । କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସସି-ଏସଟି-ଓବିସି ଏବଂ ମହିଳା ବିରୋଧୀ ରହିଆସିଛି । ପୁଣି ଥରେ ଆଜି କଂଗ୍ରେସ ସେହି ମାନସିକତାର ପରିଚୟ ଦେଇଛି ।



ଆଗରୁ ମଧ୍ୟ କଂଗ୍ରେସ ଦଳ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କୁ ଅପମାନିତ କରିଥିଲା । ଅଯୋଧ୍ୟା ରାମମନ୍ଦିରକୁ ରାଷ୍ଟ୍ରପତି ଦର୍ଶନ କରିବା ପରଦିନ ଏହାକୁ ଗଙ୍ଗାଜଳରେ ଶୋଧନ କରିବା କଥା କଂଗ୍ରେସର ଜଣେ ନେତା କହିଥିଲେ । ଦେଶର ସର୍ବୋଚ୍ଚ ପଦବୀରେ ରହିଥିବା ଦଳିତ, ଅବହେଳିତ ଓ ପଛୁଆ ସମ୍ପ୍ରଦାୟର ଲୋକମାନଙ୍କୁ କଂଗ୍ରେସ ନେତାମାନେ କେବେ ବି ବରଦାସ୍ତ କରିପାରିବେ ନାହିଁ ବୋଲି ଉପସ୍ଥିତ ବିଜେପି ନେତା ମାନେ ବୟାନବାଜି କରିଥିଲେ। କଂଗ୍ରେସ କେବଳ ଏସଟି ସମ୍ପ୍ରଦାୟକୁ ଅପମାନିତ କରିନାହିଁ ବରଂ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅସମ୍ମାନ କରିଛି ତତ୍ ସହିତ ଜଣେ ମହିଳା ଏବଂ ଓଡ଼ିଶାକୁ ମଧ୍ୟ ଅପମାନିତ କରିଛନ୍ତି । ଓଡିଶାବାସୀ କେବେ ବି ଏହାକୁ ଗ୍ରହଣ କରିବେ ନାହିଁ । ରାଷ୍ଟ୍ରପତିଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇଥିବାରୁ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ କ୍ଷମା ମାଗିବା ଆବଶ୍ୟକ ବୋଲି ନେତାମାନେ କହିଥିଲେ।

## କେନ୍ଦ୍ରାପଡା ବିଜେପି ପକ୍ଷରୁ ସୋନିଆ ଏବଂ ରାହୁଲଙ୍କ କୁଶପୁତ୍ତଳିକା ଦାହ

**କେନ୍ଦ୍ରାପଡା:** ରାଷ୍ଟ୍ରପତିଙ୍କୁ ପରିହାସ କରିବା ତଥା ଅପମାନ ଦେବା ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଜୋରଦାର ବିରୋଧ ପ୍ରଦର୍ଶନ ଶୁକ୍ରବାର ସନ୍ଧ୍ୟାରେ କରାଯାଇଛି । କେନ୍ଦ୍ରାପଡା ସହର ପୁରୁଣା ବସ ଷ୍ଟାଣ୍ଡ ନିକଟରେ ପ୍ରତିବାଦ ସ୍ୱରୂପ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହେବା ଆବଶ୍ୟକ ବୋଲି ଦାବି କରିଛନ୍ତି ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ । ଏହି ବିରୋଧ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଦଳର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ଗୋଛାୟତଙ୍କ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଡାକ୍ତର ବ୍ରଜରାଜଙ୍କୁ ସାଧୁବାଦ ଜଣାଇଲେ ସ୍ୱାସ୍ଥ୍ୟ ମନ୍ତ୍ରୀ



ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ): ଚିକିତ୍ସକମାନଙ୍କୁ କାହିଁକି ସମାଜ ସର୍ବାଧିକ ସମ୍ମାନ ଦିଏ ତାହା ଆଜି ଡାକ୍ତର ବ୍ରଜରାଜ କର ପ୍ରମାଣ କରିଛନ୍ତି। ନିଜେ ଅସୁସ୍ଥ ଥିବା ସତ୍ତ୍ୱେ ସାଲାଇନ ଲାଗିଥିବା ଅବସ୍ଥାରେ ଗଜପତି ଜିଲ୍ଲା ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ଶ୍ରୀ କର ସ୍ୱେଚ୍ଛାକୃତ ଭାବେ ସମ୍ପୃକ୍ତ ଡାକ୍ତରଖାନାରେ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବା ଖବର ସୋସିଆଲ ମିଡ଼ିଆ ଓ ଅନ୍ୟାନ୍ୟ ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଜାଣିବାକୁ ପାଇବା ପରେ ଡା. କରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଏହି ପ୍ରେରଣାଦାୟୀ କାର୍ଯ୍ୟ ପାଇଁ ତାଙ୍କୁ ସରକାର ଓ ବିଭାଗ ତରଫରୁ ଭିଡିଓ କଲ ମାଧ୍ୟମରେ ସାଧୁବାଦ ଜଣାଇଛନ୍ତି। ଏପରି ମହତ୍ କାର୍ଯ୍ୟକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଶଂସା କରିବା ସହ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଡା. କରଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ଡା. କରଙ୍କ ଭଳି ନୀତିନିଷ୍ଠ ଓ ନିଃସ୍ୱାର୍ଥପର ଚିକିତ୍ସକ ପାଇଁ କେବଳ ଗଜପତି ଜିଲ୍ଲାର ସ୍ୱାସ୍ଥ୍ୟ ପ୍ରଶାସନ ନୁହେଁ, ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗର୍ବିତ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ରାଜ୍ୟର ଯୁବ ଡାକ୍ତରମାନଙ୍କୁ ଡା. କରଙ୍କ ଭଳି ସମର୍ପିତ ଓ ସେବାପରାୟଣ ମନୋଭାବ ନେଇ ଲୋକଙ୍କ ଚିକିତ୍ସା କରି ଉଭୟ ସର୍ବସାଧାରଣ ଓ ସରକାରଙ୍କ ପ୍ରଶଂସାର ପାତ୍ର ହେବାକୁ ମଧ୍ୟ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ଜଙ୍ଗଲରେ ମାଓ କ୍ୟାମ୍ପ ଠାବ, ବିପୁଳ ପରିମାଣର ଆଇଡି ତିଆରି ସରଞ୍ଜାମ ଓ ବିସ୍ଫୋରକ ଜବତ



ମାଲକାନଗିରି,୩୧।୧(ସଂଚାର ବ୍ୟୁରୋ): ଜଙ୍ଗଲରେ ବଡ଼ ମାଓ କ୍ୟାମ୍ପ । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ପୋଲିସକୁ ମିଳିଛି ବଡ଼ ସଫଳତା । ତୁମରେଲ ଜଙ୍ଗଲରେ ଜବାନଙ୍କ କୁମ୍ବିଂ ଅପରେସନ ବେଳେ ଏକ ବଡ଼ ମାଓ କ୍ୟାମ୍ପ ଠାବ ହୋଇଛି । ମାଓ କ୍ୟାମ୍ପରେ ଚାଲିଥିଲା ଆଇଡି ତିଆରି କାରଖାନା। ମାଟି ତଳେ ମାଓବାଦୀ ଲୁଚାଇ ରଖିଥିଲେ ଆଇଡି ତିଆରି ସରଞ୍ଜାମ ଏବଂ ବିସ୍ଫୋରକ । ସର୍ଚ୍ଚ ଅପରେସନ ବେଳେ ଜବାନଙ୍କୁ ମିଳିଛି ୧୦ କୁଇଣ୍ଟାଲ ୟୁରିଆ, ଆଇଡି ନିର୍ମାଣ ପାଇଁ ବ୍ୟବହୃତ ସାମଗ୍ରୀ, ଡିଟୋନେଟର ଭଳି ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ। ମାଓ ବିସ୍ଫୋରକ ସାମଗ୍ରୀ ଜବତ ପରେ ସୁରକ୍ଷିତ ଭାବେ ତାକୁ ନଷ୍ଟ କରାଯାଇଛି। ଏହି ଘଟଣା ପରେ ସର୍ଚ୍ଚ ଅପରେସନ କୁ ଆହୁରି ଜୋରଦାର କରାଯାଇଛି । ସୂଚନା ଅନୁସାରେ ଗତକିଛି ଦିନ ତଳେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜଙ୍ଗଲରେ ମାଓବାଦୀଙ୍କ ବଡ଼ ଅସ୍ତ୍ରାଗାର ଠାବ ହୋଇଥିଲା ।

### କାର୍ଯ୍ୟକାରୀ ହୋଇନି ୩୭ ବଦଳି ନିର୍ଦ୍ଦେଶ

# ୩୧ ସୁଦ୍ଧା ରିଲିଭ୍ ନ କଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ): ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଫିସରମାନଙ୍କ ବଦଳି ହେଉଛି ସତ କିନ୍ତୁ ସେହି ବଦଳି ନିର୍ଦ୍ଦେଶକୁ ଅଫିସରମାନେ ମାନୁନାହାନ୍ତି। କେଉଁଠି ସମ୍ପୃକ୍ତ ଅଫିସରଙ୍କୁ ରିଲିଭ୍ କରାଯାଉନି ତ କେଉଁଠି ସେହି ଅଫିସରମାନେ ନିଜ ପଦ ରଖିବା ପାଇଁ ନାନାଦି କସରତ କରୁଛନ୍ତି। ଯେଉଁଥିପାଇଁ ଗତ ୨୦୨୪ ଜୁଲାଇ ୨ ତାରିଖରୁ ଚଳିତ ମାସ ୨୪ ତାରିଖ ମଧ୍ୟରେ ମୋଟ ୩୭ଟି ବଦଳି ନିର୍ଦ୍ଦେଶ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନି। ଏଭଳି ପ୍ରଶାସନିକ ସଙ୍କଟକୁ ଦେଖି ମୋହନ ଚରଣ ମାଝୀଙ୍କ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ଆଉ ବଦଳି ହୋଇଥିବା ଅଫିସରମାନଙ୍କୁ ଚଳିତ ମାସ ୩୧ ତାରିଖ ସୁଦ୍ଧା ରିଲିଭ୍ ନକଲେ ତାକୁ ସରକାରଙ୍କ ନିର୍ଦ୍ଦେଶର ଅବମାନନା ଭାବେ ବିବେଚନା କରାଯାଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ବଦଳି ନିର୍ଦ୍ଦେଶ ଆଧାରରେ ଓଏଏସ୍ ଅଫିସରମାନଙ୍କୁ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ବାରମ୍ବାର ତାଗିଦ୍ ସତ୍ତ୍ୱେ ବରିଷ୍ଠ ଓଏଏସ୍ ଅଫିସରମାନଙ୍କ ବଦଳିକୁ ସେମାନଙ୍କର ଉପରିସ୍ଥ କର୍ତ୍ତୃପକ୍ଷମାନେ କାର୍ଯ୍ୟକାରୀ କରୁନଥିବା ଦେଖିବାକୁ ମିଳିଛି। ବଦଳି ହୋଇଥିବା ଅଧିକାଂଶ ଅଫିସର ନିଜର ବର୍ତ୍ତମାନ ସ୍ଥାନରୁ ରିଲିଭ୍ ହୋଇନଥିବା ଅବା ନୂଆ ଦାୟିତ୍ୱ ଗ୍ରହଣ କରିନାହାନ୍ତି। ଏହି ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାନଯିବା ଦ୍ୱାରା ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରଶାସନିକ ସମସ୍ୟା ସୃଷ୍ଟି ହୋଇଛି। ଏହାବ୍ୟତୀତ ବଦଳି ନିର୍ଦ୍ଦେଶ ସତ୍ତ୍ୱେ ଅଫିସରମାନେ ଦୀର୍ଘଦିନ ଧରି ରିଲିଭ୍ ହେଉନଥିବାରୁ ବଦଳିର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଏହା ଖୋଲାଖୋଲି ସରକାରୀ ନିର୍ଦ୍ଦେଶର ଅବମାନନା, ଯାହାକି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ କରୁଛି ବୋଲି ଶ୍ରୀ କୁମାର କହିଛନ୍ତି। ସେ ଜୁଲାଇ ୨ରୁ ଜାନୁୟାରୀ ୨୪ତାରିଖ ମଧ୍ୟରେ ରାଜ୍ୟ ସରକାର ଜାରି କରିଥିବା ୩୭ଟି ବଦଳି ବିଜ୍ଞପ୍ତିର ବିସ୍ତୃତ ତାଲିକା ଦେଇ ବଦଳି ହୋଇଥିବା ଅଫିସରମାନଙ୍କୁ ଜାନୁଆରୀ ୩୧ ତାରିଖ ଅପରାହ୍ନ ସୁଦ୍ଧା ରିଲିଭ୍ କରିବା ନିମନ୍ତେ ସେମାନଙ୍କର କଣ୍ଟ୍ରୋଲିଂ ଅଥରିଟିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସେମାନେ ୩୧ତାରିଖ ସୁଦ୍ଧା ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନକରିବେ ତା'ହେଲେ ବଦଳି ହୋଇଥିବା ଅଫିସରମାନେ ଫେବୃୟାରୀ ୧ତାରିଖ ମଧ୍ୟାହ୍ନ ସୁଦ୍ଧା ରିଲିଭ୍ ହେଲେ ବୋଲି ଧରିନିଆଯିବ। ଆଉ ରିଲିଭ୍ ହୋଇଥିବା ଅଫିସରମାନେ ରିଲିଭ୍ ହେବାର ଦୁଇଦିନ ମଧ୍ୟରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ ପାଳନ ନକଲେ ସମ୍ପୃକ୍ତ ଅଫିସରମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଶ୍ରୀ କୁମାର ଚେତାଇ ଦେଇଛନ୍ତି। ସେ ୨୦୨୪ ଜୁଲାଇ ମାସର ୮ଟି ବଦଳି ନିର୍ଦ୍ଦେଶ, ଅଗଷ୍ଟ ମାସର ୬ଟି ବଦଳି ନିର୍ଦ୍ଦେଶ, ସେପ୍ଟେମ୍ବର ମାସର ୩ଟି, ଅକ୍ଟୋବର ମାସର ୨ଟି, ନଭେମ୍ବର ମାସର ୫ଟି, ଡିସେମ୍ବର ମାସର ୪ଟି ଓ ଚଳିତ ଜାନୁୟାରୀ ମାସର ୪ଟି ବଦଳି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରିଛନ୍ତି ।

## ବାଇକକୁ ଧକ୍କାଦେଲା ଟ୍ରକ୍, ବାପ-ପୁଅ ମୃତ

କେନ୍ଦୁଝର,୩୧।୧(ସଂଚାର ବ୍ୟୁରୋ): ଟ୍ରକ୍ ଧକ୍କାରେ ବାପ ଓ ପୁଅ ମୃତ୍ୟୁବରଣ କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ୨୦ ନମ୍ବର ଜାତୀୟ ରାଜପଥରେ ବରଡେଡା ନିକଟରେ ଏହି ଅଘଟଣ ଘଟିଛି। ସେଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଘଟିଛି ସିରିଜ ଦୁର୍ଘଟଣା। ଟ୍ରକ ଧକ୍କାରେ ଦୁଇ ବାଇକ୍ ଆରୋହୀ ବାପ ଓ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନେ ଭଦ୍ରକ ଜିଲ୍ଲା ଆହାରପଡା ଅଞ୍ଚଳର ଦିଲ୍ଲୀପ ଭଟ୍ଟାଚାର୍ଯ୍ୟ ଓ ପୁଅ ପ୍ରୀତମ। ଉଭୟ ବାପ-ପୁଅ ବାଇକ ଯୋଗେ ଯାଉଥିବା ସମୟରେ ବରବେଡା ନିକଟରେ ଏକ ଟ୍ରକ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ପଛରେ ଆସୁଥିବା ଏକ କାର ମଧ୍ୟ ଟ୍ରକ ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକଟି ଫେରାର ହୋଇଯାଇଥିବା ବେଳେ ଖବର ପାଇ ଦୁର୍ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।




## ସୌରଶକ୍ତିଚାଳିତ ଜଳଯାନ ନିର୍ମାଣ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି

### ମାଲେସିଆ ବୋଟ୍ ରପ୍ତାନୀ ପାଇଁ କଳିଙ୍ଗ ଭେସେଲ୍ସର ଯୋଜନା



ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ): ନିକଟରେ ଜନତା ମଇଦାନଠାରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ରାଜ୍ୟ ସରକାର ଓ ରାଜ୍ୟର ଅନ୍ୟାନ୍ୟ ଷ୍ଟାର୍ଟଅପ୍ ଗତ ବୁଧବାର ପୁଞ୍ଜି ନିବେଶ ଉଦ୍ଦେଶ୍ୟରେ ୧୨୦ କୋଟି ଟଙ୍କା ନିବେଶ ପାଇଁ ଚୁକ୍ତିନାମା ହୋଇଛି। ଏହି ନିବେଶ ରାଜ୍ୟରେ ସୌରଶକ୍ତିଚାଳିତ ଜଳଯାନ ତିଆରି କାର୍ଯ୍ୟରେ ଉପଯୋଗ କରାଯିବ ବୋଲି ଜଣାପଡ଼ିଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଭେସେଲ୍ସ ଦ୍ୱାରା ନିର୍ମିତ ବିଦ୍ୟୁତ୍ ଓ ସୌର ଶକ୍ତି ମାଧ୍ୟମରେ ଜଳପଥରେ ଚଳାଚଳ କରୁଥିବା ବେଳେ କୋଚିରେ ଏହା ନିର୍ମାଣ ହେଉଛି। ଏବେ ପୂର୍ବ ଉପକୂଳବର୍ତ୍ତୀ ସମୁଦ୍ର ତଟରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅଦ୍ୟାବଧି ଏଠାରେ ୨୫ରୁ ଉର୍ଦ୍ଧ୍ୱ ବୋଟ୍ ତିଆରି ହୋଇସାରିଛି। ରାଜ୍ୟ ସରକାର ୫୦ଟି ବୋଟ ନେବା ସକାଶେ ଆଗ୍ରହୀ ଥିବା ଏହି ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଅବସରପ୍ରାପ୍ତ କମାଣ୍ଡର୍ ବିଶ୍ୱଜିତ୍ ନାୟକ କହିଛନ୍ତି। ସେ କହିଛନ୍ତି ଯେ ଏହି ନିର୍ମାଣ କାର୍ଯ୍ୟ ପାଇଁ ଖୋର୍ଦ୍ଧାରେ ଜମି ମିଳିଛି। ଏଥିରେ ୩ ଶ୍ରେଣୀର ଜଳଯାନ ରହିଛି। ପ୍ରଥମ ଶ୍ରେଣୀର ଜଳଯାନରେ ୫ରୁ ୨୫ଟି ସିଟ୍ ରହିଥିବା ବେଳେ ଦ୍ୱିତୀୟ ଶ୍ରେଣୀର ଜଳଯାନରେ ଏହା ୨୫ରୁ ୭୫ ମଧ୍ୟରେ ସୀମିତ। ସେହିପରି ତୃତୀୟ ଶ୍ରେଣୀରେ ବଡ଼ ବଡ଼ ଜାହାଜ ରହିଛି, ଯାହା ପ୍ରଥମ ଶ୍ରେଣୀ ବୋଟ୍‌ଗୁଡ଼ିକୁ ତିଆରି କରିବାରେ ସାହାଯ୍ୟ କରିବ। ସେହିପରି ଦ୍ୱିତୀୟ ଶ୍ରେଣୀର ଜଳଯାନ ନିର୍ମାଣ ପାଇଁ ବୃହତ୍ ଆକାରର ଜମି ଆବଶ୍ୟକ। ବଡ଼ ବଡ଼ ଜାହାଜ ତିଆରି ପାଇଁ ନଦୀ ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଆବଶ୍ୟକତା ରହିଛି। କମ୍ପାନୀ ନିଜର ସୌରଶକ୍ତିଚାଳିତ ବୋଟ୍ ତିଆରି କରୁଛି। ୩୦ ସିଟ୍ ବିଶିଷ୍ଟ ନନ୍ଦିଘୋଷ ଚିଲିକାରେ ଚଳାଚଳ କରୁଛି। କମ୍ପାନୀ କେରଳ, ପଞ୍ଜାବ, ଉତ୍ତର ପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟମାନଙ୍କୁ ମଧ୍ୟ ଜଳଯାନ ଯୋଗାଉଛି ବୋଲି କମାଣ୍ଡର୍ ନାୟକ କହିଛନ୍ତି। ଆଗାମୀ ଦିନରେ କମ୍ପାନୀ ନିଜ ପ୍ରସ୍ତୁତ ଜଳଯାନ ମାଲେସିଆ ରପ୍ତାନୀ ପାଇଁ ଯୋଜନା ରଖିଛି। ଏହି ବୋଟ୍‌ଗୁଡ଼ିକ ପରିବେଶ ଅନୁକୂଳ ଓ ପ୍ରଦୂଷଣ ରୋକିବା ଦିଗରେ ସହାୟକ ହେବାକୁ ଥିବାରୁ ଏହାର ନିର୍ମାଣ ପାଇଁ କମ୍ପାନୀ ଆଗଭର ହୋଇଛି ବୋଲି କମାଣ୍ଡର୍ ମହାନ୍ତି କହିଛନ୍ତି।

## ବିଶ୍ୱର ପ୍ରମୁଖ ମହାନଗରୀରକୁ ଟକ୍କର ଦେବ ଭୁବନେଶ୍ୱର ଷ୍ଟେସନ

● ଯାତ୍ରୀଙ୍କୁ ମିଳିବ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ସୁବିଧା



ଭୁବନେଶ୍ୱର,୩୧।୧ (ସଂଚାର ବ୍ୟୁରୋ): ଡବଲ୍ ଇଞ୍ଜିନ ସରକାର ଆସିବା ପରେ ଦୀର୍ଘ ଦିନ ହେବ ଲାଗି ରହିଥିବା ବିବାଦର ସମାଧାନ ହୋଇଛି । ଝଲସିବ ଭୁବନେଶ୍ୱର ରେଳ ଷ୍ଟେସନ। ବିଶ୍ୱର ବଡ଼ ବଡ଼ ମହାନଗରୀର ରେଳ ଷ୍ଟେସନକୁ ଦେବ ଟକ୍କର । ନିର୍ମାଣ ହେବ ଏଲିଭେଟେଡ଼୍ ଡ୍ରାଇଭ୍ ୱେ । ରେଳ ଷ୍ଟେସନକୁ ଯାତ୍ରୀମାନେ କାରରେ ଯାଇ ପ୍ରଥମ ମହଲାରେ ଓହ୍ଲାଇବେ। ଏସ୍କାଲେଟର୍ ଓ ଲିଫ୍ଟ ଯୋଗେ ଯେ କୌଣସି ପ୍ଲାଟଫର୍ମରେ ପହଞ୍ଚିବା ହେବ ସହଜ । ଯାତ୍ରୀମାନଙ୍କ ପାଇଁ ରେଲୱେ ଷ୍ଟେସନରେ ରହିବ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ସୁବିଧା । ଏବେ ସ୍ମାର୍ଟ୍ ସିଟି ଭୁବନେଶ୍ୱରରେ ଗଢ଼ି ଉଠିବ ସ୍ମାର୍ଟ ରେଲୱେ ଷ୍ଟେସନ । ଏବେ ଭୁବନେଶ୍ୱର ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ନିର୍ମାଣକୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର । ଅନୁମତି ମିଳିବା ପରେ ଭୁବନେଶ୍ୱର ଷ୍ଟେସନକୁ ଯିବା ପାଇଁ ଏଲିଭେଟେଡ଼୍ ଡ୍ରାଇଭ୍ ୱେ ନିର୍ମାଣ କାମ ଆଗେଇବ । ଫଳରେ ଷ୍ଟେସନକୁ ଯାତ୍ରୀମାନେ କାରରେ ଯାଇ ପ୍ରଥମ ମହଲାରେ ଓହ୍ଲାଇବେ। ପ୍ରଥମ ମହଲାରୁ ନିର୍ଦ୍ଦିଷ୍ଟ ପ୍ଲାଟଫର୍ମକୁ ଏସ୍କାଲେଟର୍ କିମ୍ବା ଲିଫ୍ଟ ଯୋଗେ ପହଞ୍ଚିପାରିବେ । ଦୀର୍ଘ ଦିନ ହେବ ମାତ୍ର ୧.୨୩ ଏକର ଜମି ନେଇ ଲାଗି ରହିଥିଲା ସମସ୍ୟା। ଯାହାର ସମାଧାନ ହେବା ପରେ ଭୁବନେଶ୍ୱର ହେବ ବିଶ୍ୱସ୍ତରୀୟ ଷ୍ଟେସନର ମାନ୍ୟତା । ଏଲିଭେଟେଡ଼୍ ଡ୍ରାଇଭ୍ ୱେ ନିର୍ମାଣ ପାଇଁ ଅନୁମତି ମିଳିବା ପରେ ବିଡିଏ ଦ୍ୱାରା ଆବଣ୍ଟିତ ଜମିରେ ଏଲିଭେଟେଡ଼୍ ପ୍ରବେଶ ଏବଂ ପ୍ରସ୍ଥାନ ପଥ ନିର୍ମାଣ ହେବ। ଏହି ପଦକ୍ଷେପ ପୂର୍ବତଟ ରେଳପଥ ଏବଂ ବିଡିଏ ମଧ୍ୟରେ ସହଭାଗିତାରେ କାମ ହେବ । ଏହା ସହିତ ଷ୍ଟେସନ ପରିସରରେ ପାର୍କିଂ କ୍ଷେତ୍ର ଏବଂ ବାଣିଜ୍ୟିକ ସ୍ଥାନଗୁଡ଼ିକର ବିକାଶ କରାଯିବ ।

## କଟକ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାହୁଲଙ୍କ କୁଶପୁତ୍ତଳିକା ଦାହ



କଟକ,୩୧।୧(ସଂଚାର ବ୍ୟୁରୋ): ସଂସଦରେ ବିରୋଧୀଦଳର ନେତା ରାହୁଲ ଗାନ୍ଧୀଙ୍କ ଅଭାବନୀୟ ତଥା ଅଶୋଭନୀୟ ଆଚରଣକୁ ବିରୋଧ କରି କଟକ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ କଲେଜ ଛକସ୍ଥିତ ସୁବାଷ ବୋଷ ପ୍ରତିମୂର୍ତ୍ତି ସମ୍ମୁଖରେ ରାହୁଲଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସଂସଦରେ ଅନୁସୂଚିତ ଜନଜାତିର ପ୍ରଥମ ମହିଳା ତଥା ଭାରତର ପ୍ରଥମ ନାଗରିକ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ରାହୁଲ ଗାନ୍ଧୀ ଦେଇଥିବା ଅଶୋଭନୀୟ ମନ୍ତବ୍ୟକୁ ଆଜି ବିଜେପି ଯୁବମୋର୍ଚ୍ଚା ନେତା ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି କଡ଼ା ସମାଲୋଚନା କରିଛନ୍ତି। ରାହୁଲ୍ ଦେଶବାସୀଙ୍କୁ କ୍ଷମା ମାଗିବା ସହ ତାଙ୍କୁ ଗିରଫ କରିବା ସକାଶେ ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଚି। ବିଜେପି ନେତା ନୟନ କିଶୋର ମହାନ୍ତି, କର୍ପୋରେଟର ଗୋପାଳ ବେହେରା, ସିକନ୍ଦର ଅଲ୍ଲୀ, ଉମେଶ ବାରିକ, ଅମ୍ବିକା ସାମଲ, ଶରତ ସାମଲ, ଚଣ୍ଡୀ ପ୍ରସାଦ ମହାନ୍ତି, ପ୍ରଭାତ ତ୍ରିପାଠୀ, ସଞ୍ଜୟ ଦାସ, ବିଜୟାନନ୍ଦ ବାରିକ, ପ୍ରକାଶ ଦାସ, ସଂଗ୍ରାମ ଦାସ, ଗଗନ ବାରିକ, ଭୂପତି ଭୂଷଣ ପାଣି, ସୁନୀଲ ସ୍ୱାଇଁ, ଦୀପକ ସ୍ୱାଇଁ, ମହିମା ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ପତନ ସ୍ୱାଇଁ, ବିଜୟାନନ୍ଦ ମହାନ୍ତି, ପ୍ରମୋଦ ରାଉତରାୟ, ଦୀପ୍ତି ରଞ୍ଜନ ସିଂ, ରାମଚନ୍ଦ୍ର ବେହେରା, ଯାମିନୀ ବେହେରା, ରତ୍ନଜୟ ବେହେରା, ହରପ୍ରିୟା ଧଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଧ୍ୱଜାବତରଣ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ): ଏକତା ଓ ଶୃଙ୍ଖଳାର ପ୍ରତୀକ ହେଉଛି ପତାକା ଅବତରଣ ଉତ୍ସବ। ପ୍ରତିବର୍ଷ ଜାନୁଆରୀ ୩୧ ତାରିଖରେ ଓଡ଼ିଶା ପୁଲିସ ପକ୍ଷରୁ ଏହି ପତାକା ଅବତରଣ ଉତ୍ସବ ପାଳିତ ହେଉଥିବା ବେଳେ ଭାରତୀୟ ସଶସ୍ତ୍ର ବାହିନୀର ସମନ୍ୱୟ ଓ ଶୃଙ୍ଖଳାକୁ ଏହା ପ୍ରଦର୍ଶିତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ପୁଲିସ ପକ୍ଷରୁ ଆଜି ସ୍ଥାନୀୟ ସପ୍ତମ ବାଟାଲିୟନଠାରେ ଆୟୋଜିତ ପତାକା ଅବତରଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟ ପୁଲିସ ବାହିନୀର ସମନ୍ୱୟ ଓ ଶୃଙ୍ଖଳାର ଏହା ଏକ ଅନନ୍ୟ ପ୍ରତୀକ। ଭାରତୀୟ ସୈନିକ ଓ ରାଜ୍ୟ ପୁଲିସ ବାହିନୀଙ୍କ ସାହସ ଏବଂ ବଳିଦାନକୁ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟ ପୁଲିସର ବିଭିନ୍ନ ବାଟାଲିୟନରୁ ଆସିଥିବା ବ୍ୟାଣ୍ଡ ପାର୍ଟି ଦେଶାତ୍ମବୋଧ ସଙ୍ଗୀତର ତାଳେ ତାଳେ ଚିତ୍ତାକର୍ଷକ ସାମରିକ ବ୍ୟାଣ୍ଡ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜାତୀୟ ସଂଗୀତ, ଏଇ ଦେଶ ଏଇ ମାଟି, ଆର୍ଯ୍ୟ ଭୂମି, ସାରେ ଜହାଁ ସେ ଛା, ବନ୍ଦେ ମାତରମ, କଦମ କଦମ, ତେରା ପ୍ୟାର ଅମର, ରୋଜା କାଶ୍ମୀର, ଓଡ଼ିଶା ପୁଲିସର ଥିମ ସଙ୍ଗୀତ, ପ୍ରଳମ୍ବ ବାଦ୍ୟ ଏବଂ ଓଡ଼ିଶା ମୋ ଓଡିଶା ଭଳି ସଙ୍ଗୀତରେ ବ୍ୟାଣ୍ଡ ବାଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ପୁଲିସ କମିଶନର ଡଃ ଏସ. ଦେବଦତ୍ତ ସିଂଙ୍କ ସମେତ ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

## ମର୍ଯ୍ୟାଦାର ସମସ୍ତ ସୀମା ଉଲ୍ଲଂଘନ କରିଛି କଂଗ୍ରେସ

● କଂଗ୍ରେସ ଦଳର 'ସାମନ୍ତବାଦୀ ଚିନ୍ତାଧାରା ଓ ରୁଗ୍ଣ ମାନସିକତା'କୁ ସ୍ପଷ୍ଟ କରିଛି: ସାମଲ



ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ): ସଂସଦରେ ମହାମହିମ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଯେଉଁଭଳି ଟିପ୍ପଣୀ ଦେଇଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ସାଢ଼େ ୪ କୋଟି ଓଡ଼ିଆଙ୍କୁ କଷ୍ଟ ଦେଇଛି। ଏକ ଦାୟିତ୍ୱ ସମ୍ପନ୍ନ ରାଷ୍ଟ୍ରୀୟ ଦଳର ଶୀର୍ଷ ନେତୃତ୍ୱ ରାଷ୍ଟ୍ରପତିଙ୍କ ବିରୋଧରେ ଯେଉଁଭଳି ଅପମାନସୂଚକ ମନ୍ତବ୍ୟ ଦେଲେ, ସେଥିଲାଗି ସର୍ବସାଧାରଣରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ କ୍ଷମା ମାଗିବା ଉଚିତ୍ ବୋଲି ରାଜ୍ୟ କାର୍ଯ୍ୟାଳୟରେ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଆଜିର ବୟାନ କଂଗ୍ରେସ ଦଳର ସାମନ୍ତବାଦୀ ଚିନ୍ତାଧାରା ଓ ରୁଗ୍ଣ ମାନସିକତାକୁ ସ୍ପଷ୍ଟ କରିଛି। କଂଗ୍ରେସ ଦଳର ଗର୍ବ ଓ ଅହଂକାର ଆଜି ସାରା ଦେଶ ଦେଖୁଛି। ସାଧାରଣ ଲୋକଙ୍କୁ ମଣିଷ ଭଳି ଦେଖିବା ତ ଦୂରର କଥା ଭାରତ ମହାମହିମ ରାଷ୍ଟ୍ରପତିଙ୍କ ପ୍ରତି ସେମାନେ ଯେଉଁଭଳି ବ୍ୟବହାର ଓ ଆଚରଣ ପ୍ରକାଶ କଲେ ସେଥିରେ ଦେଶର ସମ୍ମାନ କ୍ଷୁର୍ଣ୍ଣ ହୋଇଛି। ଏପରିକି ମର୍ଯ୍ୟାଦାର ସମସ୍ତ ସୀମା ଉଲ୍ଲଂଘନ କରିଛି କଂଗ୍ରେସ। କ୍ଷମତାରୁ ଗଲାପରେ କଂଗ୍ରେସ ଦଳ ନିରାଶ ଓ ହତାଶ ହୋଇ ନିଜର ଆଚରଣ ଓ ବ୍ୟବହାରରେ ଧୈର୍ଯ୍ୟଚ୍ୟୁତ ହୋଇଯାଇଛି। ଭଗବାନ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ସଂସ୍କାର, ସମ୍ବିଧାନ ପ୍ରତି ଆଚରଣ, ଗଣତାନ୍ତ୍ରିକ ବ୍ୟବସ୍ଥାକୁ କିପରି ସମ୍ମାନ ଦିଆଯିବ କଂଗ୍ରେସ ତାହା ଶିଖିବା ଆବଶ୍ୟକ ବୋଲି ଶ୍ରୀ ସାମଲ କହିଛନ୍ତି।

## ଘର ଭିତରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୩୧।୧ (ସଂଚାର ବ୍ୟୁରୋ): ଘର ଭିତରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର । ଭୁବନେଶ୍ୱର ଖାରବେଳ ନଗର ଥାନା ସତ୍ୟନଗର ପଞ୍ଜାବୀ କଲୋନୀରୁ ମୃତଦେହ ଉଦ୍ଧାର ହୋଇଛି । ଆଜି ସକାଳୁ ଘର ଭିତରୁ ମୃତଦେହ ମିଳିଛି । ମୃତ୍ୟୁର କାରଣ ଜଣାପଡିନାହିଁ । ମୃତଦେହ ଜବତ କରି ତଦନ୍ତ କରୁଛି ଖାରବେଳନଗର ପୋଲିସ । ମୃତକ ଦୁଇ ଜଣ ଜ୍ଞାନରଞ୍ଜନ ବେହେରା ଓ ମନୋରଞ୍ଜନ ସାହୁ ବୋଲି ଜଣାପଡିଛି । ଗତକାଲି ଏମାନେ ରାତି ପ୍ରାୟ ୧୧ ଟା ବେଳେ ଶୋଇଥିଲେ । ଆଜି ସକାଳେ ପିଠା ଗାଡ଼ି ନପହଞ୍ଚିବାରୁ ମୋ ପିଠା ସଂସ୍ଥାର ମାଲିକ ଅରବିନ୍ଦ ନାୟକ ଆସି ପହଞ୍ଚି କବାଟ ବାଡେଇଲେ । କବାଟ ନ ଖୋଲିବାରୁ ପଛ ପଟେ ଯାଇ ଦେଖିବାରୁ ସେଠାରେ ସେମାନେ ଶୋଇଥିବା ଦେଖିଥିଲେ । ସେମାନଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ଦୁଇଜଣଙ୍କୁ କ୍ୟାପିଟାଲ ହସପିଟାଲ ନେବା ପରେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

## ରାସ୍ତା ଅଭାବରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

ମୁନିଗୁଡା,୩୧।୧(ସଂଚାର ବ୍ୟୁରୋ): ରାସ୍ତା ଅଭାବରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତର କେଦୋରାଗୁଡା ଗାଁରେ। ଗାଁର ବାଣୁଆ ମାଝୀଙ୍କ ସ୍ତ୍ରୀ ଲିଲି ମାଝୀଙ୍କୁ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଖବର ଦିଆଗଲା । ହେଲେ ଗାଁକୁ ରାସ୍ତା ସୁବିଧା ନଥିବାରୁ ଆମ୍ବୁଲାନ୍ସ ଯାଇପାରିନଥିଲା। ଫଳରେ ଆମ୍ବୁଲାନ୍ସ କର୍ମଚାରୀଙ୍କ ସହାୟତାରେ ଗର୍ଭବତୀ ମହିଳା ଜଣକ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆସିଥିଲେ । ତେବେ ମହିଳା ଜଣକ ଅଧାବାଟରେ ହିଁ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି । ଏବେ ଆମ୍ବାଦଳା ଡାକ୍ତରଖାନାରେ ଉଭୟ ମାଆ ଛୁଆ ସୁସ୍ଥ ଥିବା ଜଣାପଡ଼ିଛି ।

## ଆଗକୁ ବଢୁନି ସୌରଚାଳିତ ଶୀତଳଭଣ୍ଡାର ଯୋଜନା



ଭୁବନେଶ୍ୱର, ୩୧।୧-(ତଥ୍ୟ) ରାଜ୍ୟର ନୂଆ ସରକାର ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉଥିବାବେଳେ ପ୍ରସ୍ତାବିତ ସୌରଚାଳିତ କ୍ଷୁଦ୍ର ଶୀତଳଭଣ୍ଡାର ଯୋଜନା ଆଗକୁ ବଢ଼ିପାରୁ ନାହିଁ। ବିଭିନ୍ନ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ୬୬ଟି ନୂତନ ସୌରଚାଳିତ ଶୀତଳଭଣ୍ଡାର ପ୍ରତିଷ୍ଠାର ପ୍ରସ୍ତାବ ରହିଛି। ସମସ୍ତ ପ୍ରକାର ପ୍ରୋତ୍ସାହନ ସତ୍ତ୍ୱେ ରାଜ୍ୟରେ ବିଦ୍ୟୁତ୍ ଚାଳିତ ବଡ ବଡ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇପାରୁ ନାହିଁ। ବିଦ୍ୟୁତ୍ ବୋଝ ଯୋଗୁଁ ଉଦ୍ୟୋଗୀମାନେ ଏଥିପାଇଁ ପଛଘୁଞ୍ଚା ଦେଉଛନ୍ତି। ଯେଉଁଥିପାଇଁ ରାଜ୍ୟରୁ ଉତ୍ପାଦିତ ଆଳୁ ଓ ପନିପରିବା ରଖିବାପାଇଁ ଚାଷୀମାନେ ସ୍ଥାନଟିକେ ପାଇପାରୁ ନାହାନ୍ତି। ତେବେ ବୃହତ୍ ଶୀତଳଭଣ୍ଡାର ବଦଳରେ କ୍ଷୁଦ୍ର ସୌରଚାଳିତ ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ସରକାର ଜୋର ଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୪୩୭ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ୩୫ଟି ସୌରଚାଳିତ କ୍ଷୁଦ୍ର ଶୀତଳଭଣ୍ଡାର ସ୍ଥାପନ ହୋଇଛି। ୨୧୫୦ ଟନ୍ କ୍ଷମତା ବିଶିଷ୍ଟ ଆଉ ୬୬ଟି ଶୀତଳଭଣ୍ଡାର ପ୍ରତିଷ୍ଠାପାଇଁ ପ୍ରସ୍ତାବ ରହିଥିବାବେଳେ ତାହା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ତେବେ କେତେକ ବେସରକାରୀ ସଂସ୍ଥା ପନିପରିବା ଚାଷ ହେଉଥିବା ଅଞ୍ଚଳରେ ସୌରଚାଳିତ କ୍ଷୁଦ୍ର ଶୀତଳଭଣ୍ଡାର ପ୍ରତିଷ୍ଠା କରିଥିବାବେଳେ ଏଥିପ୍ରତି ଲୋକଙ୍କର ଆଗ୍ରହ ପରିଲକ୍ଷିତ ହେଉଛି। ବିଶେଷକରି ପନି ପରିବା ଚାଷ କରୁଥିବା ମହିଳା ସ୍ୱେଚ୍ଛାସେବୀ ସଂଗଠନଗୁଡିକ ଏହାଦ୍ୱାରା ବେଶ୍ ଉପକୃତ ହେଉଛନ୍ତି। ତେବେ ଏହି ଶୀତଳଭଣ୍ଡାର ପ୍ରତିଷ୍ଠାରେ ଏକକାଳୀନ ଖର୍ଚ୍ଚ ସହିତ ଏହାର ରକ୍ଷଣାବେକ୍ଷଣ ଆବଶ୍ୟକ ଥିବାରୁ ଉଦ୍ୟୋଗୀମାନେ ଏଥିପ୍ରତି ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ଇତି ମଧ୍ୟରେ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଆର୍ନ୍ତଜାତୀୟ ସ୍ତରର ସଂସ୍ଥାକୁ ଏଭଳି ଶୀତଳଭଣ୍ଡାର ନିର୍ମାଣ ପାଇଁ ନିୟୋଜିତ କରିଥିବାବେଳେ ଉକ୍ତ ସଂସ୍ଥା ବିଭିନ୍ନ ସ୍ଥାନରେ ସ୍ଥିତି ଅନୁଧ୍ୟାନ କରୁଛି। ବିଶେଷକରି ଏଭଳି ଶୀତଳଭଣ୍ଡାର ନିର୍ମାଣ କରାଗଲେ ସେଥିରୁ କେତେ ସୁଫଳ ମିଳିବ ସେ ନେଇ ଏହି ସଂସ୍ଥା ସର୍ଭେ ଚଳାଇଥିବା ସୂଚନା ମିଳିଛି। ତେବେ ରାଜ୍ୟର ନୂଆ ସରକାର ଇତି ମଧ୍ୟରେ ପ୍ରତି ବ୍ଲକରେ ନୂତନ ଶିତଳଭଣ୍ଡାର ପ୍ରତିଷ୍ଠା ଘୋଷଣା କରିଥିବାବେଳେ ଆଗେଇ ଆସିବାକୁ ଥିବା ଉଦ୍ୟୋଗୀମାନଙ୍କ ଲାଗି ପ୍ରୋତ୍ସାହନ ଘୋଷଣା କରିଛନ୍ତି।

## ଖୁବଶୀଘ୍ର ଜଙ୍ଗଲକୁ ଯିବ ବାଘୁଣୀ ଜିନ୍ନତ

ଭୁବନେଶ୍ୱର,୩୧।୧ (ସଂଚାର ବ୍ୟୁରୋ): ଏନକ୍ଲୋଜର ଭିତରେ ସ୍ୱାଭାବିକ ରହିଛି ବାଘୁଣୀ ଜୀନତର ସ୍ୱଭାବ । ଜଙ୍ଗଲ ଭିତରକୁ ଛାଡ଼ିବା ନେଇ ଏନଟିସିଏ ରିପୋର୍ଟକୁ ରହିଛି ଅପେକ୍ଷା । ଜାନୁଆରୀ ୧୬ରେ ଏନଟିସିଏ, ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ସମେତ ରାଜ୍ୟ ବନ ବିଭାଗର ସଦସ୍ୟଙ୍କୁ ନେଇ ଜୀନତ ପାଇଁ ଗଠିତ ମନିଟରିଂ ଟିମ ଆସି ଜୀନତର ବ୍ୟବହାର ନେଇ ଅନୁଧ୍ୟାନ କରି ଫେରିଛନ୍ତି । ଏବେ ଜୀନତର ପ୍ରତିଦିନର ଆଚରଣ ଓ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ । ଯାହାର ରିପୋର୍ଟ ପ୍ରତିଦିନ ଏନଟିସିଏ ପାଖକୁ ପଠାଯାଉଛି । ଏନଟିସିଏ ଠାରୁ ସବୁଜ ସଙ୍କେତ ମିଳିବା ପରେ ଜଙ୍ଗଲକୁ ଯିବ ଜୀନତ। ଏପଟେ ଟେରିଟୋରୀ ତିଆରି ଲାଗି ଶିମିଳିପାଳ, ହଦଗଡ଼ ଓ କୁଲଡ଼ିହା ଅଭୟାରଣ୍ୟ ଭିତରେ ବିଚରଣ କରୁଛି ବାଘୁଣୀ ଯମୁନା ।

## ଦୋକାନରେ ଭୟାବହ ଅଗ୍ନିକାଣ୍ଡ

ଚୌଦ୍ୱାର,୩୧।୧ (ସଂଚାର ବ୍ୟୁରୋ): ଅଗ୍ନିକାଣ୍ଡରେ ଦୁଇଟି ଦୋକାନ ଭସ୍ମୀଭୂତ। କଟକ ଜିଲ୍ଲା ଟାଙ୍ଗୀ ଥାନା ଗୋବିନ୍ଦପୁର ଛକରେ ଘଟିଛି ଏଭଳି ଭୟଙ୍କର ଅଗ୍ନିକାଣ୍ଡ। ଗୌରାଙ୍ଗ ମହାନ୍ତି ଓ ହୃଷିକେଶ ମହାନ୍ତିଙ୍କ ଦୁଇଟି ଦୋକାନ ଜଳିପୋଡ଼ି ଛାରଖାର ହୋଇଯାଇଛି। ଉଭୟ ଦୁଇ ଭାଇ । ବହୁ କଷ୍ଟରେ କେତେ ସ୍ୱପ୍ନ ସଜେଇ ଦୁଇ ଭାଇ ୨ଟି ଦୋକାନ କରିଥିଲେ କିନ୍ତୁ ଦଇବ ସାଜିଲା ଦାଉ। ହଠାତ ଦୋକାନ ଘରେ



ନିଆଁ ଲାଗି ସବୁକିଛି ଜଳି ପାଉଁଶ ହୋଇଯାଇଛି। ଚାହୁଁ ଚାହୁଁ ନିଆଁ ଦୋକାନ ସାରା ବ୍ୟାପିଯାଇଥିଲା । ସ୍ଥାନୀୟ ଲୋକେ ଯିଏ ଯୁଆଡ଼େ ଥିଲେ ଧାଇଁ ଆସିଲେ। କିନ୍ତୁ ସର୍ବଗିଳା ନିଆଁକୁ କିଏ ବା ଆୟତ୍ତ କରି ପାରିବ । ଏହି ଆଉ ଏହି ଅଗ୍ନିକାଣ୍ଡରେ ସଉଦା ଓ ଟେକ୍ସନାରୀ ଦୋକାନର ଲକ୍ଷାଧିକ ଟଙ୍କାର ଜିନିଷ ଭସ୍ମୀଭୂତ ହୋଇଯାଇଛି। ଏପଟେ ମୁଣ୍ଡରେ ହାତ ଦେଇ ଗୁମୁରି ଗୁମୁରି କାନ୍ଦୁଛନ୍ତି ଦୋକାନୀ ଜଣକ। କାହିଁକି ନା ନିଆଁର ଉଗ୍ର ରୂପରେ ସବୁକିଛି ହରାଇବସିଛନ୍ତି ଏହି ଦୋକାନୀ । କଣ କରିବେ, କେମିତି ଚଳିବେ କିଛି ବି ବୁଝିପାରୁନାହାନ୍ତି । କାରଣ ଏହି ଦୋକାନ ହିଁ ଥିଲା ତାଙ୍କ ରୋଜଗାରର ପନ୍ଥା । ଯାହା ଜଳିପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ଗତ ରାତିରେ ଦୁଇ ଭାଇ ନିଜ ଦୋକାନ ବନ୍ଦ କରି ନିଜ ଘରକୁ ଚାଲିଯାଇଥିଲେ। ଘରେ ଖାଇ ଶୋଇଥିଲେ। ଦୋକାନରେ ନିଆଁ ଲାଗିବା ଦେଖି ସେହି ଠାରେ ଅନ୍ୟ ଦୋକାନରେ ଥିବା ଲୋକେ ଖବର ଦେଇଥିଲେ । ରାତି ପ୍ରାୟ ୨ଟାରେ ଖବର ପାଇ ଦୋକାନୀ ଜଣକ ଆସି ଦେଖନ୍ତି ତ ସବୁ ଜଳି ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଘଟଣା ସ୍ଥଳରେ ଚୌଦ୍ୱାର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ।

ଜୀବନ ଅମୃତ ଅନୁଚିନ୍ତା
ଶୂନ୍ୟ-ମୋଟେ ଛାଡ଼ି ତୁମେ ଯେତେ
ଯାହା ସଂଗ୍ରହ କଲେ ବି ଦିନେ
ଦେଖିବ ତାହା ସବୁ ବରଫ ଭଳି
ତରଳି ଶୂନ୍ୟ ହୋଇଯାଇଛି।

SANCHAR
ସଂଚାର

୪ ଶନିବାର ୧ ଫେବୃଆରୀ ୨୦୨୫, ଭୁବନେଶ୍ୱର
Saturday 1 February 2025 Bhubaneswar

# ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଆଶା

ଶୁକ୍ରବାରଠାରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହୋଇଛି। ଚଳିତ କ୍ୟାଲେଣ୍ଡର ବର୍ଷର ଏହା ପ୍ରଥମ ଅଧିବେଶନ ହୋଇଥିବାରୁ ପରମ୍ପରା ଅନୁଯାୟୀ ରାଷ୍ଟ୍ରପତି ଏହାକୁ ଉଦଘାଟିତ କରିଛନ୍ତି। ଏହି ଅବସରରେ ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିଛନ୍ତି। ନିଜ ଅଭିଭାଷଣରେ ରାଷ୍ଟ୍ରପତି ବିଗତ ୧୦ ବର୍ଷ ଭିତରେ ସରକାର ଗ୍ରହଣ କରିଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ସଫଳତା ଏବଂ ସୁଫଳ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ ନିମନ୍ତେ ହୋଇଥିବା ଯୋଜନା ଏବଂ ଲକ୍ଷ୍ୟ ସମ୍ପର୍କରେ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। ସାଧାରଣତଃ ରାଷ୍ଟ୍ରପତିଙ୍କ ଅଭିଭାଷଣ ସରକାରଙ୍କ ରିପୋର୍ଟ ବୋଲି କୁହାଯାଏ। ସରକାର ଯାହା କହିବାକୁ ଚାହାଁନ୍ତି ତାହାକୁ ରାଷ୍ଟ୍ରପତି ନିଜ ମୁହଁରେ କହନ୍ତି। କାରଣ ରାଷ୍ଟ୍ରପତି ହେଉଛନ୍ତି ଶାସନ ମୁଖ୍ୟ ଏବଂ ସରକାରର ଦିଗଦର୍ଶକ। ତେଣୁ ରାଷ୍ଟ୍ରପତିଙ୍କ ଅଭିଭାଷଣ କହିଲେ ସରକାରଙ୍କ ବକ୍ତବ୍ୟ। ତଥାପି ଏହାକୁ ଗୁରୁତ୍ୱ ଦିଆଯାଏ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କ ଅଭିଭାଷଣରେ ଯାହା କହିଛନ୍ତି ତାହା ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ଦେଇଥିବା ଉଦବୋଧନ ପ୍ରାୟତଃ ସମାନ କହିଲେ ଭୁଲ ହେବ ନି। ସଂସଦର ମିଳିତ ଅଧିବେଶନକୁ ଉଦବୋଧନ ଦେଇ ରାଷ୍ଟ୍ରପତି ପୁଣି ଥରେ ଏକକ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ଦେଶରେ ରାଜନୈତିକ ଏବଂ ଅର୍ଥନୈତିକ ସ୍ଥିରତା ଆଣିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ସେହିପରି ରାଷ୍ଟ୍ରପତି ତାଙ୍କ ଉଦବୋଧନରେ ଦେଶର ଅର୍ଥନୈତିକ ବିକାଶ ଦିଗରେ ସରକାରଙ୍କ ପ୍ରୟାସ ସମ୍ପର୍କରେ ଅନେକ କିଛି କହିଛନ୍ତି। ସେ କହିଛନ୍ତି ଯେ, ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଖୁବ ଶୀଘ୍ର ଏହା ତୃତୀୟ ସ୍ଥାନକୁ ଉନ୍ନୀତ ହେବାକୁ ଯାଉଛି। ଭାରତର ଅଭିବୃଦ୍ଧି ହାର ବିଶ୍ୱରେ ସର୍ବାଧିକ ହୋଇଛି। ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତିରେ ପରିଣତ ହୋଇଛି। ରାଷ୍ଟ୍ରପତି ତାଙ୍କ ଉଦବୋଧନରେ ଡିଜିଟାଲ ଅର୍ଥନୀତି ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ବିମୁଦ୍ରିକରଣ ପରେ ଭାରତରେ ନଗଦ କାରବାର ହ୍ରାସ ପାଇଛି। ଡିଜିଟାଲ କାରବାର ବଢ଼ିଛି। ଫଳରେ ଟିକସ ଫାଙ୍କି ଏବଂ ନକଲି ବା କଳା ଟଙ୍କାର କାରବାର ହ୍ରାସ ପାଇଛି। ଟଙ୍କା ଛାପିବାର ଚାପ ଆରବିଆଇ ଉପରେ ହ୍ରାସ ପାଇଛି। ଡିଜିଟାଲ କାରବାରରେ ଭାରତ ବିଶ୍ୱରେ ଏକନମ୍ବର ସ୍ଥାନ ଦଖଲ କରିଛି। ରାଷ୍ଟ୍ରପତି କହିଛନ୍ତି ଯେ, ମହିଳା ସଶକ୍ତିକରଣକୁ ତାଙ୍କ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଦେଶରେ କୃଷି ଓ କୃଷକଙ୍କ କଲ୍ୟାଣକୁ ସରକାର ପ୍ରାଥମିକତା ଦେଉଛନ୍ତି। କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ସରକାର ଫସଲର ଏମଏସପି ବୃଦ୍ଧି କରିଛନ୍ତି। କୃଷକଙ୍କ କଲ୍ୟାଣ ନିମନ୍ତେ ସରକାର ପ୍ରତି ବର୍ଷ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସାର ଏବଂ ବିହନ ଉପରେ ରିହାତି ପ୍ରଦାନ କରୁଛନ୍ତି। କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ସରକାର ଅନେକ ପଦକ୍ଷେପ ନେଇଛନ୍ତି ଏବଂ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ବଢ଼ିଛି। ଫଳରେ ଭାରତ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ କରିବା ପରିବର୍ତ୍ତେ ଏହାକୁ ରପ୍ତାନୀ କରୁଛି। ଏହା ଏକ ବଡ଼ ସଫଳତା। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଦେଶର ମଧ୍ୟବିତ୍ତ ବର୍ଗକୁ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଯେତେବେଳେ ମଧ୍ୟବିତ୍ତ ବର୍ଗ ଆଗକୁ ଯିବ, ସେତେବେଳେ ଦେଶ ଆଗକୁ ବଢ଼ିବ। ଏହା ସହିତ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଗତ ୧୦ ବର୍ଷ ଭିତରେ ଦେଶର ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ନିଆଯାଇଛି। ଅର୍ଥାତ ଏମାନେ ଗରିବରୁ ନିମ୍ନ ମଧ୍ୟବିତ୍ତ ବର୍ଗକୁ ଉନ୍ନୀତ ହୋଇଛନ୍ତି। ଏମାନଙ୍କୁ ମଧ୍ୟବିତ୍ତ ବର୍ଗରେ ସାମିଲ କରିବା ଉଦ୍ୟମ ସଫଳ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବ ଏବଂ ଦେଶରୁ ଦାରିଦ୍ର୍ୟ ସମ୍ପୂର୍ଣ୍ଣ ଦୂର ହେବ ବୋଲି ସେ କହିଛନ୍ତି। ଏହା କେତେଦୂର ବାସ୍ତବତାରେ ପରିଣତ ହେବ ତାହା ସମୟ କହିବ। କିନ୍ତୁ ରାଷ୍ଟ୍ରପତିଙ୍କ ଏହି ଆଶା ନୈରାଶ୍ୟରେ ପରିଣତ ନହେଉ ଏହା ଆଶା କରିବା କଥା। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଆତଙ୍କବାଦ ଏବଂ ବାମପନ୍ଥୀ ଉଗ୍ରବାଦ ସମସ୍ୟା ଦୂର ଲାଗି ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରି ସୁରକ୍ଷା ବାହିନୀର କ୍ରମାଗତ ଲଢ଼େଇ ଏବଂ ତ୍ୟାଗ ଯୋଗୁ ଆଜି ଦେଶରୁ ଆତଙ୍କବାଦ ଏବଂ ମାଓବାଦ ଅନେକାଂଶରେ ହ୍ରାସ ପାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଧାରା ୩୭୦ ହଟିବା ପରେ ଜାମ୍ମୁ-କାଶ୍ମୀରରେ ଶାନ୍ତି ଫେରିଛି ଏବଂ ସୀମାରେ ଅନୁପ୍ରବେଶ ହ୍ରାସ ପାଇଛି। ଜାମ୍ମୁ-କାଶ୍ମୀର ଏବେ ବିକାଶ ପଥରେ ଅଗ୍ରସର ହେଉଛି। ସେହିପରି ଦେଶରେ ମାଓ ଉପଦ୍ରୁତ ଜିଲ୍ଲା ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ଗତ ନିର୍ବାଚନ ବେଳେ କାଶ୍ମୀରଠାରୁ ଆରମ୍ଭ କରି ଛତିଶଗଡ଼ ପର୍ଯ୍ୟନ୍ତ ସବୁଠି ସୁରକ୍ଷା କର୍ମୀଙ୍କ ସତର୍କତା ପାଇଁ ଉଗ୍ରବାଦୀମାନେ ନିର୍ବାଚନ ପରିଚାଳନା ବ୍ୟବସ୍ଥାକୁ ଭଣ୍ଡୁର କରିପାରି ନାହାଁନ୍ତି। ଲୋକେ ସେମାନଙ୍କୁ ଖାତିର ନକରି ନିର୍ଭୟରେ ଆସି ବହୁ ସଂଖ୍ୟାରେ ନିଜ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଶିଳ୍ପ ସମୃଦ୍ଧି ବିଶେଷ କରି ଏଆଇ ଉପରେ ଆଲୋକପାତ କରି କହିଛନ୍ତି ଯେ, ଭାରତ ଏ କ୍ଷେତ୍ରରେ ସାରା ବିଶ୍ୱରେ ଅଗ୍ରଣୀ ରହିଛି। ଆଗାମୀ ପିଢ଼ି ଲାଗି ଏଆଇର ମହତ୍ୱ ସବୁଠାରୁ ଅଧିକ। ତେଣୁ ଏବେ ଏହାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସମାଜର ସବୁଠାରୁ ତଳସ୍ତରରେ ଥିବା ଆଦିବାସୀ, ଦଳିତ ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଉନ୍ନତି ଲାଗି ସରକାର ନେଇଥିବା ପଦକ୍ଷେପ ଏବଂ ଏହାର ସଫଳତା ସମ୍ପର୍କରେ ଶ୍ରୀମତୀ ମୁର୍ମୁ ଉଲ୍ଲେଖ କରିଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି ବିକାଶ ଏବଂ ଯୋଗାଯୋଗ ବ୍ୟବସ୍ଥା ସମ୍ପର୍କରେ ରାଷ୍ଟ୍ରପତି ତାଙ୍କ ମତ ରଖିଛନ୍ତି। ରେଳବାଇର ବିକାଶ ସମ୍ପର୍କରେ ସେ କହିଛନ୍ତି ଯେ, ବନ୍ଦେ ଭାରତ ଏକ୍ସପ୍ରେସ ଭାରତ ରେଳବାଇର ଏକ ବୈପ୍ଳବିକ ପଦକ୍ଷେପ। ଉଡ଼ାନ ଯୋଜନାରେ ଦେଶର ସବୁ ଛୋଟ ସହରକୁ ମଧ୍ୟ ଏବେ ବିମାନ ଉଡ଼ିବା ଆରମ୍ଭ କରିଛି। ଜାତୀୟ ରାଜପଥର ସମ୍ପ୍ରସାରଣ ଏବଂ ଆଧୁନିକ କାରିଗରି କୌଶଳ ଦ୍ୱାରା ଅଗମ୍ୟ ଅଞ୍ଚଳକୁ ମଧ୍ୟ ସଡ଼କ ପଥରେ ସଂଯୋଗ ହୋଇପାରିଛି। ଅଟଳ ଟନେଲ ଏହାର ଉଦାହରଣ। ଦେଶରେ ଜଳପଥର ବିକାଶ ଏବଂ ବନ୍ଦର ସମ୍ପ୍ରସାରଣ ମଧ୍ୟ ସମାନ୍ତରାଳ ଭାବେ ଚାଲିଛି। ୫-ଜି ଯୋଗୁ ଟେଲିଯୋଗାଯୋଗରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ସାମଗ୍ରିକ ଭାବେ ଦେଶରେ ଯୋଗାଯୋଗ ବ୍ୟବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ସ୍ୱାସ୍ଥ୍ୟସେବାରେ ଉଲ୍ଲେଖ କରି ରାଷ୍ଟ୍ରପତି କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନାରେ ଦେଶର ସମସ୍ତ ଗରିବ ଲୋକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଛି। ଦେଶର ପ୍ରତି ଜିଲ୍ଲାରେ ଗୋଟିଏ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉଛି। ପ୍ରତି ଗାଁରେ ଯେପରି ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ ସେଥିଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ଶିକ୍ଷା କ୍ଷେତ୍ରରେ ସରକାର ଆମୂଳଚୂଳ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରାଯାଉଛି। ରାଷ୍ଟ୍ରପତି କହିଛନ୍ତି ଯେ, ନୂଆ ଭାରତ ଗଠନ ଲାଗି ପ୍ରୟାସ ଆରମ୍ଭ ହୋଇଛି। ନିଷ୍ପତ୍ତି ନେବା ପ୍ରକ୍ରିୟା ଏବେ ତ୍ୱରାନ୍ୱିତ ହୋଇଛି। ତତ୍କାଳ କାର୍ଯ୍ୟକାରୀ କରାଯାଉଛି। ଦାରିଦ୍ର୍ୟ, ଅଶିକ୍ଷା ଏବଂ ରୋଗ ଦୂର କରିବା ସରକାରଙ୍କ ପ୍ରାଥମିକତା। ସରକାର ଦେଶବ୍ୟାପି ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛନ୍ତି। ଏବେ ଏହା ଏକ ପ୍ରକାର ଜନଆନ୍ଦୋଳନରେ ପରିଣତ ହୋଇଛି। ମହାକାଶ ବିଜ୍ଞାନ ଏବଂ ସ୍ୱାସ୍ଥ୍ୟ ଗବେଷଣାରେ ଉନ୍ନତି ଏବଂ ପରିବର୍ତ୍ତନ ସମ୍ପର୍କରେ ଉଲ୍ଲେଖ କରିବାକୁ ମଧ୍ୟ ରାଷ୍ଟ୍ରପତି ଭୁଲି ନାହାଁନ୍ତି। ମହାକାଶ ଗବେଷଣାରେ ସଫଳତା ଲାଗି ସେ ଇସ୍ରୋ ବୈଜ୍ଞାନିକମାନଙ୍କୁ ବଧାଇ ଜଣାଇଛନ୍ତି। ସାମଗ୍ରିକ ଭାବରେ ରାଷ୍ଟ୍ରପତିଙ୍କ ଉଦବୋଧନରେ ଆଶାର କିରଣ ଦେଖିବାକୁ ମିଳିଛି। ଆଗକୁ ସୁଦିନ ଆସୁଛି, ଏହା ହିଁ ରାଷ୍ଟ୍ରପତି ତାଙ୍କ ଅଭିଭାଷଣ ମାଧ୍ୟମରେ ପ୍ରତିଶ୍ରୁତି ଦେଇଛନ୍ତି।

# ବିଦ୍ୟାର୍ଥୀଙ୍କ ପରୀକ୍ଷା ପ୍ରସ୍ତୁତି



**କିଶୋର ଚନ୍ଦ୍ର ବେହେରା**

ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ନିଷ୍ଠାର ସହିତ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ କାମ କରିବାକୁ ପଡ଼ିଥାଏ। ଶିକ୍ଷାର୍ଥୀମାନ ପରସ୍ପରଠାରୁ ଶିଖିବା ପାଇଁ ଏକ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଶିକ୍ଷକ ଓ ଗୁରୁଜନଙ୍କ ପ୍ରଥମ କର୍ତ୍ତବ୍ୟ। ଆମକୁ ସୁନିଶ୍ଚିତ କରିବାକୁ ହେବ ଯେ ଆମର ଶିକ୍ଷାର୍ଥୀମାନେ ପ୍ରତିଯୋଗିତାମୂଳକ ଭାବରେ ନୁହେଁ, ବରଂ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆଗେଇ ଆସିବା ଉଚିତ। ଶିକ୍ଷାର୍ଥୀମାନେ ସାଧାରଣ ଲକ୍ଷ୍ୟ ଦିଗରେ ଏକାଠି କାମ କରିବା ଏବଂ ପ୍ରଗତି ହାସଲ କରିବାରେ ପରସ୍ପରକୁ ସମର୍ଥନ କରିବା ପାଇଁ ଉପାୟ ଖୋଜିବା ଦିଗରେ ସଦାସର୍ବଦା ତତ୍ପର ହେବା ପାଇଁ ସଂକଳ୍ପବଦ୍ଧର ଆବଶ୍ୟକତା ପଡ଼ିଥାଏ। ପ୍ରତ୍ୟେକ ବିଦ୍ୟାର୍ଥୀମାନଙ୍କର ନିର୍ଦ୍ଦିଷ୍ଟ ଲକ୍ଷ ରହିଲେ ଉଚିତ ପରାମର୍ଶ କ୍ରମେ ନିର୍ଧାରିତ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାନ୍ତି। ଏଥିପାଇଁ ସମାଜ, ପାରିପାର୍ଶ୍ୱିକ ଅବସ୍ଥିତି, ପରିବେଶ, ସହପାଠୀ, ପିତାମାତା ଓ ଶିକ୍ଷକମାନଙ୍କ ପରାମର୍ଶ ଓ ସୁଚିନ୍ତିତ ମତାମତ ଆଗକୁ ବଢ଼ିବାରେ ସହଜ ଓ ସରଳ ହୋଇଥାଏ। ବର୍ଷ ତମାମ ଶ୍ରେଣୀ ଗୃହରେ ଶିକ୍ଷା ଅଧ୍ୟୟନ ପରେ ଶିକ୍ଷା ବର୍ଷର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ ଫେବୃଆରୀ ଓ ମାର୍ଚ୍ଚ ମାସ ମଧ୍ୟରେ ବାର୍ଷିକ ପରୀକ୍ଷା ଋତୁ ଅନୁଷ୍ଠିତ ହୋଇଥାଏ। ଉକ୍ତ ପରୀକ୍ଷାରେ ବିଦ୍ୟାର୍ଥୀମାନେ ଚାପ ଗ୍ରସ୍ତ ନହୋଇ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହି ସଫଳତା ହାସଲ କରିବା ପାଇଁ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରୀକ୍ଷା ସମୟ ପାଖେଇ ଆସିଛି। ଉଭୟ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯଥାକ୍ରମେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ପାଠପଢ଼ା ପ୍ରାୟତଃ ସରିଯାଇଛି। ବର୍ତ୍ତମାନ ପରିକ୍ଷାର୍ଥୀମାନେ କିପରି ପରୀକ୍ଷାରେ ଆଶାନୁରୂପ ସଫଳତା ପାଇପାରିବେ ଓ କିଭଳି ପ୍ରସ୍ତୁତ ହେବେ ଆଜିର ଆଲୋଚନାର ବିଷୟବସ୍ତୁ।

ବିଭାଗୀୟ ନିର୍ଦ୍ଧାରିତ ଶିକ୍ଷା ସୂଚୀ ଅନୁଯାୟୀ ପାଠପଢ଼ା କେବେ କମ୍ ଦିନ ମଧ୍ୟରେ ହୋଇ ନଥାଏ। ତେଣୁ ବର୍ଷସାରା ସ୍କୁଲ, କଲେଜ ଏବଂ ଟ୍ୟୁଶନରେ ପଢ଼ାଯାଉଥିବା ପାଠ ପ୍ରତି ଯତ୍ନଶୀଳ ହେବା ଦରକାର। ତେବେ ପରୀକ୍ଷା ପୂର୍ବରୁ ମିଳୁଥିବା ଦିନଗୁଡ଼ିକରେ ଭଲ ଭାବେ ପ୍ରସ୍ତୁତ ହେବା ଲାଗି ପ୍ରଥମ କଥା ହେଉଛି ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ପ୍ରସ୍ତୁତ କରିବା, ଯାହାଦ୍ୱାରା ପ୍ରତ୍ୟେକ ବିଷୟକୁ ପଢ଼ିବା ଲାଗି ସମାନ ସମୟ ମିଳିଥାଏ। ଅଧିକାଂଶ ସମୟରେ ଦେଖାଯାଏ ଅନେକ ଶିକ୍ଷାର୍ଥୀ ନିଜ ପ୍ରିୟ ବିଷୟକୁ ଅଧିକ ସମୟ ଦେଉଥିବା ବେଳେ କଷ୍ଟ ଲାଗୁଥିବା ବିଷୟ ପ୍ରତି ଅବହେଳା କରି ବସନ୍ତି। ଏହାଦ୍ୱାରା ଉକ୍ତ ବିଷୟଗୁଡ଼ିକରେ କମ୍ ନମ୍ବର ଆସିଥାଏ। ତେଣୁ ଭଲ ନମ୍ବର ପାଇବା ଲାଗି ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ଦେବା ଦରକାର। ତେବେ ଯେଉଁ ବିଷୟ ମନେ ରଖିବାରେ ବା ବୁଝିବାରେ କଷ୍ଟ ହେଉଛି ତାକୁ ପଢ଼ିବା ପାଇଁ ପାହାନ୍ତା ସମୟ ବା ବ୍ରାହ୍ମ ମୁହୂର୍ତ୍ତ ସବୁଠୁ ଭଲ। କାରଣ ଏହି ସମୟରେ ମସ୍ତିଷ୍କ ସବୁଠାରୁ ଅଧିକ ସକ୍ରିୟ ରହିଥିବାରୁ ପାଠ ସହଜରେ ମନେ ରହିଥାଏ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପଢ଼ିବା ଲାଗି ଏକ ନିରୋଳା ସ୍ଥାନ ବାଛନ୍ତୁ। ଅଭ୍ୟାସ ଦ୍ୱାରା ହିଁ ସଫଳତା ମିଳିଥାଏ। ତେଣୁ ଯାହା ବି



ପଢୁଛନ୍ତି ତାକୁ ମନେରଖିବା ଲାଗି ପାଟି କରି ପଢନ୍ତୁ। ଏହା ସହିତ ଉକ୍ତ ପାଠକୁ ଲେଖନ୍ତୁ। ତେବେ ସମସ୍ତ ପାଠ ପଢ଼ିବା ସହିତ ପୂର୍ବ କିଛି ବର୍ଷଗୁଡ଼ିକରେ ପରୀକ୍ଷାରେ ଆସିଥିବା ପ୍ରଶ୍ନପତ୍ର ଅନୁଯାୟୀ ସମ୍ଭାବ୍ୟ ପ୍ରଶ୍ନ ବାଛି ମଧ ଏହାକୁ ଭଲଭାବେ ଅଭ୍ୟାସ କରିବା ଦରକାର। ଏହି ସମୟରେ ପାଠକୁ ପଢ଼ିବା ଏବଂ ଲେଖିବା ଦ୍ୱାରା ଯେ କେବଳ ମନେରହିଥାଏ ତା' ନୁହେଁ ବରଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେବାର ଅଭ୍ୟାସ ମଧ ହୋଇଥାଏ। ଫଳସ୍ୱରୂପ ପରୀକ୍ଷାରେ ସମୟ ଅଭାବରୁ ପ୍ରଶ୍ନ ଛାଡି ଆସିବା କିମ୍ବା ଗୋଟିଏ ପ୍ରଶ୍ନର ଉତ୍ତର ଆବଶ୍ୟକରୁ ଅଧିକ ଲେଖିବା ଏବଂ ଅନ୍ୟଗୁଡ଼ିକୁ କମାଇବା ଭଳି ସମସ୍ୟା ମଧ ରହି ନ ଥାଏ। ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଧାପିକା ଅଧାପକଙ୍କ ସହାୟତା ମଧ ନେଇପାରିବେ।

ପରୀକ୍ଷା ପ୍ରସ୍ତୁତି ସମୟରେ ବିଶ୍ରାମନେବା କିଛି ଜଣଙ୍କ ପାଇଁ ଅଜବ ଲାଗିପାରେ ସତ, କିନ୍ତୁ ଏହି ସମୟରେ ମସ୍ତିଷ୍କକୁ ବିଶ୍ରାମଦେବା ଜରୁରୀ। ପରୀକ୍ଷା ଉତ୍ତେଜନାରୁ ମୁକ୍ତି ପାଇବା ପାଇଁ କିଛି ସମୟ ବିଶ୍ରାମ ନେବା ସହ ମଜାଦାର କଥାବାର୍ତ୍ତା ବା କାର୍ଯ୍ୟକଳାପରେ ବ୍ୟସ୍ତ ରୁହନ୍ତୁ। ପିଲାକୁ ଶାରୀରିକ ବ୍ୟାୟାମ କରିବାକୁ ପଠାଇବା ସହ କିଛି ସମୟ ଟିଭି ଦେଖିବାକୁ ଅନୁମତି ଦିଅନ୍ତୁ। ଏହାଦ୍ୱାରା ତା' ମନ ହାଲ୍‌କା ହେବା ସହ ପାଠ ପଢ଼ିବାକୁ ଆହୁରି ଆଗ୍ରହ ସୃଷ୍ଟି ହେବ। ପରୀକ୍ଷା ପ୍ରସ୍ତୁତିର ବ୍ୟସ୍ତତା ଭିତରେ ରହି ଅନେକ ପିଲାମାନେ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିଥାନ୍ତି। ତେଣୁ ଏହି ସମୟରେ ପିଲାକୁ ପ୍ରୋଟିନ୍ ଭରା ଖାଦ୍ୟ ସହ ଏନର୍ଜି ଡ୍ରିଙ୍କ୍ ପିଇବାକୁ ଦିଅନ୍ତୁ। ୭ ରୁ ୮ ଘଣ୍ଟା ଶୋଇବାକୁ କୁହନ୍ତୁ। ଜଙ୍କ୍ ଫୁଡ୍ ବଦଳରେ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ, ଡ୍ରାଏ ଫ୍ରୁଟ୍‌ସ ଏବଂ ସନ୍ତୁଳିତ ଆହାର ଖାଇବାକୁ ଦିଅନ୍ତୁ। କାରଣ ପରୀକ୍ଷା ସମୟରେ ଶରୀର ଏବଂ ମସ୍ତିଷ୍କକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ମାତ୍ରାରେ ଖାଦ୍ୟ ଜରୁରୀ। ପରୀକ୍ଷା ସମୟରେ ପିଲାମାନେ ନର୍ଭସ ହେବା ସ୍ୱାଭାବିକ କଥା। ହେଲେ ମା'ବାପା ଚାହିଁଲେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଭଳି କିଛି କଥା କହି ସେମାନଙ୍କର ମନରୁ ଏଭଳି ଭୟ ଦୂରକରିପାରିବେ। ବରଂ ପିଲା ପାଠପଢ଼ା ପାଇଁ ଯେତିକି ପ୍ରସ୍ତୁତି କରିଛି ତାହାକୁ ଠିକ୍ ଭାବେ ପରୀକ୍ଷାରେ ପରିପ୍ରକାଶ କରିବାକୁ ଉତ୍ସାହିତ କରିବା ହିଁ ମା'ବାପାଙ୍କ ପ୍ରଥମ କର୍ତ୍ତବ୍ୟ। ପିଲାର ପାଠପଢ଼ା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତୁ। ପଢ଼ିବା ସମୟରେ ଟିଭି ସାଉଣ୍ଡ କମ୍ କରିବା ସହ ମୋବାଇଲ, ଲାପ୍‌ଟପ୍, ଟ୍ୟାବ୍ ଆଦି ବିଭିନ୍ନ ଅତ୍ୟାଧୁନିକ ଜିନିଷ ଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ବିଦ୍ୟାର୍ଥୀଙ୍କ ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ମାର୍ଗ ଦର୍ଶନ କରିଥାଏ। ବେପରୁଆ ଭାବେ ପ୍ରସ୍ତୁତି କରି ପରୀକ୍ଷା ଦିଅନ୍ତୁ ନାହିଁ। ତେଣୁ ସିଲାବସ୍ ଅନୁଯାୟୀ ଅଧ୍ୟୟନ କରିବା ଜରୁରୀ। ଯଦି ବିଦ୍ୟାର୍ଥୀ ପରୀକ୍ଷାରେ ବିଫଳ ହୁଅନ୍ତି ତେବେ ନିରାଶ ହେବାର କୌଣସି ଆବଶ୍ୟକତା ନାହିଁ। ଏହା ଦ୍ୱାରା ଉତ୍ସାହ କମିଯାଏ। ପରୀକ୍ଷାକୁ ସଫଳ କରିବାର ସର୍ତ୍ତ ହେଉଛି ଅଧ୍ୟୟନରେ ଶୃଙ୍ଖଳିତ ହେବା ଏବଂ କଠିନ ପରିଶ୍ରମ ପାଇଁ ପ୍ରସ୍ତୁତ ହେବା।

**ଅଧାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲାଃ କୋରାପୁଟ**
**ମୋବାଇଲ୍:୯୪୩୭୯୫୫୫୬୮**

# ମୋଟ୍ ଘରୋଇ ସୁଖର ଆବଶ୍ୟକତା

**ଇଂ ଆଲେକଜାଣ୍ଡାର ଦାସ**

ଏକବିଂଶ ଶତାବ୍ଦୀରେ ପ୍ରଗତି ଓ ମାର୍ଗଦର୍ଶନ ନୂଆ ନୂଆ ପ୍ରୟୋଗ ଦେଇ ଗତି କରୁ ଥିବା ବେଳେ ଭୁଟାନ ପରି ଏକ କ୍ଷୁଦ୍ର ଦେଶ ମୋଟ୍ ଘରୋଇ ସୁଖ(ଗ୍ରସ ଡୋମେଷ୍ଟିକ ହାପିନେସ)କୁ ମାର୍ଗଦର୍ଶକ ଭାବରେ ନେଇଛି। ଭୁଟାନର ଜନସଂଖ୍ୟାର ସୁସ୍ଥତା ଏବଂ ସୁଖ ମାପିବା ପାଇଁ ଏହି ସୂଚକାଙ୍କ ବ୍ୟବହୃତ ହେଉଛି, ତାହା ବର୍ତ୍ତମାନ ବିଶ୍ୱର ଅନ୍ୟାନ୍ୟ ଦେଶ ମାନଙ୍କୁ ମଧ ପ୍ରେରିତ କରିଚି। ପ୍ରଗତି କହିଲେ ଆମେ ପ୍ରକୃତରେ ବୁଝନ୍ତି କଣ ? ବିକାଶ ସର୍ବଦା ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କରାଯାଏ ଏବଂ ଏହାକୁ ମୋଟ୍ ଜାତୀୟ ଉତ୍ପାଦର ବୃଦ୍ଧି କିମ୍ବା ମୁଣ୍ଡପିଛା ଆୟର ବୃଦ୍ଧି ବୋଲି କୁହାଯାଏ। ଏହି ବୁଝାମଣାରେ, ବିକାଶ ହେଉଛି ଅଭିବୃଦ୍ଧି ଏବଂ ଏହି ପଦ୍ଧତିରେ ଉତ୍ପାଦିତ ଦ୍ରବ୍ୟ ଏବଂ ସେବା କ୍ୱାଣ୍ଟମ୍ ବୃଦ୍ଧିର ସୂତ୍ର। ବିଗତ କିଛି ଦଶନ୍ଧିର ବିକାଶର ଢାଞ୍ଚା କିଛି ନିର୍ଦ୍ଦିଷ୍ଟ ଧାରା ଉପରେ ପର୍ଯ୍ୟବେଶିତ। ମାତ୍ର ଏହାର ଅନ୍ୟ ଦିଗ ଗୁଡ଼ିକୁ ମଧ୍ୟ ବିଚାରକୁ ନିଆଯାଇ ପାରେ।

ଆମେ ଜାଣୁ ଯେ ଦ୍ରୁତ ଅଭିବୃଦ୍ଧିଶୀଳ ବିକାଶଶୀଳ ଦେଶଗୁଡିକର ମୋଟ୍ ଜାତୀୟ ଉତ୍ପାଦ (ଜିଏନପି) ଉଚ୍ଚ। ମାତ୍ର ଏହି ଅଭିବୃଦ୍ଧି ସେମାନଙ୍କ ଲୋକମାନଙ୍କ ସାମାଜିକ ଓ ଅର୍ଥନୀତିକ ଅଭାବକୁ ହ୍ରାସ କରିବାରେ ଅସଫଳ ହୋଇଛି। ଜନସଂଖ୍ୟାର ଅଧିକାଂଶ ନିଶା ସେବନ, ମଦ୍ୟପାନ, ସାମାଜିକ ଓ ଘରୋଇ ହିଂସା, ବିସ୍ଥାପନ, ସମ୍ପର୍କରେ ଅସ୍ଥିରତା ଭଳି ସମସ୍ୟା ଭୋଗୁଛି। ସେମାନଙ୍କର ଉଚ୍ଚ ଆୟ ତାଙ୍କର ସାମାଜିକ ଓ ପାରିବାରିକ ସୁରକ୍ଷା ପ୍ରଦାନ କରିବାରେ ସକ୍ଷମ ହୋଇପାରି ନାହିଁ। ଏଠାରେ ଉଲ୍ଲେଖନୀୟ ବିଷୟ ହେଉଛି, କିଛି ସ୍ୱଳ୍ପ ଆୟକାରୀ ଦେଶ ଦର୍ଶାଇଛନ୍ତି ଯେ ଦକ୍ଷତା ହାସଲ ପାଇଁ ବ୍ୟବହୃତ ମାଧ୍ୟମ ଗୁଡ଼ିକର ବିସ୍ତାର ଦ୍ୱାରା ମାନବ ସମ୍ବଳର ଏକ ଉଚ୍ଚ ମାନକ ନିର୍ଦ୍ଧାରଣ ସମ୍ଭବ। ଏହି ତଥାକଥିତ ବିଚାରଧାରା ବିରୁଦ୍ଧରେ, ବିକାଶରେ ଆବଶ୍ୟକ ଧାରଣା ପରିବର୍ତ୍ତନର ସମୟ ଆସିଚି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିକାଶ ଜରୁରୀ କିନ୍ତୁ ଏହାକୁ କେବଳ ମାନସିକ ଭାବରେ ଉନ୍ନତ ରହିବା ପାଇଁ ଏକ ମାଧ୍ୟମ ଭାବରେ ଦେଖିବା ଉଚିତ୍।

ସାମଗ୍ରିକ ବିକାଶର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଏକ ସନ୍ତୁଳିତ ଜୀବନର ଅଧିକ ବିକଳ୍ପ ପ୍ରଦାନ କରିବା। ସେହି ବିକଳ୍ପଗୁଡ଼ିକ ମଧ୍ୟରୁ ମୁଣ୍ଡପିଛା ଆୟର ଅଭିବୃଦ୍ଧିକୁ ମଧ୍ୟ ଏକ ମାଧ୍ୟମ ।କିନ୍ତୁ ଅନ୍ୟାନ୍ୟ ବିକଳ୍ପ ଗୁଡିକ, ଯେପରିକି ସୁସ୍ଥ ଦୀର୍ଘ ଜୀବନ, ସାଂସାରିକ ଜ୍ଞାନ, ବ୍ୟକ୍ତିଗତ ଓ ଗୋଷ୍ଠିଗତ ସମାନତା, ରାଜନୈତିକ ସ୍ୱାଧୀନତା, ଏବଂ ମାନବିକ ଅଧିକାରର ସୁରକ୍ଷା ମଧ୍ୟ ଜରୁରୀ।

ଗୋଟିଏ ଦେଶର ଲୋକମାନେ ହିଁ ଏକ ଜାତିର ପ୍ରକୃତ ସମ୍ପଦ। ଏହି ବିକାଶର ମୂଳ ଉଦ୍ଦେଶ୍ୟ ହେଉଛି ସୁସ୍ଥ ଏବଂ ସୃଜନଶୀଳ ଜୀବନ ତିଆରି ଓ ଏହା ପାଇଁ ଉଚିତ୍ ପରିବେଶ ସୃଷ୍ଟି କରିବା। ବିକାଶର ମୂଳ ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କର ସାମଗ୍ରିକ ସୁଖ ଏବଂ ଶାନ୍ତିରେ ସହାବସ୍ଥାନ। ଭୁଟାନ ଏହି ଆଭିମୁଖ୍ୟକୁ ଆଧାର କରି ଜାତୀୟ ସାମଗ୍ରିକ ସୁଖକୁ ଗୁରୁତ୍ୱ ଦେଇଛି। ଏହାହିଁ ଦେଶର ପ୍ରଗତିର ମାପକ। ଦେଶର

ପ୍ରଗତି ମାପିବା ପାଇଁ ମୋଟ୍ ଘରୋଇ ସୁଖର ଆଧାରରେ ଅର୍ଥନୈତିକ କାର୍ଯ୍ୟକୁଶଳତା ଅପେକ୍ଷା ଶାରୀରିକ, ମାନସିକ ସ୍ୱାସ୍ଥ୍ୟ ଏବଂ ପ୍ରକୃତ ସୁଖକୁ ପ୍ରାଧାନ୍ୟ ଦିଆଗଲା।ଏହା ଭୁଟାନର ସାଂସ୍କୃତିକ ମୂଲ୍ୟବୋଧ ଏବଂ ବୌଦ୍ଧିକ ବିଶ୍ୱାସ ଉପରେ ଆଧାରିତ ହେଲା। ଏହା

ସ୍ଥାୟୀ ବିକାଶର ସମ୍ଭାବନାକୁ ଜନ୍ମ ଦେଲା। ଏଥିରେ ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସୁରକ୍ଷା ଏବଂ ସାମାଜିକ ସୁସ୍ଥତା ମଧ୍ୟରେ ସନ୍ତୁଳନ ଖୋଜାଗଲା। ଏହି ଜିଏନଏଚ ଇଣ୍ଡେକ୍ସ ମାଧ୍ୟମରେ ଭୁଟାନ ଜନସଂଖ୍ୟାର ସାମଗ୍ରିକ ସୁସ୍ଥତାକୁ ମପା ଯାଉଚି। ଯଦିଓ ଏହା ବ୍ୟକ୍ତିବିଶେଷ ଅନୁସାରେ ଭିନ୍ନ, ମାତ୍ର ସାମଗ୍ରିକ ଭାବେ ଦେଖିଲେ ମାନସିକ ଓ ଶାରିରୀକ ସ୍ୱାସ୍ଥ୍ୟ, ସର୍ବ ଶିକ୍ଷା, ବିବିଧ ସାଂସ୍କୃତିକ ବିଚାରଧାରାର ବଳିଷ୍ଠତାକୁ ବୁଝାଇବ। ପରିବେଶ, ପଶୁପକ୍ଷୀ ଓ ମଣିଷ ସହ ସେମାନଙ୍କ ଉତ୍ତମ ସହାବସ୍ଥାନ ମଧ ଏଥିରେ ଅନ୍ତର୍ଭୁକ୍ତ। ଆମେରିକା ପରି ଦେଶରେ ଜଙ୍ଗଲ ଅଗ୍ନି ପରି ଦୁର୍ବିପାକ ଏବେ ପରିବେଶ ଓ ମଣିଷ ମଧ୍ୟରେ ଥିବା ଅସନ୍ତୁଳନକୁ ଦର୍ଶାଉଥିବା ବେଳେ ଭୂଟାନର ଏହି ପ୍ରଚେଷ୍ଟା ଅନେକ ଗୁରୁତ୍ୱପୂର୍ଣ୍ଣ।

"ମୋଟ୍ ଜାତୀୟ ସୁଖ" ଶବ୍ଦଟି ୧୯୭୦ ଦଶକର ଶେଷ ଭାଗରେ ଭୁଟାନର ଚତୁର୍ଥ ରାଜା ଜିଗମେ ସିଙ୍ଗି ୱାଙ୍ଗଚକ୍ ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ତାଙ୍କ ମତରେ, ମୋଟ୍ ଘରୋଇ ଉତ୍ପାଦ ଅପେକ୍ଷା ମୋଟ୍ ଜାତୀୟ ସୁଖ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅନ୍ୟାନ୍ୟ ଦେଶ ସାମୟିକ ବିକାଶ ବା ନିଜ ସରକାରର କାର୍ଯ୍ୟକାଳ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଭୁଟାନ ସ୍ଥାୟୀ ବିକାଶର କଥା କୁହେ। ଏହର ମୁଖ୍ୟ ଦିଗ ହେଉଛି ଆମର ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ଅଭିବୃଦ୍ଧି। ଉଦାହରଣ ସ୍ୱରୂପ, ଜୀବାଶ୍ମ ଇନ୍ଧନ ଉପରେ ପରିବର୍ତ୍ତେ ସୌର, ଜଳ କିମ୍ବା ପବନ ଶକ୍ତିର ବ୍ୱବହାର କରି ପାରିବା। ଅକ୍ଷୟ ଶକ୍ତିର ବିନିଯୋଗ ଦ୍ୱାରା ପରିବେଶରେ ସନ୍ତୁଳନ ବଜାୟ ରହିବ। ମୂଲ୍ୟବାନ ପ୍ରାକୃତିକ ସମ୍ବଳ ନଷ୍ଟ ହେବନାହିଁ କିନ୍ତୁ ଆମର ଘର ଏବଂ ଶିଳ୍ପଗୁଡ଼ିକୁ ଶକ୍ତି ମିଳିପାରିବ। ସ୍ଥାୟୀ ବିକାଶର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସାମାଜିକ ସମାନତା। ଏହା ସମୁଚିତ ସଂପୃତିକୁ ପ୍ରୋତ୍ସାହିତ କରେ। ଏହାର ଅର୍ଥ ହେଉଛି ଦେଶର ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛଳ ହେବା ଠାରୁ ସୁଖୀ ହେବା ଗୁରୁତ୍ୱପୂର୍ଣ୍ଣ।

ବିଶ୍ୱ ପରିସଂଖ୍ୟାନ ୨୦୨୪ ଅନୁଯାୟୀ, ଫିନଲ୍ୟାଣ୍ଡ ହେଉଛି ଦୁନିଆର ସବୁଠାରୁ ଖୁସି ଦେଶ। ଲଗାତାର ସାତ ବର୍ଷ ପାଇଁ ଫିନଲ୍ୟାଣ୍ଡ ଏହି ଧାରା ବଜାୟ ରଖିଚି। ଫିନଲ୍ୟାଣ୍ଡକୁ ଦୁନିଆର ସବୁଠୁ ଖୁସି ଦେଶ ଭାବେ ବିବେଚନା କରାଯିବାର କାରଣ ହେଉଛି, ପରସ୍ପର ମଧ୍ୟରେ ରହିଥିବା ବିଶ୍ୱାସ। ଏହା ସେମାନଙ୍କୁ ନିରାପତ୍ତା ପ୍ରଦାନ କରିବା ସହ ଏକ ସମୋଡାଦାୟ ଅନୁଭବ ଦିଏ।

ଫିନଲ୍ୟାଣ୍ଡର ଲୋକେ ପ୍ରକୃତି ସହ ମଧ୍ୟ ନିବିଡ଼ ସଂପର୍କ ରଖିଥାନ୍ତି। ପରିବେଶର ସୁରକ୍ଷା ସମସ୍ତ ଫିନ ବାସୀଙ୍କ ଦାୟିତ୍ୱ।

ଫିନଲ୍ୟାଣ୍ଡ ଏହାର ନାଗରିକମାନଙ୍କୁ ଏକ ଉତ୍କୃଷ୍ଟ ଜୀବନଶୈଳୀ ପ୍ରଦାନ କରେ। ଏହି ଶକ୍ତିଶାଳୀ ଜୀବନ ଶୈଳୀରେ ଏକ ଦୁର୍ନୀତିମୁକ୍ତ ସମାଜ, ସୁସ୍ଥ ଓ ସନ୍ତୁଳିତ କାର୍ଯ୍ୟ-ଜୀବନ, ଅନ୍ୟକୁ ସାହାଯ୍ୟ କରିବାର ପ୍ରବୃତ୍ତି ଏବଂ ସହୃଦୟତାର ସ୍ପଷ୍ଟ ଭାବନା ଅନ୍ତର୍ଭୁକ୍ତ। ଏଥିପାଇଁ ଫିନଲ୍ୟାଣ୍ଡରେ ହାରାହାରି ଆୟୁ 82 ବର୍ଷ।

୯୬% ଫିନ୍ ବିଶ୍ୱାସ କରନ୍ତି ଯେ ସେମାନଙ୍କର ଆବଶ୍ୟକତା ସମୟରେ କେହି ଜଣେ ପାଖରେ ଠିଆ ହେବକୁ ଅଛି। ଏସିଆ ମହାଦେଶର ଅଧିକାଂଶ ଦେଶ ପ୍ରଗତିଶୀଳ ହୋଇଥିବାରୁ ଦୃତ ଆର୍ଥିକ ଅଭିବୃଦ୍ଧି କୁ ହିଁ ଅଧିକ ଧ୍ୟାନ ଦିଆ ଯାଏ। ମାତ୍ର ଭୁଟାନ ଏହି ଧରାବନ୍ଧା ନିୟମରେ ପରିବର୍ତନ ଆଣି ଉତ୍ତମ ଶାସନ ସହ ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ଶିକ୍ଷା, ସାଂସ୍କୃତିକ ବିବିଧତା ସତ୍ତ୍ୱେ ସ୍ଥିରତା ଆଣି ପାରିଛି। ଭୁଟାନ ସରକାରଙ୍କ ବିକାଶ ନୀତିକୁ ଅନୁସରଣ କରି ସାମାଜିକ କଲ୍ୟାଣ ଏବଂ ସୁଖରେ ଉନ୍ନତି ଆଣିବା ପାଇଁ ଅନ୍ୟ ଦେଶ ସମୁହର ସରକାର, ଏନଜିଓ ଏବଂ ବ୍ୟବସାୟ ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା ଉଚିତ୍। ବିଶେଷ କରି ଭାରତରେ ପ୍ରତିଦିନ ବଢୁଥିବା ସାମାଜିକ ଓ ଘାରୋଇ ହିଂସା, ମାନସିକ ଅସ୍ଥିରତା, ଆତ୍ମହତ୍ୟା ପ୍ରବଣତା ଓ ସାମାଜିକ ବିଶୃଙ୍ଖଳାକୁ ରୋକିବା ପାଇଁ ମାନସିକ ସୁସ୍ଥତା ଏବଂ ସ୍ଥିରତାକୁ ଧ୍ୟାନ ଦେଲେ ଆମେ ମାନେ ମଧ୍ୟ ସୁଖୀ ରାଷ୍ଟ୍ରରେ ପରିଗଣିତ ହୋଇ ପାରିବା।

**ଅଧ୍ୟକ୍ଷ, କଳିଙ୍ଗ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟସ୍, ଯାଜପୁର**
**ମୋବାଇଲ୍: ୯୦୪୦୬୯୬୯୬୯**

# ମନରଗା ପାଣ୍ଠି ଅଭାବ



**ସୌଭାଗ୍ୟ ରଂଜନ ମହାନ୍ତି**

ଏଥିରେ ଦ୍ୱିମତ ନାହିଁ ଯେ, ଗ୍ରାମାଂଚଳରେ ଜୀବନଜୀବିକାର ଜୀବନରେଖା ଭାବେ ପରିଚିତ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନେରଗା) ପୁଣି ଥରେ ଉତ୍କଟ ପାଣ୍ଠି ଅଭାବ ମଧ୍ୟରେ ଗତି କରୁଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ୨୦୨୪-୨୫ ଆର୍ଥୀକ ବର୍ଷ ପାଇଁ ସରକାର ୮୬,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ସତ୍ତ୍ୱେ ଏବେ ବି ୪୩୧୫ କୋଟି ମଜୁରୀ ବାବଦରେ ବକେୟା ପଡିଛି। ଅର୍ଥାତ ପାଣ୍ଠି ଅଭାବରୁ ଶ୍ରମିକମାନେ ସେମାନଙ୍କର ମଜୁରି ବାବଦରେ ପାରିଶ୍ରମିକ ପାଇପାରିନାହିଁ। ଏହି ସମସ୍ୟା କେବଳ ଗୋଟିଏ କିମ୍ବା ଦୁଇଟି, ରାଜ୍ୟ ନୁହେଁ, ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଦେଖାଦେଇଛି। ସେହିପରି ୨୦୨୩-୨୪ ଆର୍ଥୀକ ବର୍ଷରେ ଏହି ଯୋଜନା କାର୍ଯ୍ୟକାରୀ ହେବାର ୬ମାସ ମଧ୍ୟରେ ୬୧୪୬ କୋଟି ଟଙ୍କା ନିଅଣ୍ଟିଆ ଦେଇ ଗତି କରିଥିଲା। କିନ୍ତୁ ୨୦୨୨-୨୩ ଆର୍ଥୀକ ବର୍ଷରେ ୮୯,୪୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲା, ଯାହାକି ମୂଳ ବଜେଟ ବା ବ୍ୟୟ ବରାଦ ଠାରୁ ୩୩ ପ୍ରତିଶତ ଅଧିକ ରହିଥିଲା। ଯୋଜନାର କାର୍ଯ୍ୟକାରିତା ଓ ପାଣ୍ଠିର ଅଗ୍ରାଧିକାର ସମ୍ପର୍କରେ ସଂକେତ ପ୍ରଦାନ କରେ। କେବଳ ଏତକି ନୁହେଁ, ଗ୍ରାମାଚଂଳରେ ଯୋଜନା କେତେ ଫଳପ୍ରଦ ହୋଇଛି ଏବଂ ଆଦୃତ ହୋଇପାରିଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କହିବା ବାହୁଲ୍ୟ ଯେ, ମହାମାରୀ କୋରୋନା କାଳରେ ଦେଶରେ ଅଚାନକ ଏବଂ ଦୀର୍ଘକାଳୀନ ଲକଡାଉନ(ତାଲାବନ୍ଦ) ଯୋଗୁଁ ପ୍ରବାସୀ ଶ୍ରମିକଙ୍କୁ ପାଇଁ ମନେରଗା କିପରି ବରଦାନ ସଦୃଶ କାର୍ଯ୍ୟ କରିଥିଲା, ତାହା ବୋଧହୁଏ କେହି ଭୁଲି ନଥିବେ। ରୋଜଗାର ହରାଇଥିବା ଗାଁ ଗହଳିର ଫେରନ୍ତା ପ୍ରବାସୀ ଶ୍ରମିକଙ୍କ ପାଇଁ ଜୀବନ-ଜୀବିକାର ଏକମାତ୍ର ଉତ୍ସ ଥିଲା। ଏହା ଅନୁଭବ କରି କେନ୍ଦ୍ର ସରକାର ବଜେଟରେ ଅତିରିକ୍ତ ବ୍ୟୟ କରିଥିଲେ। ବୋଧହୁଏ ପ୍ରଥମ ଥର ପାଇଁ ମନେରଗାରେ ବଜେଟ ବ୍ୟୟ ବରାଦ ୧ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଥିଲା। ଶ୍ରମିକଙ୍କ ଦୈନିକ ମଜୁରି ଅତି ସ୍ୱଳ୍ପ ଥିଲେ ମଧ ଏହା କିପରି ଆଦୃତ ହୋଇଥିଲା,



ତାହାର ସଂକେତ ଦିଏ। ମନେରଗାର ମଜୁରି ମାତ୍ର ୩୦୦ ଟଙ୍କାରୁ କମ୍ ରହିଛି। ତେବେ କେତେକ ରାଜ୍ୟରେ ମଜୁରି ୩୦୦ଟଙ୍କାର ସାମାନ୍ୟ ଅଧିକ ଥିବା କୁହାଯାଏ। ମନେରଗାରେ ଶ୍ରମିକଙ୍କ ଦୈନିକ ମଜୁରି ୪୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ କଂଗ୍ରେସ ଦାବି କରି ଆସୁଛି। ଗ୍ରାମାଚଂଳରେ ଶ୍ରମିକମାନଙ୍କୁ ବାର୍ଷିକ ୧୦୦ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେଇ ଆସୁଥିବା ସତ୍ତ୍ୱେ ଯୋଜନାର ଉତ୍କଟ ଆର୍ଥୀକ ପାଣ୍ଠିର ଅଭାବର ସମ୍ମୁଖୀନ ହୋଇଆସୁଛି। ସେହିପରି ବୈଷୟିକ ପ୍ରଯୁକ୍ତି ବିଦ୍ୟା ବିଶେଷ କରି ଆଧାର ଭିତିକ ମଜୁରି ପ୍ରଦାନ ଏବଂ ଜାତୀୟ ମୋବାଇଲ ତଦାରଖ ସିଷ୍ଟମ ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ଏବେ ବିଳମ୍ବର କାରଣ ହୋଇଛି। ଆଧାର ସଂଯୋଗ କ୍ଷେତ୍ରରେ ତୃଟି ଯୋଗୁଁ ବହୁ କ୍ଷେତ୍ରରେ ଯବ କାର୍ଡ କଟି ଯାଇଥିବା ଅଭିଯୋଗ ହୁଏ। ସେହିପରି ଗାଁ ଗହଳିର ଅନଭିଜ୍ଞ ଶ୍ରମିକଙ୍କର ଆଧାର ଲିଙ୍କ ଅନଭିଜ୍ଞତା ଯୋଗୁଁ ଏହା ବିଳମ୍ବର କାରଣ ହୋଇଛି। ଗତ ୨୦୨୨ ମସିହା ଠାରୁ ବର୍ତମାନ ସୁଦ୍ଧା ୯କୋଟିରୁ ଅଧିକ ଶ୍ରମିକ ସେମାନଙ୍କର ଯବକାର୍ଡ ହରାଇଥିବାବେଳେ ୧୦କୋଟିରୁ ଅଧିକ ଶ୍ରମିକ ବର୍ତମାନ ସୁଦ୍ଧା ସେମାନଙ୍କର ଆଧାର ଭିତିକ ମଂଜୁରୀ ପ୍ରଦାନରେ ମୋବାଇଲ ଲିଙ୍କ କରିପାରିନାହାଁନ୍ତି। ଉଲ୍ଲେଖ କରାଯାଇପାରେ ଯେ, ମନେରଗା ମଜୁରି ପ୍ରଦାନରେ ସ୍ୱଚ୍ଛତା ବେଳେ ଏବେ ଏହା ଶ୍ରମିକଙ୍କ ଜୀବନ ଜୀବିକାରେ ପ୍ରତିବନ୍ଧକ ସାଜିଛି। ଏହା ନିସନ୍ଦେହ ଯେ, ଗ୍ରାମାଚଂଳରେ ଶ୍ରମିକଙ୍କୁ ୧୦୦ଦିନର ନିଯୁକ୍ତି ନିରାପତା ଯୋଗାଇ ଦେବା ଲକ୍ଷ୍ୟ ନେଇ ୯୦ଦଶକରେ କଂଗ୍ରେସ ସରକାର ମନେରଗା କାର୍ଯ୍ୟକାରୀ କରିଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଦାରିଦ୍ର୍ୟ ଦୂରିକରଣ ଓ କ୍ଷୁଧାମୁକ୍ତି। ସେତେବେଳେ ଏହି ଯୋଜନାକୁ ବିଜେପି ବିରୋଧ କରିଥିଲା। ଏବେ ପାଣ୍ଠି ଅଭାବ ତଥା ଶ୍ରମିକ ଠିକ ସମୟରେ ମଜୁରି ନପାଇବା ଯୋଗୁଁ ଶ୍ରମିକ ଏହା ଉପରୁ ଆସ୍ଥା ହରାଉଥିବା ଲକ୍ଷ୍ୟ କରାଯାଏ। ଗ୍ରାମାଚଂଳରେ ବେଶ୍ ଫଳପ୍ରଦ ହୋଇଥିବା ଏପରି ଏକ ଜନାଦୃତ ଯୋଜନାର ବ୍ୟୟ ବରାଦ ହ୍ରାସ କରିବା ବିଜ୍ଞତାର ପରିଚାୟକ ନୁହେଁ। ସରକାର୨୦୨୫-୨୬ ଆର୍ଥୀକ ବର୍ଷର ବଜେଟରେ ବ୍ୟୟ ବରାଦ ବୃଦ୍ଧି ପ୍ରତି ଅଗ୍ରାଧିକାର ଦେବା ଜରୁରୀ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୯୪୩୭୯୯୪୩୭୯**



## ମହାମଣ୍ଡଳେଶ୍ୱର ପଦରୁ ବିଦାହେଲେ ମମତା ଓ ଲକ୍ଷ୍ମୀ

ନୂଆଦିଲ୍ଲୀ: ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳା ମଧ୍ୟରେ କିନ୍ନର ଆଖଡ଼ା ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ନର ଆଖଡ଼ାର ପ୍ରତିଷ୍ଠାତା ଋଷି ଅଜୟ ଦାସ ମମତା କୁଲକର୍ଣ୍ଣୀଙ୍କୁ ମହାମଣ୍ଡଳେଶ୍ୱର ପଦବୀରୁ ହଟାଇ ଆଖଡ଼ାରୁ ବାହାର କରିଛନ୍ତି। ମମତା କୁଲକର୍ଣ୍ଣୀଙ୍କ ସମେତ ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ବି ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଏବଂ ଆଖଡ଼ା ପଦବୀରୁ ବାହାର କରାଯାଇଛି। ଏହି ନିଷ୍ପତ୍ତି ପରେ ଆଖଡ଼ାକୁ ନୂତନ ଭାବରେ ଗଠନ କରାଯିବା ନେଇ ଋଷି ଅଜୟ ଦାସ କହିଛନ୍ତି। ପୂର୍ବତନ ଅଭିନେତ୍ରୀ ମମତା କୁଲକର୍ଣ୍ଣୀ କିଛି ଦିନ ପୂର୍ବରୁ ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭରେ ସନ୍ୟାସିନୀ ହେବାର ସୂଚନା ଦେଇଥିଲେ।

ମମତା ମହାକୁମ୍ଭ ସମୟରେ କିନ୍ନର ଆଖଡ଼ାରେ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଡକ୍ଟର ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ଭେଟିଥିଲେ। ଏହାପରେ ମମତା ସଙ୍ଗମରେ ପିଣ୍ଡଦାନର ବିଧି ପାଳନ କରିଥିଲେ ଏବଂ ତାଙ୍କର କିନ୍ନର ଆଖଡ଼ାରେ ଅଭିଷେକ ହୋଇଥିଲା। ମହାକୁମ୍ଭରେ ସନ୍ୟାସ ଗ୍ରହଣ କରିବା ପରେ ମମତା କୁଲକର୍ଣ୍ଣୀଙ୍କୁ ଏକ ନୂତନ ଆଧାତ୍ମିକ ନାମ 'ଶ୍ରୀ ଯମାୟୀ ମମତା ନନ୍ଦ ଗିରି' ଦିଆଯାଇଥିଲା। ଏଥିସହିତ ତାଙ୍କୁ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ଭାବରେ ନିଯୁକ୍ତ କରାଯାଇଥିଲା।

ମହାମଣ୍ଡଳେଶ୍ୱର ଭାବେ ମମତାଙ୍କୁ ଚୟନ କରାଯିବା ପରେ ବିବାଦ ଦେଖା ଦେଇଥିଲା। ଏହି କ୍ରମରେ ଯୋଗଗୁରୁ ବାବାରାମଦେବ ମହାମଣ୍ଡଳେଶ୍ୱର ଭାବରେ ମମତାଙ୍କୁ ନିଯୁକ୍ତ କରାଯିବା ପରେ ପ୍ରଶ୍ନ କରିଥିଲେ କି, 'ଯିଏ କାଲି ସାଂସାରିକ ଜୀବନ ବିତାଉଥିଲା ସେ ଗୋଟିଏ ଦିନ ଭିତରେ କେମିତି ସନ୍ଥ ହୋଇଯିବ? ମହାମଣ୍ଡଳେଶ୍ୱରର ଉପାଧି କେମିତି ମିଳିଯିବ?

ଏକ ସାକ୍ଷାତକାରରେ ମମତା କୁଲକର୍ଣ୍ଣି କହିଥିଲେ, ମୋର ଭାରତ ଛାଡିବାର କାରଣ ଆଧାତ୍ମିକତା ଥିଲା। ୧୯୯୬ ମସିହାରେ, ମୁଁ ଆଧାତ୍ମିକତା ପ୍ରତି ଆକର୍ଷିତ ହୋଇଥିଲି ଏବଂ ସେହି ସମୟରେ ମୁଁ ଗୁରୁ ଗଗନ ଗିରି ମହାରାଜଙ୍କୁ ଭେଟିଥିଲି। ତାଙ୍କ ଆଗମନ ପରେ, ଆଧାତ୍ମିକତା ପ୍ରତି ମୋର ଆଗ୍ରହ ବଢ଼ିଗଲା ଏବଂ ମୋର ତପସ୍ୟା ଆରମ୍ଭ ହୋଇଥିଲା। ମୁଁ ବଲିଉଡ୍ ଛାଡି ୨୦୦୦ ରୁ ୨୦୧୨ ପର୍ଯ୍ୟନ୍ତ ତପସ୍ୟା ଜାରି ରଖିଥିଲି। ମୁଁ ଦୁବାଇରେ ଅନେକ ବର୍ଷ ବିତାଇଛି, ଯେଉଁଠାରେ ମୁଁ ଦୁଇଟି ଶୟନ କକ୍ଷ ବିଶିଷ୍ଟ ଫ୍ଲାଟରେ ରହି ୧୨ ବର୍ଷ ଧରି ବ୍ରହ୍ମଚର୍ଯ୍ୟ ପାଳନ କରିଥିଲି।

## ମହାକୁମ୍ଭ ଦଳାଚକଟା ଘଟଣାର ତଦନ୍ତ ପାଇଁ କମିସନ ଗଠିତ

**ପ୍ରୟାଗରାଜ, ୩୧।୧:** ମହାକୁମ୍ଭ ଦଳାଚକଟା ତଦନ୍ତ ସମ୍ପର୍କରେ ଏକ ପ୍ରମୁଖ ସୂଚନା ହସ୍ତଗତ ହୋଇଛି। ନ୍ୟାୟିକ ତଦନ୍ତ କମିସନ ଆଜି ପ୍ରୟାଗରାଜରେ ପହଞ୍ଚିବେ ବୋଲି ସୂଚନା ରହିଛି। ଘଟଣାର ତଦନ୍ତ ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ କମିସନ ଗଠନ କରାଯାଇଛି। ଆହ୍ଲାବାଦ ହାଇକୋର୍ଟର ପୂର୍ବତନ ବିଚାରପତି ହର୍ଷ କୁମାରଙ୍କ ନେତୃତ୍ୱରେ ଏହି କମିସନର ସଦସ୍ୟ ତଦନ୍ତ କରିବେ। ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଭିକେ ଗୁପ୍ତା ଏବଂ ପୂର୍ବତନ ଆଇଏଏସ୍ ଅଧିକାରୀ ଡିକେ ସିଂହ କମିସନର ସଦସ୍ୟ ରହିଛନ୍ତି। କମିସନର ଗଠନ ତଦନ୍ତର ଗମ୍ଭୀରତାକୁ ଉନ୍ମୋଚନ କରୁଛି। କମିସନ ମହାକୁମ୍ଭ ସମୟରେ ଘଟିଥିବା ଘଟଣାଗୁଡ଼ିକର ତଦନ୍ତ ଆରମ୍ଭ କରିବାକୁ ପ୍ରସ୍ତୁତ, ଯାହା ପୀଡିତଙ୍କୁ ନ୍ୟାୟ ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜ୍‌ରେ ବଡ଼ ଧରଣର ଦଳାଚକଟା ଘଟିଥିଲା। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ଏହାର ଯାଞ୍ଚ କରିବ ଟିମ। ତେବେ ଏକମାସ ଭିତରେ ରିପୋର୍ଟ ପ୍ରଦାନ କରିବେ ଟିମ। ଅନ୍ୟପଟେ ମହାକୁମ୍ଭ ମେଳାରେ ପୁଣି ଥରେ ଯେପରି କୌଣସି ଅଘଟଣ ନଘଟେ ଏନେଇ ସତର୍କ ହୋଇଛନ୍ତି ଉତ୍ତରପ୍ରଦେଶ ସରକାର। ଏପରିକି ଭିଆଇପି ପ୍ରୋଟୋକଲକୁ ହଟାଇବା ସହ ଯାନବାହାନ ଚଳାଚଳ ଉପରେ ମଧ ନିୟମକୁ ଅଧିକ ଶକ୍ତ କରାଯାଇଛି।

## ଟିକ୍‌ଟକ ଭିଡିଓ ପାଇଁ ଝିଅକୁ ହତ୍ୟାକଲା ବାପା

**ଇସଲାମାବାଦ, ୩୧।୧:** ଝିଅ ଟିକ୍ ଟକ୍ ଭିଡିଓ ବନାଉଥିବାରୁ ହତ୍ୟା କଲା ବାପା। ୧୫ ବର୍ଷୀୟା ହୀରାଙ୍କ ବାପା ସୋସିଆଲ ମିଡିଆରେ ଝିଅର ଭିଡିଓ ଦେଖି କ୍ରୋଧିତ ହୋଇଥିଲେ ଏବଂ ତାଙ୍କୁ ଭିଡିଓ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ହୀରା ଏହା ନଶୁଣିବାରୁ ତାଙ୍କୁ ତାଙ୍କ ବାପା ଓ ମାମୁଁ ମିଶି ହତ୍ୟା କରିଥିଲେ। ଘଟଣାଟି ପାକିସ୍ତାନରେ ଘଟିଥିବା ବେଳେ ଏବେ ୨ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ୨ଅଭିଯୁକ୍ତମାନେ ହେଲେ ଅନୱରୁଲ ହକ୍(ବାପା) ଓ ତୟ୍ୟବ ଅଲୀ। ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ଅନୱରୁଲ-ହକ୍ ବହୁ ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀ ଏବଂ ୩ଝିଅଙ୍କ ସହିତ ଆମେରିକା ଚାଲିଯାଇଥିଲେ। ସେଠାରେ ଝିଅ ଟିକ୍ ଟକ୍ ଭିଡିଓ ବନାଉଥିବା ଦେଖି ଏଭଳି ନକରିବାକୁ କହିଥିଲେ ଅନୱରୁଲ। ହେଲେ ଝିଅ ତାଙ୍କ କଥା ମାନିବାକୁ ରାଜି ହୋଇନଥିଲେ। ଏହା ପରେ ତୟ୍ୟବଙ୍କ ସହ ହତ୍ୟା ଯୋଜନା କରି ଜାନୁଆରୀ ୧୫ତାରିଖରେ ଝିଅ ହୀରାଙ୍କ ସହିତ ପାକିସ୍ତାନ ଆସିଥିଲେ ଅନୱରୁଲ୍। ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଦୁଇ ଝିଅ ଆମେରିକାରେ ହିଁ ରହିଥିଲେ। ପାକିସ୍ତାନକୁ ଆସିବା ପରେ ଦୁହେଁ ମିଶି ହୀରାଙ୍କୁ ହତ୍ୟା କରିଥିଲେ। ଏବେ ପୁଲିସ ଦୁହିଁଙ୍କୁ ଗିରଫ କରିଥିବା ବେଳେ ଦୁହେଁ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି।

## ସ୍ପେସ୍ ଷ୍ଟେସନ୍‌କୁ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଯାତ୍ରା କରିବେ ଶୁଭ୍ରାଂଶୁ



ନୂଆଦିଲ୍ଲୀ, ୩୧।୧: ଭାରନାସା ଅଭିଯାନରେତୀୟ ଯବାନ। ଭାରତୀୟ ବାୟୁସେନାର ପାଇଲଟ ଶୁଭାଂଶୁ ଶୁକ୍ଲା ନାସାର ମିଶନ୍ - ଫୋର ଅଭିଯାନରେ ସାମିଲ ହୋଇଛନ୍ତି ବୋଲି ସୂଚନା ରହିଛି। ମିଶନ୍ ଫୋର୍ ଅଭିଯାନର ପାଇଲଟ ଭାବେ ଶୁଭାଂଶୁଙ୍କୁ ବଛା ଯାଇଛି। ଖୁବଶୀଘ୍ର ମହାକାଶକୁ ଯିବେ ଶୁଭାଂଶୁ। ସ୍ପେଶ୍-ଏକ୍ସର ଡ୍ରାଗନ୍ ସ୍ପେଶ୍ କ୍ରାଫ୍ଟକୁ ନେଇ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନ୍ ଯିବେ ଶୁଭାଂଶୁ। ପ୍ରଥମ ଭାରତୀୟ ବାୟୁସେନାର ପାଇଲଟ୍ ଭାବେ ଶୁଭାଂଶୁ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନ୍ ଯିବେ। ଏହା ପୂର୍ବରୁ ଇସ୍ରୋର ଗଗନଯାନ ଅଭିଯାନ ପାଇଁ ଚୟନ ହୋଇ ଟ୍ରେନିଂ ନେଇ ସାରିଛନ୍ତି ଶୁଭାଂଶୁ। ପେଗି ହ୍ୱିଟସନ୍ ମିଶନ୍ ଫୋର ଅଭିଯାନର କମାଣ୍ଡ ସମ୍ଭାଳିବେ। ଆଉ ଏହି ମିଶନ୍‌ର ପାଇଲଟ ହେବେ ଶୁଭାଂଶୁ। ଏପ୍ରିଲ-ଜୁନ୍ ମାସ ମଧ୍ୟରେ ଏମାନେ ମହାକାଶକୁ ଯିବେ। ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ଦ୍ୱିତୀୟ ଭାରତୀୟ ହେବାକୁ ଯାଉଛନ୍ତି ଶୁଭାଂଶୁ।

# ଆମକୁ ମହିଳା ଶକ୍ତିର ଗୌରବ ପ୍ରତିଷ୍ଠା କରିବାକୁ ପଡିବ: ମୋଦୀ

**ନୂଆଦିଲ୍ଲୀ, ୩୧।୧:** କାଲି ସଂସଦରେ ବଜେଟ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏହାପୂର୍ବରୁ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦେବୀ ଲକ୍ଷ୍ମୀଙ୍କୁ ପ୍ରଣାମ କରି ଅଭିବାଦନ ଜଣାଇଛନ୍ତି ନରେନ୍ଦ୍ର ମୋଦୀ। କହିଛନ୍ତି ଆସନ୍ତାକାଲି ଉପସ୍ଥାପିତ ହେବାକୁ ଥିବା ବଜେଟ୍ ଦେଶରେ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିବ। ନରେନ୍ଦ୍ର ମୋଦୀଙ୍କ ସମ୍ବୋଧନ ପରେ ଏଥର ବଜେଟ କାହାକୁ ଅଧିକ ସୁହାଇବ ତାହାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା। ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି, "ଦେଶର ପ୍ରତ୍ୟେକ ମହିଳା ସମ୍ମାନ ଏବଂ ସମାନ ଅଧିକାର ପାଇବା ଜରୁରୀ। ଆମକୁ ମହିଳା ଶକ୍ତିର ଗୌରବ ପ୍ରତିଷ୍ଠା କରିବାକୁ ପଡିବ ଏବଂ ଏହି ବଜେଟ୍ ଅଧିବେଶନରେ ମହିଳା ଶକ୍ତି ବୃଦ୍ଧି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ।"

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, "ଯଦି ବିକାଶର ଦ୍ରୁତ ଗତି ହାସଲ କରିବାକୁ ହେଲେ ଅନେକ ସଂସ୍କାରର ଆବଶ୍ୟକତା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଜନ ଭାଗିଦାରୀ



ହେଲେ ଦେଶ ଏକ ବଡ଼ ପରିବର୍ତ୍ତନ ଦିଗରେ ଗତିଶୀଳ ହୋଇପାରିବ। ଆଜିର ୨୦୨୫ ବର୍ଷୀୟ ଯୁବକମାନେ ଯେତେବେଳେ ୪୫ ୫୦ ବର୍ଷରେ ପାଦ ଥାପିବେ ସେତେବେଳେ ସେମାନେ ବିକଶିତ ଭାରତର ସବୁଠାରୁ ବଡ଼ ଲାଭାର୍ଥୀ ହେବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଭାଷଣରେ କହିଛନ୍ତି ଯେ, ଆମେ ଏବେ ମିଶନ ମୋଡରେ ଅଛୁ ଏବଂ ଏହି ବଜେଟ୍ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ନିଷ୍ପତ୍ତି ନିଆଯିବ, ସାମଗ୍ରିକ ଭାବେ ଏହି ବଜେଟ୍ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁଯାୟୀ ଏହି ବଜେଟ୍ ଅଧିବେଶନ ବିକଶିତ ଭାରତକୁ ନୂତନ ଶକ୍ତି ଦେବ। ନୂଆ ଆଇନ ପ୍ରଣୟନ ହେବ ଯାହା ଦେଶକୁ ମଜଭୁତ କରିବ। ସେ କହିଛନ୍ତି ଯେ ଆଗାମୀ ୨୫ ବର୍ଷ ପାଇଁ ସଂକଳ୍ପ ମାଧ୍ୟମରେ ସମୃଦ୍ଧ ଭାରତ ଲକ୍ଷ୍ୟରେ ପହଞ୍ଚିବ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ କରିବା ଆମର ସଂକଳ୍ପ ଏବଂ ଏଥର ବଜେଟ୍ ଐତିହାସିକ ହେବାକୁ ଯାଉଛି।

### ସିଇସିଙ୍କୁ ଟାର୍ଗେଟ୍ କଲେ କେଜ୍ରିୱାଲ

## ଅବସର ପରବର୍ତ୍ତୀ ଚାକିରି ପାଇଁ ରାଜନୀତି କରୁଛନ୍ତି



**ନୂଆଦିଲ୍ଲୀ, ୩୧।୧:** ଦିଲ୍ଲୀରେ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି କରିବାପାଇଁ ହରିୟାଣାରେ ବିଜେପି ସରକାର ଦିଲ୍ଲୀ ଆସୁଥିବା ଯମୁନା ନଦୀ ଜଳରେ ବିଷ ମିଶାଉଛି ବୋଲି ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଅଭିଯୋଗ କରିଥିଲେ। ତେବେ କେଜ୍ରିୱାଲଙ୍କର ଏହି ଅଭିଯୋଗ ଉପରେ ଇସି (ନିର୍ବାଚନ କମିସନ) ତାଙ୍କଠାରୁ ତଥ୍ୟଗତ ପ୍ରମାଣ ମାଗିଥିବାରୁ ଆଜି କେଜ୍ରିୱାଲ ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାରଙ୍କୁ ଟାର୍ଗେଟ୍ କରିଛନ୍ତି। ରାଜୀବ କୁମାର ଅବସର ପରବର୍ତ୍ତୀ ଚାକିରି ପାଇଁ ରାଜନୀତି କରୁଛନ୍ତି ବୋଲି କେଜ୍ରିୱାଲ ଅଭିଯୋଗ କରିଛନ୍ତି। କେଜ୍ରିୱାଲ କହିଛନ୍ତି, ସେ କୁମାର ଏବଂ ତାଙ୍କ ନିର୍ବାଚନ କମିସନରଙ୍କୁ ୩ ବଟଲ ଯମୁନା ପାଣି ପଠାଇବେ ଏବଂ ସେମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପାଣି ପିଇବାପାଇଁ କେଜ୍ରିୱାଲ ଚ୍ୟାଲେଞ୍ଜ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଇସିଙ୍କ ଚିଠିର ଜବାବ ଦେଇ କେଜ୍ରିୱାଲ ସାର୍ବଜନୀନ ସ୍ୱାର୍ଥ ପାଇଁ ଯମୁନା ବିଷ ଟିପ୍ପଣୀ ଦେଇଥିବା କହିବାରୁ ଇସି ଆଜି ତାଙ୍କୁ ପୁଣି ଆଉ ଏକ ନୋଟିସ୍ ପଠାଇଛନ୍ତି। ଏହାପରେ କେଜ୍ରିୱାଲ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ କମିସନକୁ ଟାର୍ଗେଟ୍ କରିଛନ୍ତି। କେଜ୍ରିୱାଲ କହିଛନ୍ତି, ନିର୍ବାଚନ କମିସନଙ୍କୁ ମୁଁ ପୂର୍ଣ୍ଣ ସମ୍ମାନର ସହ କହୁଛି ଯେ ସେମାନେ ଦିଲ୍ଲୀରେ ଖୋଲାଖୋଲି ଟଙ୍କା ଏବଂ କମ୍ବଳ ବଣ୍ଟା ହେଉଥିବା ଦେଖି ପାରୁନାହାନ୍ତି। ସେମାନେ ରାଜନୀତି କରୁଛନ୍ତି କାହିଁକି। କାରଣ ରାଜୀବ କୁମାର ଅବସର ପରବର୍ତ୍ତୀ ଚାକିରି ଚାହାନ୍ତି। ଯଦି ରାଜୀବ କୁମାର ଚାହିବେ ତେବେ ସେ ଦିଲ୍ଲୀର ଯେ କୌଣସି ଆସନରୁ ନିର୍ବାଚନ ଲଢ଼ିପାରିବେ ବୋଲି କେଜ୍ରିୱାଲ କହିଛନ୍ତି।

## ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆପ୍‌କୁ ଜବରଦସ୍ତ ଝଟ୍‌କା

### ଏକକାଳୀନ ଦଳ ଛାଡ଼ିଲେ ୭ ବିଧାୟକ

ନୂଆଦିଲ୍ଲୀ,୩୧।୧: ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଆପ୍)କୁ ଆଜି ଜବରଦସ୍ତ ଝଟକା ଲାଗିଛି। କାରଣ ଏକକାଳୀନ ଦଳର ୭ ଜଣ ବିଧାୟକ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ତ୍ରିଲୋକପୁରୀ ବିଧାୟକ ରୋହିତ ମହରୌଲିଆ, ଜନକପୁରୀ ବିଧାୟକ ରାଜେଶ ଋଷି, କସ୍ତୁରବା ନଗର ବିଧାୟକ ମଦନଲାଲ, ପାଲମ୍ ବିଧାୟକ ଭାବନା ଗୌଡ଼, ମହରୌଲି ବିଧାୟକ ନରେଶ ଯାଦବ, ଆଦର୍ଶ ନଗର ବିଧାୟକ ପବନ ଶର୍ମା ଓ ବିଜୱାସନ ବିଧାୟକ ବିଏସ୍ ଜୁନ୍। ଏ ସଂକ୍ରାନ୍ତରେ ବିଧାୟକମାନେ ଦଳ ମୁଖ୍ୟଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ପ୍ରାରମ୍ଭରେ ଦଳ ଯେଉଁ ସଚ୍ଚୋଟ ବିଚାରଧାରା ନେଇ କାର୍ଯ୍ୟ କରୁଥିଲା, ଏବେ ତାହା ଆଉ କାଏମ ରହିପାରିନାହିଁ।

ଦଳର ଦୁଃସ୍ଥିତି ଦେଖି ବହୁତ ଦୁଃଖ ଲାଗୁଛି ବୋଲି ବିଧାୟକମାନେ ମତ ଦେଇଛନ୍ତି। ସେହିପରି ମହରୌଲି ବିଧାୟକ ଶ୍ରୀ ଯାଦବ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ଇସ୍ତଫା ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।

ସେ ସଚ୍ଚୋଟତାର ରାଜନୀତି ପାଇଁ ଆପ୍‌ରେ ଯୋଗଦେଇଥିଲେ ହେଁ ଆଜି ଦଳରେ କେଉଁଠି ବି ସଚ୍ଚୋଟତା ନଜର ଆସୁନାହିଁ। ମହରୌଲି ବିଧାନସଭା ଆସନରୁ ନିର୍ବାଚିତ ହେବା ପରେ ସେ ଗତ ୧୦ ବର୍ଷ ଧରି କ୍ରମାଗତ ଭାବେ ଶତପ୍ରତିଶତ ସଚ୍ଚୋଟତାର ସହ କାର୍ଯ୍ୟ କରିଆସିଛନ୍ତି।

ମହରୌଲି ଜନତା ତାଙ୍କୁ ଜଣେ ସଚ୍ଚୋଟ ରାଜନେତା ବୋଲି ଜାଣିଛନ୍ତି। କିନ୍ତୁ ଏବେ ଆପ୍ ସମ୍ପୂର୍ଣ୍ଣ ରୂପେ ଦୁର୍ନୀତିରେ ବୁଡ଼ିଯାଇଥିବାରୁ ଆଜି ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିବା ଶ୍ରୀ ଯାଦବ ଦର୍ଶାଇଛନ୍ତି। ଏହାଛଡ଼ା କସ୍ତୁରବା ନଗର ବିଧାୟକ ଶ୍ରୀ ଲାଲ ତାଙ୍କ ଇସ୍ତଫାପତ୍ରରେ ଆପ୍ ଉପରୁ ତାଙ୍କର ଭରସା ତୁଟିଯାଇଥିବାରୁ ଦଳ ଛାଡ଼ିଥିବା କହିଛନ୍ତି।

## ଛତିଶଗଡ଼ରେ ପ୍ରଥମ ଏଚ୍‌ଏମ୍‌ପିଭି ସଂକ୍ରମିତ ଠାବ

**ରାୟପୁର,୩୧।୧:** ଚୀନ୍‌ରୁ ବ୍ୟାପିଥିବା ଘାତକ ଭୂତାଣୁ ଏଚ୍‌ଏମ୍‌ପିଭି ଆଜି ଛତିଶଗଡ଼ରେ ପହଞ୍ଚିଛି। କାରଣ ଏଠାରେ ଜଣେ ୩ ବର୍ଷର ଶିଶୁ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛି। କୋରବା ଜିଲ୍ଲାର ଏହି ଶିଶୁଟି ସଂକ୍ରମିତ ହୋଇଥିବା ଆଜି ଅଧିକାରୀମାନେ ସୂଚନା ଦେଇଛନ୍ତି। ରାଜ୍ୟରେ ଏହା ପ୍ରଥମ ଏଚଏମପିଭି ମାମଲା ହୋଇଥିବା ବେଳେ ଏନେଇ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ନିୟମିତ ବ୍ୟବଧାନରେ ଏହାର ଯାଞ୍ଚ କରୁଛି। ମିଳିଥିବା ସୂଚନାନୁସାରେ, କୋରବା ଜିଲ୍ଲାର ଉକ୍ତ ୩ ବର୍ଷର ଶିଶୁଟି ଗତ ୨୭ ତାରିଖଠାରୁ ବିଳାସପୁରର ଏକ ହସ୍ପିଟାଲରେ ଆଇସିୟୁରେ




ଚିକିତ୍ସାଧୀନ ରହିଛି। ଉକ୍ତ ଶିଶୁଟି ସଂକ୍ରମିତ ହୋଇଥିବା ନେଇ ସ୍ୱାସ୍ଥ୍ୟ ବିଭାଗର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଶିଶୁଠାରେ ଏଚ୍‌ଏମ୍‌ପିଭି ନିଶ୍ଚିତ ହେବା ପରେ ବିଳାସପୁର ଓ କୋରବା ଜିଲ୍ଲାରେ ସତର୍କ ସୂଚନା ଜାରି କରାଯାଇଛି। ଶିଶୁକୁ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ରାୟପୁର ଏମ୍ସ ପଠାଇବା ସକାଶେ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବିଳାସପୁର ଜିଲ୍ଲା ସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡା. ପ୍ରମୋଦ ତିୱାରୀ କହିଛନ୍ତି ଯେ ପଡୋଶୀ ଜିଲ୍ଲା କୋରବାର ଜଣେ ବ୍ୟକ୍ତିଙ୍କର ୩ ବର୍ଷର ପୁଅ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛି। ଉକ୍ତ ଶିଶୁଠାରେ ଥଣ୍ଡା, କାଶ ଓ ଜ୍ୱର ଭଳି ଲକ୍ଷଣ ରହିଛି। କିନ୍ତୁ ତା'ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ନ ଆସିବାରୁ ଗତ ୨୭ ତାରିଖରେ ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁଠାରୁ ନମୁନା ସଂଗ୍ରହ କରାଯାଇ ରାୟପୁର ଏମ୍ସକୁ ପଠାଯାଇଥିଲା। ସେଠାରୁ ରିପୋର୍ଟ ଆସିବା ପରେ ଉକ୍ତ ଶିଶୁଟି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସଂକ୍ରମିତ ଶିଶୁକୁ ହସ୍ପିଟାଲରେ ଅନ୍ୟ ରୋଗୀଙ୍କଠାରୁ ପୃଥକ୍ ଭାବେ ଆଇସିୟୁରେ ରଖାଯାଇଛି ବୋଲି ଡା. ତିୱାରୀ କହିଛନ୍ତି।

## କୁହୁଡ଼ି ଯୋଗୁ ଦୁର୍ଘଟଣା, ଚାଲିଗଲା ୯ ଜୀବନ

**ଚଣ୍ଡିଗଡ଼, ୩୧।୧:** ପଞ୍ଜାବର ଫିରୋଜପୁର ଜିଲ୍ଲାର ଉତ୍ତର ଗାଁରେ ମର୍ମନ୍ତୁଦ ଦୁର୍ଘଟଣା। କ୍ୟାଣ୍ଟର-ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା। ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ସୂଚନାନୁସାରେ, ଯାତ୍ରୀମାନଙ୍କ ମଧ୍ୟରେ ୨୦ ଜଣ ୱେଟର ଥିବାବେଳେ ପିକଅପ୍ ଭ୍ୟାନରେ ଯାତ୍ରୀମାନେ ଫିରୋଜପୁରରୁ ଜଲାଲାବାଦ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିଲେ। ତେବେ ସକାଳୁ କୁହୁଡ଼ି ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଯେଉଁ କାରଣରୁ ପିକଅପ୍ ଭ୍ୟାନଟି ରାସ୍ତାକଡ଼ରେ ଥିବା କ୍ୟାଣ୍ଟରଟିକୁ ପିଟିଥିଲା। ଫଳରେ ୯ ଜଣଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଉଦ୍ଧାରକାରୀ ଦଳଙ୍କ ସମେତ ଗ୍ରାମବାସୀମାନେ ଆହତଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଗୁରୁତରଙ୍କୁ ଫିରୋଜପୁର, ଫରିଦକୋଟ, ଜଲାଲବାଦ ଓ ଗୁରୁହରସହାୟରେ ଥିବା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୬ ଜଣ ଗୁରୁତରଙ୍କୁ ଫରିଦକୋଟର ଗୁରୁ ଗୋବିନ୍ଦ ସିଂ ମେଡିକାଲ କଲେଜକୁ ପଠାଯାଇଥିବା ବେଳେ ଅନ୍ୟ ଆହତମାନେ ଜଲାଲାବାଦ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତଦେହକୁ ଜଲାଲାବାଦ ଡାକ୍ତରଖାନାକୁ ଶବବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଡିଏସ୍‌ପି ସତନାମ ସିଂଙ୍କ କହିବାନୁସାରେ, ଦୁର୍ଘଟଣାର ୧୦ ମିନିଟ୍ ଭିତରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯାହା ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ମୃତକ ଓ ଆହତଙ୍କ ପରିଚୟ ମିଳିପାରିନାହିଁ। ମୃତକଙ୍କ ପରିଚୟ ମିଳିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିବ ପୋଲିସ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



### ସହନକ୍ଷମତା ଦେଖାଇଛି ଭାରତର କୃଷି କ୍ଷେତ୍ର: ଅର୍ଥନୈତିକ ସର୍ଭେ ରିପୋର୍ଟ

# ୨୦୧୭-୨୦୨୩ ଆର୍ଥିକ ବର୍ଷରେ ୫% ଅଭିବୃଦ୍ଧି

**ନୂଆଦିଲ୍ଲୀ,୩୧।୧:** କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ଉତ୍ପାଦକତା ଏବଂ ଫସଲ ବିବିଧତାକୁ ପ୍ରୋତ୍ସାହିତ କରିବା ଓ କୃଷି ଆୟ ବୃଦ୍ଧି ଭଳି ସରକାରୀ ପଦକ୍ଷେପ ଦ୍ୱାରା ଭାରତର କୃଷି କ୍ଷେତ୍ର ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ସ୍ଥିରତା ଦେଖାଇଛି। ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ, 'କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ' ଭାରତୀୟ ଅର୍ଥନୀତିର ମେରୁଦଣ୍ଡ, ଯାହା ଜାତୀୟ ଆୟ ଓ ନିଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସିଛି। ବିଗତ ବର୍ଷଗୁଡ଼ିକରେ (୨୦୧୬-୧୭ରୁ ୨୦୨୨-୨୩) କୃଷି କ୍ଷେତ୍ରରେ ବାର୍ଷିକ ହାରାହାରି ୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ କୃଷି କ୍ଷେତ୍ରରେ ୩.୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଗ୍ରସ ଭାଲ୍ୟୁ ଆଡେଡ୍ (ଜିଭିଏ) ୨୦୧୫ ଆର୍ଥିକ ବର୍ଷରେ ୨୪.୩୮ ପ୍ରତିଶତ ଥିବାବେଳେ ୨୦୨୩ ଆର୍ଥିକ ବର୍ଷରେ ଏହା ୩୦.୨୩ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥନୀତିରେ ସାମଗ୍ରିକ ଜିଭିଏର ୨୦ ପ୍ରତିଶତ ଅଂଶ ସହିତ କୃଷିର କ୍ରମାଗତ ଏବଂ ସ୍ଥିର ଅଭିବୃଦ୍ଧି ପାଖାପାଖି ୫ ପ୍ରତିଶତ, ଜିଭିଏରେ ୧ ପ୍ରତିଶତ ଅଭିବୃଦ୍ଧି ଯୋଗଦାନ କରିବ।

ଅର୍ଥନୈତିକ ସର୍ଭେରେ ଅଟକଳ କରାଯାଇଛି ଯେ ୨୦୨୪ରେ ଖରିଫ ଶସ୍ୟ ଉତ୍ପାଦନ ୧୬୪୭.୦୫ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି)ରେ ପହଞ୍ଚିବ, ଯାହା ପୂର୍ବ ବର୍ଷ ତୁଳନାରେ ୮୯.୩୭ ଲକ୍ଷ ମେଟ୍ରିକ ଟନ୍ ଅଧିକ। ସମୀକ୍ଷା ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ବାର୍ଷିକ କୃଷି ଆୟ ୫.୨୩ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥନୈତିକ ସର୍ଭେରେ କୁହାଯାଇଛି ଯେ ସରକାର କୃଷକ ଆୟ ଦ୍ୱିଗୁଣିତ (ଡିଏଫଆଇ) ରିପୋର୍ଟ ୨୦୧୬ର ସୁପାରିସ ଆଧାରରେ କୃଷି ଉତ୍ପାଦକତା ଏବଂ କୃଷକ ଆୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି। ଫସଲ ଓ ପଶୁସମ୍ପଦ ଉତ୍ପାଦକତା ବୃଦ୍ଧି, ଫସଲର ତୀବ୍ରତା ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟର ଫସଲ ଗ୍ରହଣ କରିବା ପାଇଁ ବିଭିନ୍ନ ରଣନୀତି ବିଷୟରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜାତୀୟ ନିରନ୍ତର କୃଷି ମିଶନ (ଏନଏମଏସଏ) ଅଧୀନରେ ସରକାର 'ପର ଡ୍ରପ ମୋର କ୍ରପ୍' (ପିଡିଏମସି) ଭଳି ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏସବୁ ପଦକ୍ଷେପ ମଧ୍ୟରେ ରହିଛି ଉତ୍ପାଦକତା ଏବଂ ସ୍ଥାୟୀତା ବୃଦ୍ଧି ପାଇଁ ବିକଳ୍ପ ଏବଂ ଜୈବିକ ସାର ବ୍ୟବହାର। ଏହାଛଡ଼ା ଡିଜିଟାଲ କୃଷି ମିଶନ ଏବଂ ଇ-ଜାତୀୟ କୃଷି ବଜାର (ଇ-ନାମ) ଭଳି ମୂଲ୍ୟ ଶୃଙ୍ଖଳା ବିକାଶ ପାଇଁ ଅଭିନବ କୃଷି ଜ୍ଞାନକୌଶଳ ଏବଂ ଡିଜିଟାଲ ପଦକ୍ଷେପର ଶୁଭାରମ୍ଭ କରାଯାଇଛି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ମାଧ୍ୟମରେ ସରକାର କୃଷକମାନଙ୍କୁ ନିର୍ଦ୍ଧାରିତ ଆୟ ସହାୟତା ପ୍ରଦାନ କରନ୍ତି।

**ସର୍ବନିମ୍ନ ସହାୟକ ମୂଲ୍ୟ:** ଅର୍ଥନୈତିକ ସମୀକ୍ଷା ଅନୁଯାୟୀ, ୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ସରକାର ଏହି ଫସଲର ହାରାହାରି ମୂଲ୍ୟ ଅତି କମ୍ରେ ଦେଢ଼ ଗୁଣ ସ୍ତରରେ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସବୁ ପଦକ୍ଷେପ ଅଧୀନରେ ସରକାର ପୁଷ୍ଟିକର ଶସ୍ୟ (ଶ୍ରୀଅନ୍ନ), ଡାଲି ଏବଂ ତୈଳବୀଜର ଏମଏସପି ବୃଦ୍ଧି କରିଛନ୍ତି

### ଗତ ଦଶନ୍ଧିରେ ବାର୍ଷିକ ୫.୨୩% ବଢ଼ିଛି ଆୟ

### ଆନୁଷଙ୍ଗିକ କ୍ଷେତ୍ର କୃଷି ବିକାଶର ବାହକ

### ଚଳିତ ଆର୍ଥିକ ବର୍ଷରେ ଖରିଫ ଶସ୍ୟ ଉତ୍ପାଦନ ୧୬୪୭.୦୫ ଲକ୍ଷ ମେଟ୍ରିକ୍ ଟନ୍ ଆଶା

। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ହରଡ଼ ଓ ବାଜରାର ଏମଏସପି ଉତ୍ପାଦନର ହାରାହାରି ମୂଲ୍ୟର ଯଥାକ୍ରମେ ୫୯ ପ୍ରତିଶତ ଏବଂ ୭୭ ପ୍ରତିଶତ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ମସୁର ଡାଲିର ଏମଏସପି ୮୯ ପ୍ରତିଶତ ବୃଦ୍ଧି କରାଯାଇଥିବା ବେଳେ ସୋରିଷର ଏମଏସପି ୯୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି।

**ଜଳସେଚନ ବିକାଶ:** ଅର୍ଥନୈତିକ ସର୍ଭେରେ କୁହାଯାଇଛି ଯେ ଜଳସେଚନ ସୁବିଧା ବୃଦ୍ଧି ପାଇଁ ସରକାର ଜଳସେଚନ ବିକାଶ ଏବଂ ଜଳ ସଂରକ୍ଷଣ ପଦ୍ଧତିକୁ ପ୍ରାଥମିକତା ଦେଉଛନ୍ତି। ଜଳ ଦକ୍ଷତା ବୃଦ୍ଧି ପାଇଁ ୨୦୧୬ ଆର୍ଥିକ ବର୍ଷରୁ ସରକାର ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ) ଅଧୀନରେ 'ପର ଡ୍ରପ ମୋର କ୍ରପ' (ପିଡିଏମସି) ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି। ପିଡିଏମସି ଅଧୀନରେ କ୍ଷୁଦ୍ର ଚାଷୀମାନଙ୍କୁ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ସ୍ଥାପନ ପାଇଁ ମୋଟ ପ୍ରକଳ୍ପ ମୂଲ୍ୟର ୫୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ବେଳେ ଅନ୍ୟ ଚାଷୀମାନଙ୍କୁ ୪୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରାଯାଇଆସିଛି। ୨୦୧୬ ଆର୍ଥିକ ବର୍ଷରୁ ଗତ ଡିସେମ୍ବର ପର୍ଯ୍ୟନ୍ତ ପିଡିଏମସି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟଗୁଡ଼ିକୁ ୨୧,୯୬୮.୭୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହା ୯୫.୫୮ ଲକ୍ଷ ହେକ୍ଟର କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରୁଛି। ଏହା ପ୍ରାକ୍-ପିଡିଏମସି ସମୟ ତୁଳନାରେ ୧୦୪.୬୭ ପ୍ରତିଶତ ଅଧିକ। କ୍ଷୁଦ୍ର ଜଳସେଚନ ପାଣ୍ଠି (ଏମଆଇଏଫ) ଅଧୀନରେ ରାଜ୍ୟଗୁଡ଼ିକୁ ଅଭିନବ ପ୍ରକଳ୍ପ ପାଇଁ ଋଣ ଉପରେ ୨ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ୪୭୦୯ କୋଟି ଟଙ୍କାର ଋଣ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୩୬୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

**ଖାଦ୍ୟ ପ୍ରକ୍ରିୟାକରଣ:** ଖାଦ୍ୟ ପ୍ରକ୍ରିୟାକରଣର ଅର୍ଥନୈତିକ ସମୀକ୍ଷା ସୂଚାଉଛି ଯେ ୨୦୨୪ ଆର୍ଥିକ ବର୍ଷରେ କୃଷି ଖାଦ୍ୟ ରପ୍ତାନି ମୂଲ୍ୟ୪୬.୪୪ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏଥିରେ ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନି ମଧ ସାମିଲ୍। ଏହା ଭାରତର ମୋଟ ରପ୍ତାନିର ୧୧.୭ ପ୍ରତିଶତ। ୨୦୧୮ ଆର୍ଥିକ ବର୍ଷରେ ଭାରତର ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନି ୧୪.୯ ପ୍ରତିଶତ ଥିବା ବେଳେ ୨୦୨୪ ଆର୍ଥିକ ବର୍ଷରେ ଏହା ୨୩.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ କିଷାନ ସମ୍ପଦ ଯୋଜନା (ପିଏମକେଏସୱାଇ)ର ଲକ୍ଷ୍ୟ ରହିଛି। ୨୦୨୪ ଅକ୍ଟୋବର ୩୧ ସୁଦ୍ଧା ୧୦୭୯ଟି ପିଏମ୍କେଏସ୍ୱାଇ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଅକ୍ଟୋବର ୩୧, ୨୦୨୪ ସୁଦ୍ଧା ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ଯୋଜନା (ପିଏଲଆଇଏସଏଫପି) ଅଧୀନରେ ୧୭୧ଟି ଆବେଦନ ଅନୁମୋଦନ କରାଯାଇଛି, ଯେଉଁଥିରେ ୮୯୧୦ କୋଟି ଟଙ୍କା ବିନିଯୋଗ ଏବଂ ୧୦୮୪.୦୧ କୋଟି ଟଙ୍କାର ପଦକ୍ଷେପ ଅନ୍ତର୍ଭୁକ୍ତ। ଅକ୍ଟୋବର ୩୧, ୨୦୨୪ ସୁଦ୍ଧା ପ୍ରଧାନମନ୍ତ୍ରୀ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଣ୍ଟରପ୍ରାଇଜେସ୍ (ପିଏମଏଫଏମଇ) ଯୋଜନାରେ ୪୦୭୮୧୯ ଆବେଦନ ମିଳିଛି, ଯେଉଁଥିରେ ୧୦୮୫୮୦ ଆବେଦନକାରୀଙ୍କୁ ୮.୬୩ ହଜାର କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଛି। ଏହାବ୍ୟତୀତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମରେ ୬୭୨ ଜଣ ମାଷ୍ଟର ଟ୍ରେନର, ୧୧୨୦ ଜଣ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ଓ ୮୭୪୭୭ ଜଣ ହିତାଧିକାରୀଙ୍କୁ ତାଲିମ ଦିଆଯାଇଛି।

**ଖାଦ୍ୟ ପରିଚାଳନା:** ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ର ଦକ୍ଷତା ବୃଦ୍ଧି ପାଇଁ ସରକାର ସମଗ୍ର ଦେଶରେ ଶତ ପ୍ରତିଶତ ଇ-କେୱାଇସି କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହା ୱାନ୍ ନେସନ୍ ୱାନ୍ ରାସନ କାର୍ଡ (ଓଏନଓଆରସି) ଯୋଜନା ସହ ସମାନ, ଯାହା ହିତାଧିକାରୀଙ୍କୁ ଯେକୌଣସି ସ୍ଥାନରୁ ଉପଭୋକ୍ତା ଇ-କେୱାଇସି ଆକସେସ୍‌କୁ ଅନୁମତି ଦେଇଥାଏ। ହିତାଧିକାରୀମାନେ ଯେକୌଣସି ଫେୟାର ପ୍ରାଇସ୍ ସପ୍ (ଏଫପିଏସ୍)ରେ ସେମାନଙ୍କ ବାୟୋମେଟ୍ରିକ୍ ଯାଞ୍ଚ କରିପାରିବେ।

## ଚତୁର୍ଥ ଟି-୨୦: ୧୫ ରନ୍‌ରେ ହାରିଲା ଇଂଲଣ୍ଡ

# ଭାରତ ସିରିଜ୍ ବିଜୟୀ




ପୁଣେ,୩୧।୧: ଚଳିତ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ୧୫ ରନ୍‌ରେ ବିଜୟୀ ହୋଇ ଘରୋଇ ଭାରତ ଅପରାଜେୟ ଅଗ୍ରଣୀ ହାସଲ କରିଛି। ୩-୧ରେ ସିରିଜ୍ ଜିତିଥିବା ଭାରତ ପ୍ରଥମେ ବ୍ୟାଟିଂ ପାଇଁ ଆହ୍ୱାନ ପାଇଁ ୯ ୱିକେଟ୍‌ରେ ୧୮୧ ରନ୍ କରିଥିଲା। ଏହାର ଜବାବରେ ଇଂଲଣ୍ଡ ୧୯.୪ ଓଭର୍‌ରେ ୧୬୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।
ଭାରତ ତା'ର ପ୍ରଥମ ୫ଟି ୱିକେଟ୍ ୭୯ ରନ୍ ମଧ୍ୟରେ ହରାଇଥିଲା। ଓପନର ସଞ୍ଜୁ ସାମ୍‌ସନ୍ ୧, ଅଭିଷେକ ଶର୍ମା ୨୯ ଓ ରିଙ୍କୁ ସିଂହ ୩୦ ରନ୍ କରିଥିବା ବେଳେ ତିଳକ ବର୍ମା ଓ ସୂର୍ଯ୍ୟପ୍ରକାଶ ଯାଦବ ବିନା କୌଣସି ରନ୍ କରିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହି ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ୍ ଦୁବେ ଷଷ୍ଠ ୱିକେଟ୍‌ରେ ୮୭ ରନ୍‌ର ବଳିଷ୍ଠ ଭାଗୀଦାରୀ କରି ଦଳୀୟ ସ୍କୋର୍‌କୁ ୧୬୬ରେ ପହଞ୍ଚାଇଥିଲେ। ଦୁବେ ୭ଟି ଚୌକା ଓ ୨ଟି ଛକା ସହ ଏବଂ ହାର୍ଦ୍ଦିକ ୪ଟି ଲେଖାଏଁ ଚୌକା ଓ ଛକା ସହ ୫୩ ରନ୍ ଲେଖାଏଁ କରିଥିଲେ। ଇଂଲଣ୍ଡ ପକ୍ଷରୁ ସାକିବ୍ ମାହମୁଦ୍ ୩ଟି, ଜେମି ଓଭର୍ଟନ୍ ୨ଟି ଏବଂ ବ୍ରାଇଡନ୍ କାର୍ସ ଓ ଆଦିଲ୍ ରଶିଦ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।
ଅନ୍ୟପକ୍ଷରେ ବ୍ୟାଟିଂରେ ଦଳ ପକ୍ଷରୁ ହ୍ୟାରୀ ବ୍ରୁକ୍ ମାତ୍ର ୨୬ ବଲ୍‌ରେ ୫ଟି ଚୌକା ଓ ୨ଟି ଛକା ସହ ସର୍ବାଧିକ ୫୧, ଓପନର ବେନ୍ ଡକେଟ୍ ୭ଟି ଚୌକା ଓ ଗୋଟିଏ ଛକା ସହ ୩୯ ଏବଂ ଅନ୍ୟତମ ଓପନର ଜୋସ୍ ବଟଲର୍ ୪ଟି ଚୌକା ସହ ୨୩ ରନ୍ କରିଥିଲେ। ଏହାଛଡ଼ା ଜେମି ଓଭର୍ଟନ୍ ଓ ରଶିଦ୍ ଯଥାକ୍ରମେ ୧୯ ଓ ୧୦ ରନ୍ କରିଥିଲେ। ଭାରତ ପାଇଁ ରବି ବିଷ୍ଣୋଇ ଓ ହର୍ଷିତ ରାଣା ୩ଟି ଲେଖାଏଁ, ବରୁନ୍ ଚକ୍ରବର୍ତ୍ତୀ ୨ଟି ଏବଂ ଅର୍ଶଦୀପ ସିଂହ ଓ ଅକ୍ଷର ପଟେଲ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଦୁବେଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

# ଆଜି ହକି ଇଣ୍ଡିଆ ଲିଗ୍ ଫାଇନାଲ ମ୍ୟାଚ୍

**ରାଉରକେଲା, ୩୧।୧(ସଂଚାର ବ୍ୟୁରୋ):** ଶନିବାର ଦିନ ହକି ଇଣ୍ଡିଆ ଲିଗ୍‌ର ଫାଇନାଲ ମ୍ୟାଚ୍ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ଉକ୍ତଦିନ ସଂଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷିତ ହେବ। ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ନାୟିକା ସାରା ଅଲୀ ଖାନ ଯୋଗଦେବେ। ସାରା ନିଜର ବିଭିନ୍ନ ହିଟ୍ ଗୀତର ତାଳେତାଳେ ନୃତ୍ୟ ପରିବେଷଣ କରିବେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଫାଇନାଲ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ହେବ। ଏଥିପାଇଁ ତୃତୀୟ ସ୍ଥାନ ପାଇଁ ଖେଳାଯିବାକୁ ମ୍ୟାଚ୍ ସନ୍ଧ୍ୟା ୬.୧୫ ମିନିଟ୍ ପରିବର୍ତ୍ତେ ଅଧ ଘଣ୍ଟା ଆଗରୁ, ଅର୍ଥାତ୍ ୫.୪୫ ମିନିଟ୍‌ରେ ଆରମ୍ଭ ହେବ। ଏହାସହ ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ପଲ୍ଲୀଶ୍ରୀ ମେଳାଙ୍କୁ ଉଦ୍‌ଘାଟନ କଲାପରେ ଫାଇନାଲ ମ୍ୟାଚ୍‌ରେ ଯୋଗଦେବେ। ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ନାୟିକା ସାରା ଅଲୀ ଖାନ ଯୋଗଦେବେ। ସାରା ନିଜର ବିଭିନ୍ନ ହିଟ୍ ଗୀତର ତାଳେତାଳେ ନୃତ୍ୟ ପରିବେଷଣ କରିବେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଫାଇନାଲ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ହେବ। ଏଥିପାଇଁ ତୃତୀୟ ସ୍ଥାନ ପାଇଁ ଖେଳାଯିବାକୁ ମ୍ୟାଚ୍ ସନ୍ଧ୍ୟା ୬.୧୫ ମିନିଟ୍ ପରିବର୍ତ୍ତେ ଅଧ ଘଣ୍ଟା ଆଗରୁ, ଅର୍ଥାତ୍ ୫.୪୫ ମିନିଟ୍‌ରେ



ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବଲିଉଡ ନାୟିକା ସାରା ଅଲୀ ଖାନ



ଆରମ୍ଭ ହେବ। ଏହାସହ ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ପଲ୍ଲୀଶ୍ରୀ ମେଳାଙ୍କୁ ଉଦ୍‌ଘାଟନ କଲାପରେ ଫାଇନାଲ ମ୍ୟାଚ୍‌ରେ ଯୋଗଦେବେ। ଉଲ୍ଲେଖଯୋଗ୍ୟ, ଗତ ୨୮ ତାରିଖରେ ହକି ଇଣ୍ଡିଆ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବରେ ସାରା ଅଲୀ ଖାନ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନିଧନ ଯୋଗୁଁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଥିଲା।



## ବିସିସିଆଇର ଘୋଷଣା

# ସଚିନ ତେନ୍ଦୁଲକରଙ୍କୁ ମିଳିବ ଜୀବନବ୍ୟାପୀ ସାଧନା ପୁରସ୍କାର

**ନୂଆଦିଲ୍ଲୀ, ୩୧।୧:** କ୍ରିକେଟର ଭଗବାନ ଭାବରେ ଜଣାଶୁଣା ସଚିନ ତେନ୍ଦୁଲକରଙ୍କୁ ବିସିସିଆଇ ଏକ ବଡ଼ ସମ୍ମାନରେ ସମ୍ମାନିତ କରିବାକୁ ଯାଉଛି। ତାଙ୍କୁ ଖୁବଶୀଘ୍ର ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି। ଶନିବାର ମୁମ୍ବାଇରେ ବୋର୍ଡର ବାର୍ଷିକ ସମାରୋହରେ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଭାରତ ପାଇଁ ୬୬୪ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ୫୧ ବର୍ଷୀୟ ସଚିନ କ୍ରିକେଟ ଇତିହାସରେ ସର୍ବାଧିକ ଟେଷ୍ଟ ଏବଂ ଦିନିକିଆ ରନ୍ ସ୍କୋର କରିବାର ରେକର୍ଡ ରଖିଛନ୍ତି। ଏବେ ତାଙ୍କୁ ୨୦୨୪ ବର୍ଷ ପାଇଁ ସିକେ ନାଇଡୁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିବ ବୋଲି ଚର୍ଚ୍ଚା ହେଉଛି। ହେଲେ ଏପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ କୌଣସି ଅଧିକାରୀକ ଘୋଷଣା କରାଯାଇନାହିଁ।
ସଚିନ ୨୦୦ ଟେଷ୍ଟ ଏବଂ ୪୬୩ ଦିନିକିଆ ଖେଳିଛନ୍ତି, ଯାହା କ୍ରିକେଟ ଇତିହାସରେ ଅନ୍ୟ ଖେଳାଳିଙ୍କଠାରୁ ସର୍ବାଧିକ। ସେ ଦିନିକିଆରେ ୧୮,୪୨୬ ରନ୍ କରିବା ସହିତ ଟେଷ୍ଟରେ ୧୫,୯୨୧ ରନ୍ କରିଥିଲେ। ସେ ତାଙ୍କ ଚମତ୍କାର କ୍ୟାରିୟରରେ କେବଳ ଗୋଟିଏ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ପୂର୍ବତନ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଏବଂ ପୂର୍ବତନ କିମ୍ବଦନ୍ତୀ ୱିକେଟକିପର ଫାରୁକ ଇଞ୍ଜିନିୟର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# ରଣଜୀରେ ବି କୋହଲି ଫେଲ୍ ; ଦର୍ଶକ ନିରାଶ

**ନୂଆଦିଲ୍ଲୀ, ୩୧।୧:** ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ରେଲୱେ ବିପକ୍ଷରେ ଦିଲ୍ଲୀର ମୁକାବିଲାର ଦ୍ୱିତୀୟ ଦିନରେ ଭାରତର ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି ଖେଳପ୍ରେମୀଙ୍କୁ ନିରାଶ କରିଛନ୍ତି। ରଣଜୀ ଟ୍ରଫିକୁ ଲୋକ ବହୁତ ଦିନ ହେବ ଅପେକ୍ଷା କରି ରହିଥିବା ବେଳେ ୧୨ ବର୍ଷ ପରେ ବିରାଟଙ୍କ ଲେଉଟାଣି ସଭିଙ୍କ ମନରେ ଉତ୍ସାହ ଭରି ଦେଇଥିଲା। ହେଲେ ବିରାଟ ଦ୍ୱିତୀୟ ଦିନରେ ମାତ୍ର ୬ ରନ୍ କରି ଆଉ ହୋଇଯିବା ପରେ ନିରାଶ ହୋଇ ଅଧା ଖେଳରୁ ଉଠି ପଳାଇଛନ୍ତି ଦର୍ଶକ। ଫଳରେ ଖାଲି ହୋଇଯାଇଛି ଅରୁଣ ଜେଟଲି ଷ୍ଟାଡିୟମ।
ଷ୍ଟାଡିୟମରେ ଖେଳପ୍ରେମୀ ସେମାନଙ୍କ ହିରୋଙ୍କୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ହେଲେ ରେଲୱେ ପେସର୍ ହିମାଂଶୁ ସାଙ୍ଗୱାନଙ୍କ ଦ୍ୱାରା କୋହଲି ବୋଲ୍ଡ ହେବା ପରେ ଧୀରେ ଧୀରେ ଷ୍ଟାଡିୟମ୍ ଫାଙ୍କା ହୋଇ ଯାଇଥିଲା। ୧୨ ବର୍ଷ ପରେ ଘରୋଇ କ୍ରିକେଟକୁ ଫେରିଥିବା କୋହଲି ଦିଲ୍ଲୀର ଇନିଂସକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଥିଲା। ୩୬ ବର୍ଷୀୟ ବିରାଟ ଖେଳିବାକୁ ଗଲା ବେଳେ ଷ୍ଟାଡିୟମ୍ "କୋହଲି, କୋହଲି" ଧ୍ୱନି ଶୁଣିବାକୁ ମିଳିଥିଲା। ହେଲେ ୧୫ ବଲ୍‌ରେ ମାତ୍ର ଗୋଟାଏ ଚମତ୍କାର ବାଉଣ୍ଡରି ମାରି ଦର୍ଶକଙ୍କୁ ଖୁସି କରିବା ପରେ ପରବର୍ତ୍ତୀ ବଲ୍‌ରେ ଆଉଟ୍ ହୋଇଥିଲେ। ବାର ବର୍ଷର ବନବାସ ପରେ ଘରୋଇ କ୍ରିକେଟ୍‌କୁ ଫେରିଥିବା କିଂବଦନ୍ତି କ୍ରିକେଟର୍ ବିରାଟ କୋହଲିଙ୍କୁ ଦେଖିବା ଲାଗି ଦର୍ଶକ ଗୁରୁବାର ଏକପ୍ରକାର ପାଗଳ ହୋଇଯାଇଥିଲେ। ରେଳବାଇ ବିପକ୍ଷ ରଣଜୀ ମ୍ୟାଚ୍ ଖେଳିବାକୁ କୋହଲି ପଡ଼ିଆକୁ ଓହ୍ଲାଇବା ଜାଣି ଗୁରୁବାର ସକାଳୁ ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡିୟମ୍ ବାହାରେ ସମର୍ଥକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏଣୁ ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ୍ ସଂଘ (ଡିଡିସିଏ) ସେମାନଙ୍କ ପାଇଁ ଗୌତମ ଗମ୍ଭୀର ଷ୍ଟାଣ୍ଡକୁ ଖୋଲି ଦେଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ମାତ୍ର କିଛି ସମୟ ଭିତରେ ଉକ୍ତ ଷ୍ଟାଣ୍ଡରେ ପାଖାପାଖି ୧୫,୦୦୦ରୁ ଅଧିକ ଦର୍ଶକ ଏକାଠି ହୋଇଯାଇଥିଲେ। କୋହଲିଙ୍କ ଟିକିଏ ଝଲକ ପାଇଁ ଯିଏ ଯେଉଁଠି ସ୍ଥାନ ପାଇଲା ସେଠି ଛିଡ଼ା ହୋଇଯାଇଥିଲେ। ପୁଣି କୋହଲି.... କୋହଲି.. ରଡ଼ିରେ ପୂରା ଷ୍ଟାଡିୟମ୍ କମ୍ପି ଉଠିଥିଲା।

## ୩୮ତମ ଜାତୀୟ କ୍ରୀଡ଼ା

# ସନ୍ତରଣରୁ ପ୍ରଥମ ସ୍ୱର୍ଣ୍ଣ, ଦିବ୍ୟଙ୍କାଙ୍କୁ କାଂସ୍ୟ




**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଚଳିତ ୩୮ତମ ଜାତୀୟ କ୍ରୀଡ଼ାର ସନ୍ତରଣରେ ଓଡ଼ିଶାର ପଦକ ଅମଳ ଜାରି ରହିଛି। ଦ୍ୱିତୀୟ ଦିନ ସୁଦ୍ଧା ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୨ କାଂସ୍ୟ ଜିତି ପଦକ ସଂଖ୍ୟାକୁ ୩ରେ ପହଞ୍ଚାଇଛି। ବୁଧବାର ଏହି ଇଭେଣ୍ଟ୍‌ରୁ ଓଡ଼ିଶାକୁ ପ୍ରଥମ ପଦକ ମିଳିଥିଲା ବେଳେ ଗୁରୁବାର ପ୍ରଥମ ସ୍ୱର୍ଣ୍ଣ ଭେଟି ଦେଇଛି ଏହି ଖେଳ। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ନେଇ ଗଠିତ ମହିଳା ୪ଗୁଣା ୧୦୦ ମିଟର ମିଡ୍‌ଲେ ରିଲେ ଦଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଦଳରେ ଥିବା ଦିବ୍ୟଙ୍କା ବ୍ୟକ୍ତିଗତ ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ କାଂସ୍ୟ ପଦକ ଜିତିଛନ୍ତି। ବୁଧବାର ସୃଷ୍ଟି ମହିଳା ୧୦୦ ମିଟର ବଟର ଫ୍ଲାଏରେ କାଂସ୍ୟ ପାଇଥିଲେ।
ଉତ୍ତରାଖଣ୍ଡର ଡେରାଡୁନଠାରେ ଗୁରୁବାର ଭାରତୀୟ ରିଲେ ଦଳ ୪ ମିନିଟ୍ ୩୦.୦୯ ସେକେଣ୍ଡ୍‌ରେ ରେସ୍ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହା ପଛକୁ ମହାରାଷ୍ଟ୍ର (୪:୩୧.୨୯) ଓ କର୍ଣ୍ଣାଟକ (୪:୩୧.୬୨) ରହି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଦିବ୍ୟଙ୍କା (୨:୪୫.୫୬) ତୃତୀୟ ସ୍ଥାନରେ ରହିଥିଲା ବେଳେ କେରଳର ହର୍ଷିତା ଜୟରାମ (୨:୪୨.୩୮) ସ୍ୱର୍ଣ୍ଣ ଏବଂ ତାମିଲନାଡୁର ଶ୍ରୀନିଥି ନାଟେସାନ (୨:୪୨.୪୪) ରୌପ୍ୟ ଜିତିଛନ୍ତି। ମହିଳା ୪୦୦ ମିଟର ମିଡ୍‌ଲେ ଫାଇନାଲ୍‌ରେ ପହଞ୍ଚିଥିବା ଓଡ଼ିଶାର ପ୍ରତ୍ୟାଶା ରାୟ (୫:୫୬.୯୪) ୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଶେଷ ସ୍ଥାନରେ ରହିଥିଲେ। ରଗ୍‌ବିରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଅପରାଜେୟ ଧାରା ଜାରି ରଖି ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ଗୁରୁବାର ପୁରୁଷ କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ୩୬-୦ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ସେହିଭଳି ମହିଳା ଦଳ ୫୪-୦ରେ ତାମିଲନାଡୁକୁ ପରାସ୍ତ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱ...

ଚୀନର ଦଖଲ ଏବଂ ଶକ୍ତି ପରିବର୍ତ୍ତନ ପ୍ରୟାସରେ ଚୀନ୍ ଉପରେ ନିର୍ଭରଶୀଳତା ପରିପ୍ରେକ୍ଷୀରେ ଭାରତର ମଧ୍ୟମ-ମିଆଦୀ ଅଭିବୃଦ୍ଧି ଦୃଷ୍ଟିକୋଣର ମୂଲ୍ୟାଙ୍କନ କରିବା ଜରୁରୀ। ସମୀକ୍ଷାରେ କୁହାଯାଇଛି ଯେ ବ୍ୟବସ୍ଥାଗତ ନିୟନ୍ତ୍ରଣର ମୂଳ ଉପାଦାନ ଉପରେ ଧ୍ୟାନ ଦେବା ସହ ଆଭ୍ୟନ୍ତରୀଣ ଉପକରଣ ଏବଂ ବିକାଶର ଘରୋଇ ଡ୍ରାଇଭର ଉପରେ ଭାରତ ନୂତନ ଗୁରୁତ୍ୱ ଦେବା ଆବଶ୍ୟକ। ଏହାଦ୍ୱାରା ବ୍ୟକ୍ତିଗତ ଏବଂ ସାଂଗଠନିକ ବ୍ୟବସାୟରେ ଆର୍ଥିକ ସ୍ୱାଧୀନତା ମିଳିବ, ଯାହାଦ୍ୱାରା ସେମାନେ ସହଜରେ ଆଇନଗତ ଆର୍ଥିକ କାର୍ଯ୍ୟକଳାପ କରିପାରିବେ। ବ୍ୟବସାୟିକ ସୁଗମତାର ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ସଂସ୍କାର ଏବଂ ଆର୍ଥିକ ନୀତି ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତ କରାଯିବା ଉଚିତ। ଏହା ଦେଶର ଏସ୍‌ଏମ୍‌ଇ କ୍ଷେତ୍ରକୁ କାର୍ଯ୍ୟକ୍ଷମ ହେବାକୁ ପ୍ରୋତ୍ସାହିତ କରିବ ବୋଲି ସମୀକ୍ଷାରେ ଗୁରୁତ୍ୱାରୋପ କରାଯାଇଛି ।
ବିଭିନ୍ନ ଆହ୍ୱାନ ସତ୍ତ୍ୱେ, ଭାରତ ପିଏମଆଇ ଉତ୍ପାଦନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଜାରି ରଖିଛି ବୋଲି ସର୍ଭେରେ ଦର୍ଶାଯାଇଛି। ନୂତନ ବ୍ୟବସାୟିକ ଲାଭ, ସୁଦୃଢ଼ ଚାହିଦା ଏବଂ ବିଜ୍ଞାପନ ପ୍ରୟାସ ଦ୍ୱାରା ପରିଚାଳିତ ହୋଇ ଡିସେମ୍ବର ୨୦୨୪ ପାଇଁ ସଦ୍ୟତମ ଉତ୍ପାଦନ ପିଏମଆଇ ସମ୍ପ୍ରସାରଣ କ୍ଷେତ୍ର ମଧ୍ୟରେ ଉନ୍ନତ ରହିଥିଲା।
ଆର୍ଥିକ ସମୀକ୍ଷାରେ କୁହାଯାଇଛି ଯେ ମୁଦ୍ରାସ୍ଫୀତି, ଆର୍ଥିକ ସ୍ୱାସ୍ଥ୍ୟ ଏବଂ ବାହ୍ୟ କ୍ଷେତ୍ରର ସନ୍ତୁଳନ ଭଳି କ୍ଷେତ୍ରରେ ସ୍ଥିରତା ଦ୍ୱାରା ଅଭିବୃଦ୍ଧି ପ୍ରକ୍ରିୟାକୁ ଉଚିତ ସମର୍ଥନ ମିଳିଛି। ମୁଦ୍ରାସ୍ଫୀତି ଉପରେ ସମୀକ୍ଷାରେ କୁହାଯାଇଛି ଯେ ଖୁଚୁରା ମୁଖ୍ୟ ମୁଦ୍ରାସ୍ଫୀତି ଆର୍ଥିକ ବର୍ଷ ୨୦୨୪ ରେ ୫.୪ ପ୍ରତିଶତରୁ ଏପ୍ରିଲ-ଡିସେମ୍ବର ୨୦୨୪ରେ ୪.୯ ପ୍ରତିଶତକୁ ହ୍ରାସ ପାଇଛି।

### ଟ୍ରାଫିକ୍ ଭିଡ଼...

ଅଣ୍ଡରପାସ୍ ନିର୍ମାଣ ଯୋଜନା ରହିଛି। ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା କାର୍ଯ୍ୟକାରୀ କରିବା ସକାଶେ ପ୍ରାୟ ୭ ହଜାର କୋଟି ଟଙ୍କାର ବ୍ୟବବରାଦ ରହିଛି। ଭୁବନେଶ୍ୱର ପାଇଁ ୬୪ କିମି ବିଶିଷ୍ଟ ଏକ ଇନର୍ ରିଙ୍ଗ୍ ରୋଡ୍ କରାଯିବ। ଏଥିରେ ତମାଣ୍ଡୋରୁ ପାଇକରାପୁର ଓ ଧଉଳିରୁ ତମାଣ୍ଡୋ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ।
ଏଥିସହ ଭୁବନେଶ୍ୱରର ସମ୍ପ୍ରସାରଣ ପାଇଁ ଏକ ଆଉଟର୍ ରିଙ୍ଗ୍ ରୋଡ୍‌ର ଯୋଜନା ପ୍ରସ୍ତୁତ କରାଯାଇଛି। ୧୪୮ କିମି ଦୈର୍ଘ୍ୟବିଶିଷ୍ଟ ଏହି ରିଙ୍ଗ୍ ରୋଡ୍ ୬ ଲେନ୍ ହେବା ସହ ୨ଟି ସର୍ଭିସ୍ ରୋଡ୍ ମଧ୍ୟ ରହିବ। ଏଥିପାଇଁ ସମୁଦାୟ ୬ ହଜାର ୧୫୨ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରର ଆରାଧ୍ୟ ଦେବୀ ମା' ତାରିଣୀଙ୍କ ମନ୍ଦିରର ବିକାଶ ଓ ତା'ର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ୨୧୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ଗ୍ଲୋବାଲ୍...

ଲକ୍ଷ ଷ୍ଟାର୍ଟଅପ୍ କାର୍ଯ୍ୟକ୍ଷମ ହୋଇଛି। ଆଜି ଆମ ଦେଶର ଯୁବକମାନେ ଷ୍ଟାର୍ଟଅପ୍, ଖେଳଠାରୁ ମହାକାଶ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଗୌରବ ଆଣିଛନ୍ତି। ଆମର ବ୍ୟାଙ୍କିଂ ଓ ଡିଜିଟାଲ୍ ପେମେଣ୍ଟ ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଆର୍ଥିକ ବ୍ୟବସ୍ଥା ସହ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଗକୁ ଭାରତ ଗ୍ଲୋବାଲ ଇନୋଭେସନ ପାୱାର ହାଉସ ହେବ। ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଏକ ଅଗ୍ରଣୀ ଦେଶ। ସାଇବର କ୍ରାଇମ ଓ ସାମାଜିକ ସୁରକ୍ଷା ଭାରତ ପାଇଁ ବର୍ତ୍ତମାନ ବଡ଼ ଆହ୍ୱାନ ବୋଲି ରାଷ୍ଟ୍ରପତି କହିଛନ୍ତି।
ରାଷ୍ଟ୍ରପତି ଆହୁରି କହିଛନ୍ତି ଯେ କ୍ରୀଡା ପାଇଁ ବିଶ୍ୱସ୍ତରୀୟ ବାତାବରଣ ସୃଷ୍ଟି କରାଯାଉଛି । ବନ୍ଦେ ଭାରତ ଓ ନମୋ ଭାରତ ଟ୍ରେନ ଦୌଡୁଛି । ୨୫ କୋଟି ଲୋକଙ୍କୁ ଗରିବୀ ସୀମାରୁ ଉପରକୁ ଉଠିଛନ୍ତି। ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବାକୁ ଯାଉଛି। ସରକାରୀ କର୍ମଚାରୀଙ୍କ ପାଇଁ ଅଷ୍ଟମ ବେତନ କମିଶନ ଗଠନ ହୋଇଛି। ମଧ୍ୟବିତ୍ତ ଯେତେ ବଡ଼ ସ୍ୱପ୍ନ ଦେଖିବେ ଦେଶ ସେତେ ଆଗେଇବ। ଆୟକରଦାତାଙ୍କ ପାଇଁ ଟିକସ ବ୍ୟବସ୍ଥା ସରଳ ହୋଇଛି। ଆୟୁଷ୍ମାନ ଯୋଜନାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଋଣ ସୀମା ବୃଦ୍ଧି କରାଯାଇଥିବା ବେଳେ ସମସ୍ତଙ୍କୁ ଆବାସ ଯୋଗାଇଦେବା ଦିଗରେ ପଦକ୍ଷେପ ନିଆଯାଇଛି। ଶିକ୍ଷା ଓ ରୋଜଗାରକୁ ଗୁରୁତ୍ୱ ଦିଆଯାଉଛି। ଏକ ଦେଶ ଏକ ନିର୍ବାଚନ ବିଲ ନେଇ କାର୍ଯ୍ୟ ଚାଲିଛି ଦେଢ଼ ଲକ୍ଷ ଷ୍ଟାର୍ଟଅପ କାର୍ଯ୍ୟକ୍ଷମ ହୋଇଛି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ପ୍ରୟାଗରାଜଠାରେ ୧୨ ବର୍ଷରେ ଚାଲିଥିବା ମହାକୁମ୍ଭମେଳାରେ ଘଟିଥିବା ଅଘଟଣରେ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ଦିବଂଗତ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କୁ ମଧ୍ୟ ରାଷ୍ଟ୍ରପତି ମନେ ପକାଇ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

### ବଢ଼ିବ ତାତି...

୪୮ ଘଣ୍ଟା ଘନ କୁହୁଡି କରିବ ଅସ୍ତବ୍ୟସ୍ତ। ୨୪ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡି ନେଇ ୧୦ ଜିଲ୍ଲାକୁ ୟେଲୋ ଆଲର୍ଟ। ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦ୍ରାପଡା, କଟକ, ଜଗତସିଂହପୁର, କେନ୍ଦୁଝର ,ଅନୁଗୋଳ, ଢେଙ୍କାନାଳ ଓ ଗଜପତି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ଆସନ୍ତାକାଲି ୬ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ବିଭାଗ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ ଓ ଜଗତସିଂହପୁରରେ ଘନ କୁହୁଡି ସତର୍କତା ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ୫୦ ମିଟର ତଳକୁ ଖସିବ ଦୃଶ୍ୟମାନ ଦୂରତା ଏବଂ କିଛି ସ୍ଥାନରେ ଜିରୋ ଭିଜିବିଲିଟି ନେଇ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଘାଟି ରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସତର୍କତାର ସହ ଗାଡି ଚାଳନା ପାଇଁ ପରାମର୍ଶ ଦେଇଛି ବିଭାଗ । ସେହିପରି ୨ ତାରିଖରେ ଉପକୂଳ ଓଡ଼ିଶାରେ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦୃଶ୍ୟମାନ ହେବ ।

### ମୋହନଙ୍କୁ...

କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଓଡ଼ିଶାର ଐତିହାସିକ ଗୌରବ, କଳା, ଭାସ୍କର୍ଯ୍ୟ, ସଙ୍ଗୀତ, ନୃତ୍ୟ, ଆଦିବାସୀ ସଂସ୍କୃତି, ଭାଷା, ସାହିତ୍ୟ, ପର୍ଯ୍ୟଟନକୁ ଡିଜିଟାଲ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଏପରିକି ଭୁବନେଶ୍ୱରର ସମସ୍ତ ରାସ୍ତା ନବୀକରଣ, ଆଲୋକୀକରଣ, ଆକର୍ଷଣୀୟ ସାଜସଜ୍ଜା ସହିତ ଅତିଥିମାନଙ୍କ ରହିବା ଓ ଆତିଥେୟତାକୁ ସରକାର ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ସୁରକ୍ଷା ପାଇଁ ମଧ୍ୟ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା।

### ସୋନିଆଙ୍କ...

ଅଭିଭାଷଣ ଉପରେ ପ୍ରତିକ୍ରିୟା ଦେବାକୁ ଯାଇ ସୋନିଆ ଶ୍ରୀମତୀ ମୁର୍ମୁଙ୍କୁ ବିଚରା ବୋଲି କହିଥିଲେ। ଏପରି ମନ୍ତବ୍ୟରେ ବିଜେପି କଡ଼ା ପ୍ରତିକ୍ରିୟା ଦେବା ସହ ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିବାରୁ ସୋନିଆ ରାଷ୍ଟ୍ରପତି ଓ ଆଦିବାସୀ ସମୁଦାୟ ନିକଟରେ ନିସର୍ତ୍ତ କ୍ଷମା ମାଗିବାକୁ ଦାବି କରିଛି। ରାଷ୍ଟ୍ରପତି ଅଭିଭାଷଣ ପ୍ରଦାନ କରିସାରିବା ପରେ ସୋନିଆ ଏହାକୁ ପୂରାପୂରି ବିରକ୍ତିକର ବୋଲି କହିବା ସହ 'ବିଚରା କହି କହି ଶେଷରେ ଥକିଗଲେ' ବୋଲି ମନ୍ତବ୍ୟ ଦେଇଥିଲେ। ଏହାଛଡ଼ା ସଂସଦ ବାହାରେ ମଧ୍ୟ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବେଶ୍ ବିରକ୍ତିଜନକ ବୋଲି ମତ ଦେଇଥିଲେ। ଅନ୍ୟପକ୍ଷରେ ସୋନିଆଙ୍କ ବୟାନକୁ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋନିଆଙ୍କ ଏଭଳି ବୟାନ ଦୁର୍ଭାଗ୍ୟଜନକ, ଏହା ସର୍ବୋଚ୍ଚ ପଦବୀର ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି ବୋଲି ଜାରି ବିବୃତିରେ କୁହାଯାଇଛି। ସେହିପରି ସୋନିଆଙ୍କ ବୟାନକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାଲୋଚନା କରିବା ସହ କ୍ଷମା ପ୍ରାର୍ଥନା ପାଇଁ ଦାବି କରିଛନ୍ତି।

### ରାସ୍ତାଘାଟ...

ଥିବା କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘ ସେତୁ ନିର୍ମାଣ ଶୈଳୀ ଓ ଏହାର ମାନ ସଂକ୍ରାନ୍ତରେ ମଧ୍ୟ ନୀତିରେ ଉଲ୍ଲେଖ ରହିବ। ଅନେକ ସମୟରେ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ସମୟରେ ଜମି ଅଧିଗ୍ରହଣ ସମସ୍ୟା ଉପୁଜୁଥିବାରୁ ଏହାର ସମାଧାନ ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ପୁରୁଣା ରାସ୍ତାର ନିୟମିତ ଯାଞ୍ଚ ଓ ମରାମତି କରାଯିବ। ମୌସୁମୀ ଓ ପ୍ରାକ୍-ମୌସୁମୀ ଓ ପରବର୍ତ୍ତୀ ସମୟରେ ରାସ୍ତା ଯାଞ୍ଚ ତଥା ମରାମତି ଉପରେ ଧ୍ୟାନ ଦିଆଯିବ। ସଡ଼କ ଦୁର୍ଘଟଣା ଏଡ଼ାଇବା ପାଇଁ ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଆପଣାଯିବା ସହ ରାସ୍ତା ନିର୍ମାଣ ସମୟରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବା ସହ ଆଧୁନିକ ଜ୍ଞାନକୌଶଳର ଉପଯୋଗ ପୂର୍ବକ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣ କାର୍ଯ୍ୟରେ ଉପଯୋଗ ନେଇ ମଧ୍ୟ ଏହି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍‌ଏନ୍, ରାଜ୍ୟ ପରିବହନ ପ୍ରାଧିକରଣ କମିଶନର ଅମିତାଭ ଠାକୁର, ଇଆଇସି ସିଭିଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ଏନ୍ ତିରୁମାଲା ନାଏକଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୯ ବର୍ଷରୁ କମ ମହିଳା ଟି-୨୦ ବିଶ୍ୱକପ

# ଇଂଲଣ୍ଡକୁ ହରାଇ ଫାଇନାଲ୍‌ରେ ଭାରତ

**ନୂଆଦିଲ୍ଲୀ,୩୧।୧:** ଭାରତ ୨୦୨୫ରେ ଅନୁଷ୍ଠିତ ୧୯ ବର୍ଷରୁ କମ ମହିଳା ଟି-୨୦ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲରେ ଟିମ ଇଣ୍ଡିଆ ଇଂଲଣ୍ଡକୁ ପରାସ୍ତ କରିଥିଲା। ଭାରତୀୟ ୧୯ ବର୍ଷରୁ କମ ଦଳ ଏହି ମ୍ୟାଚକୁ ୯ ଉଇକେଟ୍‌ରେ ଜିତିଥିଲା। ଟିମ ଇଣ୍ଡିଆ ପାଇଁ ଜି କମଲିନୀ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଏକ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୦ ବଲ୍‌ରେ ୫୬ ରନ୍‌ର ଏକ ଇନିଂସ ଖେଳିଥିଲେ। କମଲିନୀଙ୍କ ଇନିଂସରେ ୮ଟି ଚୌକା ସାମିଲ ଥିଲା।
ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୮ ଉଇକେଟ ହରାଇ ୧୧୩ ରନ କରିଥିଲା। ଏହି ସମୟରେ ଓପନର ଡାଭିନା ପେରିନ ୪୫ ରନର ଇନିଂସ ଖେଳିଥିଲେ। ସେ ୪୦ଟି ବଲର ସମ୍ମୁଖୀନ ହୋଇଥିଲେ ଏବଂ ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଟ୍ରୋଡି ଜନସନ ୨୫ ବଲ ସାମ୍ନା କରି ୩୦ ରନ କରିଥିଲେ। ସେ ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଏହି ସମୟରେ ଭାରତ ପାଇଁ ଆୟୁଷୀ ଶୁକ୍ଲା ୨ଟି ଉଇକେଟ ନେଇଥିଲେ। ସେ ୪ ଓଭରରେ ୨୧ ରନ ଦେଇଥିଲେ। ପାରିନିକା ଏବଂ ବୈଷ୍ଣବୀ ଶର୍ମା ୩ଟି ଲେଖାଏ ଉଇକେଟ ନେଇଥିଲେ।
ଇଂଲଣ୍ଡ ଦେଇଥିବା ଟାର୍ଗେଟକୁ ପିଛା କରୁଥିବା ଟିମ ଇଣ୍ଡିଆ ମାତ୍ର ୧୫ ଓଭରରେ ମ୍ୟାଚ ଜିତି ନେଇଥିଲା। ଭାରତ ପାଇଁ ଜି କମଲିନି ଏବଂ ଜି ତ୍ରିଶା ଓପନିଂ କରିବାକୁ ଆସିଥିଲେ। ଏହି ସମୟରେ ତ୍ରିଶା ୨୯ ବଲର ସାମ୍ନା କରି ୩୫ ରନ କରିଥିଲେ। ସେ ୫ଟି ଚୌକା ମାରିଥିଲେ। କମଲିନୀ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୦ ବଲ୍‌ରେ ଅପରାଜିତ ୫୬ ରନ କରିଥିଲେ। କମଳିନୀଙ୍କ ଇନିଂସରେ ୮ଟି ଚୌକା ସାମିଲ ଥିଲା। ସାନିକା ଚଲକେ ୧୧ ରନ କରି ଅପରାଜିତ ରହିଥିଲେ। ସେ ଗୋଟିଏ ଚୌକା ମାରିଥିଲେ।
୨୦୨୫ ମସିହାରେ ଅନୁଷ୍ଠିତ ୧୯ ବର୍ଷରୁ କମ ମହିଳା ଟି-୨୦ ବିଶ୍ୱକପରେ ଟିମ ଇଣ୍ଡିଆ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ ହାରିନାହିଁ। ଭାରତ ୱେଷ୍ଟଇଣ୍ଡିଜ, ମାଲେସିଆ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଟିମ ଇଣ୍ଡିଆ ଇଂଲଣ୍ଡକୁ ପରାସ୍ତ କରିଛି।



## ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ




**କୋଣାର୍କ, ୩୧।୧ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହକୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି, ପୁରୀ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ସିଂ, ଅତିରିକ୍ତ ମଙ୍ଗଳ ଅଧିକାରୀ ଅମ୍ରିତା ମିଶ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ଶିକ୍ଷକ ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ଓ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣ ଚନ୍ଦ୍ର ବଳବନ୍ତରାୟ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ହେଉଛି ସଂସ୍କାର ଧର୍ମୀ ଓ ଶୃଙ୍ଖଳିତ ଛାତ୍ରଛାତ୍ରୀ ଗଠନ କରିବାର ପ୍ରମୁଖ ମନ୍ଦିର ଭାବେ ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାଗଡ଼, ୩୧।୧ (ସଂଚାର ବ୍ୟୁରୋ) :** ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କ୍ରୀଡା ଓ ବିଭିନ୍ନ ଶିକ୍ଷା ଭିତ୍ତିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଇତ୍ୟବସରରେ ପୁରସ୍କୃତ କରାଯାଇଥିଲା। ଆଜିର ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ.ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି, ଖ୍ୟାତି ସମ୍ପନ୍ନା ଲେଖିକା ବସିରନ୍ ବିବି ମୁଖ୍ୟବକ୍ତା, ସିନ୍ଦୁରିଆ ସରପଞ୍ଚ ପ୍ରମୋଦ କୁମାର ବେହେରା, ବ୍ୟଙ୍ଗବିଦୂଷ ବ୍ରଜ ବିହାରୀ ସୁବୁଦ୍ଧି, ଆଲୁମିନି ସଭାପତି ଭଗବାନ୍ ଜେନା ଓ ସ୍କୁଲ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ପୂର୍ଣ୍ଣ ସଭାକାର୍ଯ୍ୟକୁ ବରିଷ୍ଠ ସହକାରୀ ଶିକ୍ଷକ ଶେଖ୍ ଅବଦୁଲ୍ ଖାଲିକ୍ ସଂଯୋଜନା କରିଥିବା ବେଳେ ପୁରସ୍କାର ବିତରଣରେ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରାଉତ, ସ୍ୱପ୍ନାରାଣୀ ନନ୍ଦ ଓ ମଗୁମ୍ ଜହାନ ସହଯୋଗ କରିଥିଲେ। ପରେ ପରେ ସହକାରୀ ଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳ ମୁଖ୍ୟ ସଂଯୋଜନାରେ ଆୟୋଜିତ ହୋଇଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଶିକ୍ଷାର ବିକାଶ ହେଲେ ଅଞ୍ଚଳର ବିକାଶ ହେବା ସହିତ ସମାଜରେ ଶାନ୍ତି ମୈତ୍ରୀ ଓ ସଦଭାବନା ବୃଦ୍ଧି ପାଇବା ସହିତ ଅନ୍ଧ ବିଶ୍ୱାସ କୁସଂସ୍କାର ଦୂର ହୋଇପାରିବ ବୋଲି ମୁଖ୍ୟ ଅତିଥି ଦେବାଶିଷ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ନାଉଗାଁ, ୩୧।୧ (ସଂଚାର ବ୍ୟୁରୋ) :** ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ନାଉଗାଁର ୩୭ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜ୍ୟୋତିପ୍ରକଶ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ବିଭୁତି ଭୂଷଣ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଇତିହାସ ବିଭାଗର ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ, ସମ୍ମାନିତ ଅତିଥି ଭାବେ ଦର୍ଶନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡା ଓ ଶାରୀରିକ ଖେଳକୁଦ ଦ୍ୱାରା ଶାରୀରିକ, ମାନସିକ ସ୍ଥିରତା ଆଣି ଦେଇଥାଏ ବୋଲି ମତ ରଖିବା ସହିତ ଆଜିକାଲି କ୍ରୀଡାରେ ବହୁ ଜୀବନ ଜୀବିକା ନିର୍ବାହ କରିବାରେ ବିକଳ୍ପ ରହିଛି ଯାହାଦ୍ୱାରା ଏହାକୁ ଆପଣେଇ ଛାତ୍ରଛାତ୍ରୀମାନେ ନିଜର କ୍ୟାରିୟର କରିପାରିବେ । ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। +୨ କ୍ରୀଡା ସଂଘ ଉପ-ସଭାପତି ଅଧ୍ୟାପକ ଡା ସ୍ଥିତପ୍ରଜ୍ଞ ଦାସ ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ସୁଧାଂଶୁ ମୋହନ ନାୟକ କ୍ରୀଡା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନେ ସହଯୋଗ କରିଥିଲେ।

**ବ୍ରହ୍ମପୁର ବିଜେଡିରେ କୁହୁଳୁଛି ଅସନ୍ତୋଷର ନିଆଁ**

# ନିଜ ଘର ସଜାଡ଼ିବେ କି ନବୀନ ?



**ବ୍ରହ୍ମପୁର, ୩୧।୧ (ସଂଚାର ବ୍ୟୁରୋ) :** ରାଜନୈତିକ ଦଳରେ ନେତାଙ୍କ ବିବାଦ, ବିଭ୍ରାଟ,ବିଶୃଙ୍ଖଳା ଏକ ସାଧାରଣ କଥା। ତଥାପି କନ୍ଦଳ ଯଦି ଉଗ୍ରରୂପ ନିଏ, ଏହା ଦଳ ପାଇଁ କାଳ ବି ହୋଇପାରେ। ବେଳ ଥାଉ ଥାଉ ସାବଧାନ ନହେଲେ ଦଳ ଆହୁରି କ୍ଷତି ସହିବା ଏକ ପ୍ରକାର ନିଶ୍ଚିତ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସମ୍ପ୍ରତି ଗଞ୍ଜାମ ଏବଂ ବିଶେଷ କରି ବ୍ରହ୍ମପୁର ବିଜେଡିରେ ଯେଉଁଭଳି କନ୍ଦଳ ସୃଷ୍ଟି ହୋଇଛି, ଏହାକୁ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ନିୟନ୍ତ୍ରଣକୁ ନ ଆଣିଲେ ଏହାର କୁପ୍ରଭାବ ସାରା ରାଜ୍ୟ ଉପରେ ପଡିପାରେ। ଯାହା ଶଙ୍ଖ ଦଳକୁ ଲାଭ କମ୍ ବରଂ କ୍ଷତି ଅଧିକ ଦେଇପାରେ। ଦିନକୁ ଦିନ ବ୍ରହ୍ମପୁର ବିଜେଡିର ହେବିୱେଟ୍ ନେତାଙ୍କ ମଧ୍ୟରେ ଅନ୍ତଃ କନ୍ଦଳ ତେଜିବାରେ ଲାଗିଛି। ଏହାକୁ ନେଇ କର୍ମୀ ମଧ୍ୟ ଦ୍ୱନ୍ଦ୍ୱ ଭିତରକୁ ଠେଲି ହୋଇ ଯାଉଛନ୍ତି। ତୃଣମୂଳ ସ୍ତରରୁ ଗଞ୍ଜାମ ଜିଲ୍ଲାରେ ଦଳକୁ ମଜବୁତ କରିବା ବଦଳରେ ନେତା ନେତାଙ୍କ ଭିତରେ ପଡିଆରାର ଲଢେଇ ଚାଲିଥିବା ଚର୍ଚ୍ଚା ହେଉଛି। ନିଜ ନିଜ ଭିତରେ ଦମ୍ ଦେଖାଇବାକୁ ଯାଇ ଦଳୀୟ ପୁରୁଖାମାନେ ଏବେ ବିବାଦ ଭିତରକୁ ଠେଇ ହୋଇ ଯାଉଛନ୍ତି।

ଏକଦା ବିଜୁ ବାବୁଙ୍କ ଠାରୁ ଆରମ୍ଭ କରି ନବୀନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ତୀକ୍ଷ୍ଣ ଦୃଷ୍ଟିରେ ରହି ଆସିଥିଲା ଗଂଜାମ ଜିଲ୍ଲା। ଏପରିକି ଗଞ୍ଜାମକୁ ବିଜୁ ଜନତା ଦଳର ଗଡ଼ ବୋଲି କୁହାଯାଉଥିଲା। ରାଜ୍ୟରେ ବିଜେଡି ସରକାର ଗଠନ କରିବାରେ ଏହି ଜିଲ୍ଲାର ଖୁବ୍ ମହତ୍ତ୍ୱ ରହିଥିଲା। ଖୋଦ ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗଞ୍ଜାମର ହିଂଜିଳିରୁ ଲଗାତାର ବିଧାୟକ ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଚୌକିରେ ବସୁଥିଲେ। ସର୍ବାଧିକ ବିଧାନସଭା ଆସନ ବିଶିଷ୍ଟ ଏହି ଜିଲ୍ଲା ଉପରେ ସାରା ଓଡ଼ିଶାର ନଜର୍ ରହୁଥିଲା। ଗତ ସାଧାରଣ ନିର୍ବାଚନରେ ବିଜେଡି ବଡ ପରାଜୟର ସମ୍ମୁଖୀନ ହୋଇ ଶାସନ ଗାଦିରୁ ହଟିଛି ଏବଂ ଗଞ୍ଜାମ ଜିଲ୍ଲାର ସର୍ବାଧିକ ଆସନ ପଦ୍ମ କ୍ୟାମ୍ପକୁ ଯାଇଥିବା ବେଳେ ମାତ୍ର ଗୋଟିଏ ଆସନ ହାତେଇବାରେ ଦଳ ସଫଳ ହୋଇଛି।

ସମ୍ପ୍ରତି, ଚର୍ଚ୍ଚା ଅନୁସାରେ ଦଳ ଏବଂ ନେତାଙ୍କ ବିବାଦକୁ ଦୂର କରିବାରେ ନବୀନ ହିଁ ଏକମାତ୍ର ସର୍ବୋଚ୍ଚ ନେତା। ବର୍ତ୍ତମାନ ସମୟରେ ଗଞ୍ଜାମ ଜିଲ୍ଲାକୁ ନିଜର କରିବାକୁ ହେଲେ ଦଳୀୟ ନେତାଙ୍କ କନ୍ଦଳକୁ ଦୂର କରିବା ତାଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ରହିଛି। ଖୋଦ ହିଂଜିଳିରୁ ନବୀନ ବାବୁ ନିର୍ବାଚିତ ହୋଇ ବିଧାୟକ ସହ ବିରୋଧି ଦଳ ନେତା ରହିଛନ୍ତି। ଯଦି ଗଞ୍ଜାମ ଏବଂ ବ୍ରହ୍ମପୁରରେ ଦଳୀୟ ନେତାଙ୍କ କନ୍ଦଳରେ ପୂର୍ଣ୍ଣଚ୍ଛେଦ ପକାଇବାରେ ଦଳ ସୁପ୍ରିମୋ ବିଫଳ ହୁଅନ୍ତି, ଏହା ସାରା ରାଜ୍ୟରେ ଦଳ ପାଇଁ ଏକ ନକରାତ୍ମକ ପ୍ରଭାବ ସୃଷ୍ଟି କରିପାରେ। ତେଣୁ ବେଳ ଥାଉ ଥାଉ ଦଳ ମୁଖ୍ୟ ନବୀନ ପଟ୍ଟନାୟକ ନିଜ ଘରୋଇ କଳିକୁ ସମାଧାନ କରନ୍ତୁ। ନହେଲେ ଏହା ସାରା ରାଜ୍ୟରେ ଦଳ ପାଇଁ କାଳ ସାଜିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ରାଜନୈତିକ କରିଡ଼ରରେ ଆଲୋଚନା ହେଉଛି।

ଏଭଳି ସ୍ଥଳେ ଗଞ୍ଜାମ ବିଜେଡିରେ ଯେଉଁ ଫାଟ ସୃଷ୍ଟି ହୋଇଛି ସେଥିରେ ପେଚ୍ ପକାଇବାକୁ ବିଜେଡି ହାଇକମାଣ୍ଡ କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

**ଛାତ୍ରୀମାନେ ୧୦ କିମି ଚାଲିବା ଘଟଣା**

## ତଦନ୍ତ କଲେ ଗଣଶିକ୍ଷା ମନ୍ତ୍ରୀ



**ଉମରକୋଟ, ୩୧।୧ (ସଂଚାର ବ୍ୟୁରୋ) :** ଛାତ୍ରୀ ନିବାସର ଛାତ୍ରୀମାନେ ଦଶ କିଲୋମିଟର ଚାଲି ଆସିବା ଘଟଣାରେ ଆଜି ନିଜେ ଗଣଶିକ୍ଷା ମନ୍ତ୍ରୀ ତଦନ୍ତ କରିଛନ୍ତି। ଘଟଣାକୁ ଆତି ସମ୍ବେଦନଶୀଳ କହିଥିଲେ ମଧ୍ୟ ଅଭିଯୋଗ ଗୁଡିକ ତି ଛୋଟ ଥିଲା। ଅଭିଯୋଗ ବିଶେଷ କରି ଛାତ୍ରୀ ନିବାସର ମୁଖ୍ୟ ରୋଷେଇୟାଙ୍କ ବିରୋଧରେ ଥିଲା ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟ ରୋଷେଇୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାୟତର ମା ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଉକ୍ତ ଗ୍ରାମର କସ୍ତୁରବା ବାଳିକା ହଷ୍ଟେଲରେ ରହୁଥିଲେ। ଗତ ୨୯ ତାରିଖରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରି ଛାତ୍ରୀ ନିବାସର ୩୦ରୁ ୪୦ ଜଣ ଛାତ୍ରୀ ପ୍ରାୟ ୧୦ କିଲୋମିଟର ଚାଲି ଚାଲି ଉମରକୋଟ ଆସି ଅଭିଯୋଗ କରିବା ପାଇଁ ବାହାରି ଥିଲେ। ଏହି ଘଟଣା ବିଷୟରେ ଜାଣିବା ପରେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରି ସ୍କୁଲକୁ ଫେରାଇବାରେ ସଫଳ ହୋଇଥିଲେ।

## ଘରକୁ ବାହୁଡ଼ିଲେ ସମର୍ପଣର ସୁବର୍ଣ୍ଣ ମାଉସୀ

**ନୟାଗଡ଼, ୩୧।୧ (ସଂଚାର ବ୍ୟୁରୋ) :** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ନୟାଗଡ଼ଙ୍କ ହସ୍ତକ୍ଷେପରେ ପ୍ରତାପପ୍ରସାଦର ସୁବର୍ଣ୍ଣ ମାଉସୀଙ୍କୁ ଲେଖନପୁର ନିକଟସ୍ଥ 'ସମର୍ପଣ' ବୃଦ୍ଧାଶ୍ରମରେ ଗତ ୨୦.୧.୨୦୨୫ରିଖରେ ଥଇଥାନ କରାଯାଇଥିଲା । ମଉସାଙ୍କ ଦେହାନ୍ତ ପରେ ତାଙ୍କର ଦୁଇପୁଅ ବୋହୂଙ୍କ ଉପରେ ମାଉସୀଙ୍କର ଦାୟିତ୍ୱ ପଡ଼ିଥିଲା । କିନ୍ତୁ ତାଙ୍କ ହସଖୁସିର ସଂସାର ବେଶିଦିନ ଚାଲିନଥିଲା। ଏହାପରେ ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ ହୋଇଥିଲା। ଏଥିରେ ଅତିଷ୍ଠ ହୋଇ ସୁବର୍ଣ୍ଣ ମାଉସୀ ଜିଲ୍ଲା ଆଇନସେବା ପ୍ରାଧିକରଣରଙ୍କର ଦ୍ୱାରସ୍ଥ ହୋଇଥିଲେ। ସମର୍ପଣରେ ୧୦ଦିନ ରହିବା ପରେ ଖୁସିର କଥା ନିଜ ଦୁଇ ପୁଅବୋହୂ ତାଙ୍କର ଭୁଲ ବୁଝିପାରି ମା'କୁ ବୃଦ୍ଧାଶ୍ରମରୁ ଫେରାଇ ନେବା ପାଇଁ ଆଇନସେବା ପ୍ରାଧିକରଣ ନୟାଗଡ଼ଙ୍କ ଦ୍ୱାରସ୍ଥ ହୋଇଥିଲେ ।




ପୁଅବୋହୂମାନେ ତାଙ୍କର ଭୁଲ ବୁଝିପାରିଛନ୍ତି ଅନୁଭବ କରିବା ପରେ ସଚିବ ଅଞ୍ଜଳୀ ମଛଖଣ୍ଡଙ୍କ ନିର୍ଦ୍ଦେଶରେ ଗ୍ରାମୀଣ ଆଇନ ସଚେତନତା କର୍ମୀ ପ୍ରଫୁଲ୍ଲ କୁମାର ବେହେରା, ମମତା ବେହେରା, ଶୁଭିସ୍ମିତା ମିଶ୍ର, ରମେଶ ଚନ୍ଦ୍ର ବେହେରା, ପ୍ରମୋଦ କୁମାର ମହାନ୍ତି, ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ ଏବଂ ସାନପୁଅ ପ୍ରମୁଖ ଯାଇ ସୁବର୍ଣ୍ଣ ମାଉସୀଙ୍କୁ ଆଇନସେବା ପ୍ରାଧିକରଣର ମଧ୍ୟସ୍ଥତା କେନ୍ଦ୍ରକୁ ଆଣି ସଚିବ, ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା ଏବଂ ଗ୍ରାମୀଣ ଆଇନ୍ ସେବା କର୍ମୀମାନଙ୍କ ବୁଝାସୁଝା ପରେ ସୁବର୍ଣ୍ଣ ମାଉସୀ ଘରକୁ ଯିବାକୁ ସମ୍ମତି ପ୍ରକାଶ କରି ଦୁଇ ପୁଅବୋହୂଙ୍କ ସହ ଘର ବାହୁଡ଼ା କରିଥିଲେ । ଜିଲା ଆଇନସେବା ପ୍ରାଧିକରଣର ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

## ମଣ୍ଡିରେ ପଡ଼ିଛି ଧାନ, ମିଲର ଛାଡୁନି ଗାଡ଼ି



**ବିଞ୍ଝାରପୁର, ୩୧।୧ (ସଂଚାର ବ୍ୟୁରୋ) :** ରାଜ୍ୟରେ ନୂତନ ସରକାରରେ ଧାନ ଦର କ୍ୱିଣ୍ଟାଲ ପ୍ରତି ୩୧୦୦ ହେବା ପରେ ଚାଷୀମାନେ ଆନନ୍ଦିତ ହୋଇଥିଲେ। ବାହାର ବ୍ୟବସାୟୀଙ୍କୁ ଅଦର୍ ଦରରେ ଧାନ ନ ବିକି ଧାନ ମଣ୍ଡିରେ ଧାନ ରଖିଥିଲେ କିନ୍ତୁ ମିଲର ଗାଡ଼ି ଆସୁନଥିବାରୁ ଏବେ ଆଶା ଆଶଙ୍କାରେ ଚାଷୀ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର କୃଷୀ ସମବାୟ ସମିତିରେ ଦୀର୍ଘ ଆଠ ଦିନ ହେବ ପଡ଼ି ରହିଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ। କିନ୍ତୁ ମିଲର ଗାଡ଼ି ଛାଡୁ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। ଆଜିକାଲି କହି ମିଲର ଗାଡ଼ି ନ ଛାଡ଼ିବାରୁ ଧାନ ମଣ୍ଡିରେ ପଡ଼ି ରହୁଥିବା ଅଭିଯୋଗ କରିଛନ୍ତି ଚାଷୀ। ପାଖାପାଖି ୧୦୦୦ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଥିବା ବେଳେ ଗାଡ଼ି ନ ଆସିବାରୁ ଟୋକନ୍ ଲାପ୍ସ ହେବାର ଆଶଙ୍କା ଦେଖା ଦେଇଛି।

**ବଦଳି ପରେ ବି ଗାଦି ମୋହ ଛାଡୁନି**

## ୩ ଉପଖଣ୍ଡ ଦାୟିତ୍ୱରେ ଆରଢ଼ି ସହକାରୀ ଯନ୍ତ୍ରୀ

**ନବରଙ୍ଗପୁର/ରାଇଘର, ୩୧।୧ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟରତ ଜଣେ ସହକାରୀ ଯନ୍ତ୍ରୀଙ୍କ ଗତ ୪ ମାସ ପୂର୍ବେ ବଦଳି ହୋଇଥିଲା। କିନ୍ତୁ ସହକାରୀ ଯନ୍ତ୍ରୀ ବଦଳି ହୋଇଥିବା ନୂତନ ଜାଗାରେ ଯୋଗଦେବା ପରିବର୍ତ୍ତେ ସେହି ପୁରୁଣା ଜାଗାରେ କାର୍ଯ୍ୟ କରୁଛନ୍ତି। ଏପରିକି ସହକାରୀ ଯନ୍ତ୍ରୀଙ୍କ ବଦଳି ଆଦେଶ ପରେ ବି ଦୁଇଟି ସବଡିଭିଜନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ହେଉଥିବା କାର୍ଯ୍ୟର ମାନ ଓ ସ୍ଥାୟିତ୍ୱକୁ ନେଇ ଉଠିଛି ପ୍ରଶ୍ନ।

ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଭିଜନ୍ ଅନ୍ତର୍ଗତ ରାଇଘର ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମଙ୍କୁ ଗତବର୍ଷ ସେପ୍ଟେମ୍ବର ମାସରେ କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନକୁ ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଇତି ମଧ୍ୟରେ ବଦଳି ବିଜ୍ଞପ୍ତି ପ୍ରକାଶ ପାଇ ୪ ମାସ ବିତିଲାଣି। କିନ୍ତୁ ସେ ରିଲିଭ୍ ହୋଇନଥିବା ବେଳେ ତାଙ୍କୁ ନବରଙ୍ଗପୁର ଡିଭିଜନର ଡାବୁଗାଁ ଓ କୋଷାଗୁମୁଡା ସବଡିଭିଜନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ସରକାରଙ୍କ ନିୟମ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରତି ବ୍ଲକକୁ ସବଡିଭିଜନ୍ କରାଯାଇଛି। ପ୍ରତି ସବଡିଭିଜନରେ ଜଣେ କନିଷ୍ଠ ଯନ୍ତ୍ରୀ ଓ ଜଣେ ସହକାରୀ ଯନ୍ତ୍ରୀ, ଅବସ୍ଥାପିତ ହେବେ। ତେବେ ନବରଙ୍ଗପୁର ଡିଭିଜନରେ ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ପାପଡ଼ାହାଣ୍ଡି ଓ ଡାବୁଗାଁ ଏଭଳି ୬ଟି ସବଡିଭିଜନ୍ ରହିଛି। ତେବେ ନବରଙ୍ଗପୁର ଡିଭିଜନର ୪ଟି ସବଡିଭିଜନ୍ ଦାୟିତ୍ୱରେ ୨ ଜଣ ସହକାରୀ ଯନ୍ତ୍ରୀ ରହିଥିବା ବେଳେ ରାଇଘର ସକହାରୀ ଯନ୍ତ୍ରୀଙ୍କୁ ଡାବୁଗାଁ ଓ କୋଷାଗୁମୁଡ଼ା ସବଡିଭିଜନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏପରି ସ୍ଥଳେ ଜଣେ ସହକାରୀ ଯନ୍ତ୍ରୀ ୩ଟି ସବଡିଭିଜନର କାମ କିପରି ଦେଖିବେ ଏବଂ କାମର ମାନ ଓ ସ୍ଥାୟିତ୍ୱକୁ ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

ଏନେଇ ନବରଙ୍ଗପୁର ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ନବରଙ୍ଗପୁର ଡିଭିଜନରେ ଆବଶ୍ୟକ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବି ଖାଲି ପଡ଼ିଥିବାରୁ ରାଇଘର ସହକାରୀ ଯନ୍ତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଉମରକୋଟ ଡିଭିଜନରେ କାର୍ଯ୍ୟ କରୁଛନ୍ତି ତେଣୁ ଉମରକୋଟ କାର୍ଯ୍ୟାଳୟ ହିଁ ତାଙ୍କୁ ରିଲିଭ୍ କରିପାରିବ ବୋଲି କହିଛନ୍ତି। ସେହିପରି ଉମରକୋଟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି ଯେ ତାଙ୍କ ସ୍ଥାନରେ ରିଲିଭର୍ ଆସିନଥିବାରୁ ରିଲିଭ୍ କରାଯାଇନାହିଁ।

## ୬କେଜି ଗଞ୍ଜେଇ ଜବତ: ଜଣେ ଗିରଫ



**ଦଶପଲ୍ଲା, ୩୧।୧ (ସଂଚାର ବ୍ୟୁରୋ) :**ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬ କେଜି ଗଂଜେଇ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଜଣେ ଯୁବକକୁ ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇଛି । ଗିରଫ ଯୁବକଙ୍କ ନାଁ ଅନନ୍ତ ମଣ୍ଡଳ ଓ ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଗିରିହାପାହି ଗ୍ରାମରେ ବୋଲି ଜଣାପଡିଛି। ଅନନ୍ତ ଏକ ଜରି ବସ୍ତାରେ ୬ କେଜି ଗଂଜେଇ ଧରି ସ୍ଥାନୀୟ ରଙ୍ଗମାଟିଆ ଠାରେ ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିବା ବେଳେ ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଏହି ଗଂଜେଇ କନ୍ଧମାଳ ଜିଲ୍ଲାରୁ ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

## ଟ୍ରକ ଚାପାରେ ଜଣେ ମୃତ




**ଦଶପଲ୍ଲା, ୩୧।୧ (ସଂଚାର ବ୍ୟୁରୋ) :** ଶୁକ୍ରବାର ଦିନ ସକାଳ ସମୟରେ ଏକ ମାଲ ବୋଝେଇ ଟ୍ରକ ମାଡ଼ିଯାଇ ଜଣେ ବ୍ୟକ୍ତିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ଦଶପଲ୍ଲା ବ୍ଲକ ଅନ୍ତର୍ଗତ ରଥଗା ଗ୍ରାମର ହାଡ଼ିଆ ମହାକୁଡ଼। ଘଟଣାରୁ ପ୍ରକାଶ ଯେ, ହାଡ଼ିଆ ପତ୍ୟେକ ଦିନ ଭଳି ଆଜି ମଧ୍ୟ ନିଜ ସାଇକେଲ ଯୋଗେ କାଠ ଧରି ଘରକୁ ଫେରୁଥିବା ବେଳେ ପଛପଟୁ ଏକ ଆଳୁ ଓ ପିଆଜ ବୋଝେଇ ଟ୍ରକ ନମ୍ବର ଏମ୍‌ଏଚ୍ ୧୨ ଟିଭି ୭୩୨୨ ଟି ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ସରଗଣ୍ଡା ଗ୍ରାମ ପଞ୍ଚାୟତର ପଥରପୁଞ୍ଜା ପୋଲ ନିକଟରେ ପଛପଟୁ ଧକ୍କା ଦେଇଥିଲା ଫଳରେ ହାଡ଼ିଆ ଟ୍ରକ ଚକା ତଳେ ପଡ଼ିଯିବାରୁ ତାର ହାତ ଓ ମୁଣ୍ଡ ଉପରେ ଚକା ମାଡି ଯିବାରୁ ଘଟଣା ସ୍ଥଳରେ ହାଡ଼ିଆର ମୃତ୍ୟୁ ହୋଇଥିଲା। ଖବର ପାଇ ଦଶପଲ୍ଲା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାରେ ଭର୍ତ୍ତି କରିଥିଲା। ଘଟଣା ଘଟାଇ ଟ୍ରକଟି ଖସି ପଳାଇ ଯାଉଥିବା ବେଳେ ନୂଆଗାଁ ପୋଲିସ ଦ୍ୱାରା ଧରାପଡ଼ିଥିଲା। ଏହି ଘଟଣାରେ ଦଶପଲ୍ଲା ପୋଲିସ ୨୪/୨୫ ରେ ଏକ ମାମଲା ରୁଜୁ କରି ଟ୍ରକ ଓ ଟ୍ରକ ଡ୍ରାଇଭରକୁ ଅଟକ ରଖିବା ସହ ହାଡ଼ିଆର ଶବକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଜାରି ରଖିଛି।

## ମାଙ୍କଡ଼ କାମୁଡ଼ାରେ ୫ ଆହତ

**ବାଲିଅନ୍ତା, ୩୧।୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ଅଧୀନ ଭୁବନପୁର ଅଞ୍ଚଳରେ ଏକ ମାଙ୍କଡ଼ ଉତ୍ପାତ ଚଳାଇଛି । ଗତ ୧୫ ଦିନ ମଧ୍ୟରେ ଏହି ମାଙ୍କଡ଼ ଆକ୍ରମଣରେ ୨ ଜଣ ମହିଳାଙ୍କ ସମେତ ୫ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଗତକାଲି ଭୁବନପୁର ଗାଁର ଜଣେ ମଧ୍ୟବୟସ୍କ ବ୍ୟକ୍ତି ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ଭୁବନପୁର ବଜାର, ରାସ୍ତା ଏବଂ ନଦୀବନ୍ଧରେ ଯାତାୟତ କରୁଥିବା ପଥଚାରୀ ଏବଂ ବାଇକ ଆରୋହୀଙ୍କୁ ମାଙ୍କଡ଼ ଖେଂଖାରି ଗୋଡାଉଛି । ସ୍ଥାନୀୟ ଦୋକାନ ବଜାରକୁ ଜିନିଷ ଆଣିବାକୁ ଯାଉଥିବା ଲୋକଙ୍କୁ ଗୋଡ଼ାଇ କାମୁଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି । ହେଲେ ବନ ବିଭାଗ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି ।

## ଚୌଦ୍ୱାରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**ଟାଙ୍ଗୀ-ଚୌଦ୍ୱାର, ୩୧।୧ (ସଂଚାର ବ୍ୟୁରୋ) :** ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୪ଟି ପେବରବ୍ଲକ ରାସ୍ତା ଓ ୨ଟି ଦୀର୍ଘ ନାଳ ଉପରେ ସ୍ଲାବ ବିଛାଇବା କାର୍ଯ୍ୟର ଶିଳାନ୍ୟାସ କରାଯାଇଛି।



ରାଜ୍ୟ ପୌର ପରିଷଦ ମହାସଂଘର ସାଂଗଠନିକ ସମ୍ପାଦକ ତଥା ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କାଉନସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଲ କୁମାର ବେଉରା, ବିରାଟ ବଜାର ପୁଜା କମିଟି ସଭାପତି ପ୍ରଶାନ୍ତ ବରାଳ, ବରିଷ୍ଠ ନାଗରିକ କ୍ଲବର ସଭାପତି ପ୍ରତାପ କିଶୋର ସାମଲ, ସମ୍ପାଦକ ସୁଶାନ୍ତ ସାହୁ, ହାଉସିଂବୋର୍ଡ ୱେଲଫେୟାର ଆସୋସିଏସନର ସମ୍ପାଦକ ନାରାୟଣ ସାହୁ, ଅଜୟ ସ୍ୱାଇଁ, ପ୍ରଶାନ୍ତ ସାହୁ, କେଦାରେଶ୍ୱର ସଭାପତି ରଞ୍ଜନ କୁମାର ବାରିକ, ଦୁଖିଶ୍ୟାମ ଶତପଥି, ରଞ୍ଜିତ ପଣ୍ଡା, ଯୁବନେତା ଧିରେନ ବସ୍ତିଆ, ସୁଶାନ୍ତ ବାରିକ, ପ୍ରକାଶ ନାୟକ, ବିଚିତ୍ରାନନ୍ଦ ନାୟକ, ଏମ ପୁଷ୍ପାଞ୍ଜଳି, ସରୋଜିନୀ ନାୟକ, ବାପି ଦାସ, ବିକାଶ ଦାସ, ରିଙ୍କୁ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ ଅକ୍ଷୟ ମିଶ୍ର, ଦେବରାଜ ମିଶ୍ର, ବିଜୟ କେତନ ସ୍ୱାଇଁ, ରବୀନ୍ଦ୍ର ବାରିକ, ଧିଲ୍ଲୀପ ତ୍ରିପାଠୀ, ରାଜନ ନାମ୍ବିଆର, ବନା ମହାନ୍ତି, ସୁବାଷ ପ୍ରଧାନ, ସଛି ମହାନ୍ତି, ବିରଜା ଦାସ, ସନ୍ତୋଷ ସାହୁ, ସନିଆ ମହାନ୍ତି, ମନୋଜ ଦାସ, ପି.କେ.ଜେନା, ଅବଦୁଲ ସରିଫ୍, ପୂର୍ଣ୍ଣ ଚନ୍ଦ୍ର ସେଠୀ, ପି.କେ.ଭୁୟାଁ, ବୀରବର ବେହେରା ପ୍ରମୁଖ ଶତାଧିକ ମହିଳା, ଯୁବ ଛାତ୍ର, କର୍ମୀ ଯୋଗଦେଇଥିଲେ।

## ରଥିଜେମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ବାଲିଅନ୍ତା, ୩୧।୧ (ସଂଚାର ବ୍ୟୁରୋ) :** ବାଲକାଟି ରଥିଜେମା କ୍ରିକେଟ ଖେଳ ପଡ଼ିଆରେ ଆଜି ସର୍ବ ଭାରତୀୟ ରଥିଜେମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଏନେଇ ଆୟୋଜିତ ସଭାରେ ଖେଳ ଶରୀରକୁ ସୁସ୍ଥ ରଖିବା ସହିତ ଟୁର୍ଣ୍ଣାମେଣ୍ଟ ଭାଇଚାରା ସୃଷ୍ଟି କରିବା ନେଇ ଏକ ମାଧ୍ୟମ ବୋଲି ବିଧାୟକ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତି ସଭ୍ୟ ଗଙ୍ଗାଧର ମାହାରି,ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ବିଜୟ କୁମାର ମୁଦୁଲି, ବିଜେଡ଼ି ସଭାପତି ପ୍ରଦୀପ୍ତ ଜେନାମଣି, ଜିଲ୍ଲା ପରିଷଦ ସଭ୍ୟ କୁନମୁନ ଲେଙ୍କା,ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ, ନିର୍ମାଣ ଏଜୁକେସନାଲ ଟ୍ରଷ୍ଟର ପରିଚାଳକ ସିଦ୍ଧେଶ୍ୱର ମହାନ୍ତି, ସମାଜସେବୀ ସଞ୍ଜୟ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରର ମୋଟ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟ ଖେଳିବେ। ଆଜି ୪ଟି ଦଳ ମଧ୍ୟରେ ଲିଗ ମ୍ୟାଚ ଖେଳା ଯାଇଥିଲା। ଆସନ୍ତା ୯ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ।



### ରାଜ୍ୟରେ ଖରିଫ ଋତୁ ଧାନକିଣା ନେଇ ମନ୍ତ୍ରୀସମୂହ ସମୀକ୍ଷା ବୈଠକ

# ୭୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବଢ଼ିଲା ଧାର୍ଯ୍ୟଲକ୍ଷ୍ୟ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଖରିଫ୍ ଋତୁ ଧାନକିଣା ନେଇ ମନ୍ତ୍ରୀସମୂହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟରେ ଧାନକିଣା ଲକ୍ଷ୍ୟ ୭୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୭୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି। ଚଳିତ ବର୍ଷ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା ସହ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରାଯାଉଥିବାରୁ ଧାନକିଣାରେ ଅଧିକରୁ ଅଧିକ ଚାଷୀ ଭାଗନେବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି। ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବୈଠକରେ ଧାର୍ଯ୍ୟ ଲକ୍ଷ୍ୟକୁ ବୃଦ୍ଧି କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ମନ୍ତ୍ରୀସମୂହ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ବୈଠକ ପ୍ରାରମ୍ଭରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଚଳିତ ବର୍ଷ ଖରିଫ ଧାନକିଣା ସମ୍ପର୍କରେ ବିଶଦ ସୂଚନା ଦେଇଥିଲେ। ତାଙ୍କ କହିବାନୁସାରେ,

**୧୦ ହଜାର କୋଟି ଏମ୍ଏସ୍‌ପି ଓ ୩୪୭୬ କୋଟି ଇନ୍‌ପୁଟ ସହାୟତା ଦିଆଯାଇଛି**



ଅଦ୍ୟାବଧି ୯ ଲକ୍ଷ ୭୭ ହଜାର ୨୯୩ ଜଣ ଚାଷୀଙ୍କଠାରୁ ୪୬ ଲକ୍ଷ ୩୬ ହଜାର ୫୪୧ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି। ସେହିପରି ସର୍ବନିମ୍ନ ସହାୟତା ମୂଲ୍ୟ ବାବଦରେ ପ୍ରାୟ ୧୦ ହଜାର କୋଟି ଟଙ୍କା ସାଙ୍ଗକୁ ଇନ୍‌ପୁଟ ସହାୟତା ବାବଦରେ ୩୪୭୬ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପଠାଯାଇଛି। ଚଳିତ ବର୍ଷ ଧାନକିଣା ପାଇଁ ଚାଷୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ମଣ୍ଡିଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଚାଷୀଙ୍କ ହିତ ଦୃଷ୍ଟିରୁ ମଣ୍ଡିଗୁଡ଼ିକରେ ସିସିଟିଭି ସହ ୩୮୮୩ ଜଣ ନୋଡାଲ ଅଧିକାରଙ୍କୁ ନିୟୋଜିତ କରାଯାଇଛି। ଏଥିସହ ବାହାର ରାଜ୍ୟର ଧାନଗାଡ଼ି ଉପରେ କଡ଼ା ନଜର ରଖିବା ପାଇଁ ୨୧୭ ଜଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ମଣ୍ଡିରୁ ମିଲ୍‌କୁ ଧାନ ନେଇ ଯାଉଥିବା ଗାଡ଼ି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଉଛି। ଚାଷୀମାନଙ୍କୁ ଟୋକନ, ଇନ୍‌ପୁଟ ସହାୟତା, ଏମ୍ଏସ୍‌ପି ପ୍ରଦାନ ସହ ସେମାନଙ୍କ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ କରାଯାଉଛି। ଏଥିନିମନ୍ତେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି। ଚାଷୀମାନଙ୍କ ପାଇଁ ଟୋଲ୍ ଫ୍ରି ନଂ.୧୯୬୭ ଜରିଆରେ ୪ ଲକ୍ଷ ୧୫ ହଜାର ୨୬୭ଟି କଲ୍ ରିସିଭ୍ କରାଯାଇ ଏହାର ସମାଧାନ କରାଯାଇଛି। ଏଥିସହ ମିଲ୍‌ଗୁଡ଼ିକୁ ଧାନ ପଠାଯାଇ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରକ୍ରିୟା ପ୍ରସ୍ତୁତି ଜାରି ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ବର୍ଷର ଧାନକିଣା ପ୍ରକ୍ରିୟା ସୁଗମ ହୋଇପାରିଛି। ତାଙ୍କ ନିର୍ଦ୍ଦେଶରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଜିଲ୍ଲା ଗସ୍ତ କରୁଥିବାରୁ ଧାନକିଣା ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସଫଳ ହୋଇପାରିଥିବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖୁସି ବ୍ୟକ୍ତ କରିଛନ୍ତି। ଏହି ପ୍ରକ୍ରିୟା କିପରି ଅଧିକ ଚାଷୀ ଅନୁକୂଳ ହୋଇପାରିବ, ସେଥିପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ବ୍ୟାପକ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଆସନ୍ତା ରବି ଋତୁରେ ଧାନକିଣା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ଝାରସୁଗୁଡ଼ା-ଲକ୍ଷ୍ନୌ ବିମାନ ସେବା

**ଝାରସୁଗୁଡ଼ା,୩୧।୧(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଝାରସୁଗୁଡ଼ାରୁ ଲକ୍ଷ୍ନୌକୁ ବିମାନ ଉଡ଼ାଣ ହେବ ବୋଲି ଜଣାପଡ଼ିଛି। ସେହିପରି ଆସନ୍ତା ୨ ତାରିଖରୁ ରାୟପୁରକୁ ଷ୍ଟାର୍ ଏୟାର ଉଡ଼ାଣ କରିବ। ସପ୍ତାହର ୩ ଦିନ ଅର୍ଥାତ ମଙ୍ଗଳବାର, ଗୁରୁବାର ଓ ଶନିବାର ସନ୍ଧ୍ୟା ୫ଟା ୩୫ ମିନିଟ୍‌ରେ ଝାରସୁଗୁଡ଼ାରୁ ଲକ୍ଷ୍ନୌ ପାଇଁ ବିମାନ ଉଡ଼ାଣ ଭରିବ ଓ ସେଠାରେ ସନ୍ଧ୍ୟା ୬ଟା ୫୫ ମିନିଟ୍‌ରେ ଅବତରଣ କରିବ ବୋଲି ଆଜି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ, ଏହି ୩ ଦିନ ହିଁ ସନ୍ଧ୍ୟା ୭ଟା ୨୫ରେ ଲକ୍ଷ୍ନୌରୁ ଝାରସୁଗୁଡ଼ା ପାଇଁ ବିମାନ ଉଡ଼ାଣ ଭରି ରାତି ୮ଟା ୪୫ ମିନିଟ୍‌ରେ ଏଠାରେ ଅବତରଣ କରିବ। ସପ୍ତାହକୁ ୪ ଦିନ ଅର୍ଥାତ୍ ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର ସନ୍ଧ୍ୟା ୬ଟା ୩୫ ମିନିଟ୍‌ରେ ଝାରସୁଗୁଡ଼ାରୁ ରାୟପୁର ଅଭିମୁଖେ ବିମାନ ଉଡ଼ାଣ ଆରମ୍ଭ କରିବ ଓ ସେଠାରେ ସନ୍ଧ୍ୟା ୭ଟା ୨୫ ମିନିଟ୍‌ରେ ଅବତରଣ କରିବ। ସେହିପରି ପୁଣି ସନ୍ଧ୍ୟା ୭ଟା ୫୫ ମିନିଟ୍‌ରେ ଉଡ଼ାଣ ଭରି ଝାରସୁଗୁଡ଼ାରେ ରାତି ୮ଟା ୪୫ ମିନିଟ୍‌ରେ ବିମାନ ଅବତରଣ କରିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ଏଥିସହ ଆସନ୍ତା ମାର୍ଚ୍ଚରୁ ଇଣ୍ଡିଗୋ ବିମାନ ଝାରସୁଗୁଡ଼ାରୁ ମୁମ୍ବାଇକୁ ସେବା ପ୍ରଦାନ କରିବ ବୋଲି ମଧ ସେ ସୂଚନା ଦେଇଛନ୍ତି।

## ଦାୟିତ୍ୱ ନେଲେ ରାଜ୍ୟ ନିର୍ବାଚନ କମିଶନର



**ଭୁବନେଶ୍ୱର,୩୧।୧ (ସଂଚାର ବ୍ୟୁରୋ):** ରାଜ୍ୟ ନିର୍ବାଚନ କମିଶନର ଭାବେ ଶୁକ୍ରବାର ଦାୟିତ୍ୱ ନେଇଛନ୍ତି ମଧୁସୂଦନ ପାଢ଼ୀ। ତୋଷାଳୀ ଭବନରେ ବିଧିବଦ୍ଧ ଭାବେ ସେ ଦାୟିତ୍ୱ ନେଇଛନ୍ତି। ଆଦିତ୍ୟ ପାଢ଼ୀଙ୍କ ଅବସର ପରେ କମିଶନର ପଦ ଖାଲି ପଡ଼ିଥିଲା । ଏବେ ଦାୟିତ୍ୱର ଭାର ମଧୁସୂଦନ ପାଢ଼ୀଙ୍କ ହାତକୁ ହସ୍ତାନ୍ତର କରାଯାଇଛି। ୧୯୯୧-ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢ଼ୀ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପରେ ପ୍ରଥମେ ସେ କନ୍ଧମାଳ ଜିଲା ବାଲିଗୁଡାର ସବ୍ କଲେକ୍ଟର ଭାବରେ କାର୍ଯ୍ୟ କରିଥିଲେ। ପରେ ପ୍ରୋଜେକ୍ଟ ନିର୍ଦ୍ଦେଶକ, ଡିଆରଡିଏ, ମୟୂରଭଞ୍ଜ ପରେ ବିଭିନ୍ନ ବିଭାଗର ସଚିବ ଥିଲେ।

## ବାଇକ ମୁହାଁମୁହିଁ: ୨ ମୃତ, ୩ ଗୁରୁତର

**ନବରଙ୍ଗପୁର,୩୧।୧(ସଂଚାର ବ୍ୟୁରୋ):** ଦୁଇଟି ବାଇକ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଭାଟିଗାଁ ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଦୁଇ ମୃତକ ନବରଙ୍ଗପୁର ଥାନା ପଡ଼ାଲଗୁଡ଼ା ଗ୍ରାମର ରଘୁ ବୈରାଗୀ ଓ ଧନିଆ ମାଝୀ ବୋଲି ଜଣାପଡ଼ିଛି। ସେହିପରି ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଥିବା ୩ ଜଣ ହେଲେ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଚିର୍ମା ଗ୍ରାମର ଅବେଦ କୁମାର ତାରା, ଜଗତ ରାଜ ଖୁରା ଓ ପଡ଼ାଲଗୁଡ଼ା ଗ୍ରାମର ସଦା ଭତରା। ତେବେ ଦୁର୍ଘଟଣା ପରେ ଆହତମାନଙ୍କୁ ନିଜ ଗାଡ଼ିରେ ନେଇ ହସ୍ପିଟାଲ୍‌ରେ ଭର୍ତ୍ତି କରି ନବରଙ୍ଗପୁର ଏସ୍‌ପି ମିହିର କୁମାର ପଣ୍ଡା ମାନବିକତା ଦେଖାଇଛନ୍ତି। ଦୁର୍ଘଟଣା ଘଟିବା ସମୟରେ ଏସପି ଉକ୍ତ ରାସ୍ତା ଦେଇ କୋଷାଗୁମୁଡା ବ୍ଲକ ବଡ଼ଆମଡା ଗାଁ ଅଭିମୁଖେ ଯାଉଥିଲେ। ଆହତମାନ ଛଟପଟ ହେଉଥିବା ବେଳେ ସେମାନଙ୍କୁ ନିଜ ଗାଡ଼ିରେ ନେଇ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଏବେ ସେମାନଙ୍କ ଚିକିତ୍ସା ଜାରି ରହିଥିଲେ ହେଁ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବିଶେଷ କିଛି ସୂଚନା ମିଳିପାରିନାହିଁ। ନବରଙ୍ଗପୁର ଥାନା ଅନ୍ତର୍ଗତ ପଡ଼ାଲଗୁଡାର ରଘୁ, ଧନିଆ ଓ ସଦା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୁସୁମପାଲିକୁ ନିଜର ଜଣେ ସମ୍ପର୍କୀୟଙ୍କ ନିର୍ବନ୍ଧ କାର୍ଯ୍ୟକ୍ରମରେ ଯୋଗଦେବା ସାକଶେ ବାଇକ ଯୋଗେ ଯାଉଥିଲେ। ଏହି ସମୟରେ ସାମ୍ନାରୁ ଏକ ବାଇକ୍‌ରେ ଚିର୍ମାର ଅବେଦ ଓ ଜଗତ ନବରଙ୍ଗପୁର ଅଭିମୁଖେ ଆସୁଥିଲେ। ଉଭୟ ବାଇକ୍ ମଧରେ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଭାଟିଗାଁ ନିକଟରେ ମୁହାଁମୁହିଁ ଭାବେ ଧକ୍କା ହୋଇଥିଲା।

## ବନ୍ଧୁକ ଦେଖାଇ ମଦଭାଟିରୁ ୭ ଲକ୍ଷ ଲୁଟ୍

**ଧର୍ମଗଡ଼,୩୧।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଧର୍ମଗଡ଼ ସହର ଭୀମଖୋଜପଡ଼ାସ୍ଥିତ ଦେଶୀ ମଦଭାଟିରୁ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତ ହୋଇଛି। ୧୦ରୁ ଉର୍ଦ୍ଧ୍ୱ ଡକାୟତ ଭାଟି କର୍ମଚାରୀଙ୍କୁ ପିସ୍ତଲ ଦେଖାଇ ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଜଣାପଡିଛି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ଏକ ଦେଶୀ ପିସ୍ତଲ, ମାରଣାସ୍ତ୍ର ଜବତ କରିବା ସହ ଦୁଇ ଡକାୟତଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପୋଲିସ ଏସ୍‌ପିଙ୍କ ସହ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଗିରଫ ହେଲେ ଆଇଟିଡିଏ ଅଧିକାରୀ ବିଶ୍ୱଦର୍ଶୀ

### ୫କୋଟି ୨ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ

**ସୁନ୍ଦରଗଡ, ୩୧।୧(ସଂଚାର ବ୍ୟୁରୋ):** ବନ୍ଧାହେଲେ କୁବେର ଆଇଟିଡିଏ ଅଧିକାରୀ । ସୁନ୍ଦରଗଡ଼ ଜିଲ୍ଲା ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା-ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ବିଶ୍ୱଦର୍ଶୀ ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି । ଗିରଫ ପରେ ସୁନ୍ଦରଗଡ଼ ସ୍ୱତନ୍ତ୍ର କୋର୍ଟ ଚାଲାଣ କରାଯାଇଛି । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ । ସରକାରୀ ବାବୁଙ୍କ ଘଣ୍ଟା ପିନ୍ଧିବାରେ ଥିଲା ସୌକ, ପାଖରେ ରଖିଥିଲେ ୭ ଲକ୍ଷ ଟଙ୍କାର ଘଣ୍ଟା । ସ୍ପେଶାଲ ଜଜ୍ ପକ୍ଷରୁ ୱାରେଣ୍ଟ କରାଯାଇଥିଲା । ୫ଟି ଟିମ୍ ଗଠନ କରି ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା । ୫ଟି ଟିମ୍‌ରେ ଜଣେ ଡିଏସ୍‌ପି, ଜଣେ ଏଡି,ଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ରହିଥିଲେ । ୭ଟା ପ୍ଲଟ ୨ଟି ଫ୍ଲାଟ୍, ୯ଟି ପ୍ଲଟ୍ ଭୁବନେଶ୍ୱରରେ ରହିଛି, ଗୋଟିଏ ଚାରି ଚକିଆ, ୩ଟି ବାଇକ ସହ ମୋଟ୍ ସମ୍ପତ୍ତି ୫ କୋଟି ୨ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସହ ୧୦ଟି ବିଭିନ୍ନ କମ୍ପାନୀର ଦାମୀ ଘଣ୍ଟା ମଧ ରହିଛି ଯାହାର ମୂଲ୍ୟ ୭ ଲକ୍ଷ ଟଙ୍କା ।

## ଟ୍ରେନ୍‌ରୁ ଛଡାଇନେଲା ହୀରା ହାର, ଭୁବନେଶ୍ୱର ଷ୍ଟେସନରୁ ଧରାପଡ଼ିଲା



**ଭୁବନେଶ୍ୱର,୩୧।୧ (ସଂଚାର ବ୍ୟୁରୋ):** ପ୍ରବାସୀ ମହିଳାଙ୍କ ଠାରୁ ଟ୍ରେନରେ ଲୁଟପାଟ। ଚଳନ୍ତା ଟ୍ରେନରୁ ଛଡ଼ାଇ ନେଇଥିଲେ ଭ୍ୟାନିଟି ବ୍ୟାଗ। ଶେଷରେ ଅପରାଧିକୁ କାବୁ କରିଛି ଆରପିଏଫ ଟିମ୍ । ଭୁବନେଶ୍ୱର ଷ୍ଟେସନରୁ ଲୁଟ ଘଟଣାରେ ପେଷାଦାର ଚୋର ଗିରଫ। ପ୍ରବାସୀ ମହିଳାଙ୍କ ହୀରା ହାର ସମେତ ଲ୍ୟାପଟପ୍ ଓ ମୋବାଇଲ ଭଳି ୫ ଲକ୍ଷ ଟଙ୍କାର ଜିନିଷ ଜବତ କରିଛି ଜିଆରପି ଓ ଆରପିଏଫ ପୋଲିସ । ଏନେଇ ଭୁବନେଶ୍ୱର ଜିଆରପି ପୋଲିସର ଥାନାଧିକାରୀ ଏସ ଗୋଛାୟତଙ୍କ ପକ୍ଷରୁ ଦିଯାଇଥିବା ସୂଚନା ଅନୁସାରେ ଗିରଫ ଅଭିଯୁକ୍ତ ହେଉଛି ବି କୁମାର । ତା ଘର ଲକ୍ଷ୍ମୀସାଗର ମୋଚି ସାହି ହୋଇଥିବା ଜଣାପଡିଛି । ତା ଠାରୁ ଗୋଟିଏ ଲାପଟପ୍ ସହ ହୀରା ମୁଦି, ସିରା କାନ ଫୁଲ ଓ ହୀରା ମଙ୍ଗଳସୁତ୍ର ସହ ହୀରା ହାର, ଏଟିଏମ୍ କାର୍ଡ, କ୍ରେଡିଟ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ମଧ ଜବତ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଲୁଟ ପରେ ଏସବୁ ଚୋରି ସାମଗ୍ରୀକୁ ବିକ୍ରି ନକରି ଘରେ ଲୁଚାଇ ରଖିଥିବା ବେଳେ ଆରପିଏଫ ଓ ଜିଆରପି ପୋଲିସ ମିଳିତ ଭାବେ ଚଢ଼ାଉ କରି ଏସବୁକୁ ତା ଘରୁ ଜବତ କରିଛି । ପୋଲିସ ତଦନ୍ତ ବେଳେ ଅଭିଯୁକ୍ତ ନାଁରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଓ ଅନେକ ଅପରାଧିକ ମାମଲା ଥିବା ଜାଣିବାକୁ ପାଇଛି । ଗତ ୨୨ ଜାନୁଆରୀରେ ଜଗନ୍ନାଥ ଏକ୍ସପ୍ରେସ ଯୋଗେ ପୁରୀରୁ କଲିକତା ଅଭିମୁଖେ ଯାତ୍ରା କରୁଥିଲେ ମହିଳା । ସମୟ ପ୍ରାୟ ରାତି ୧୨ଟା ୩୦ ସମୟରେ ମହିଳାଙ୍କ ପାଖରେ ବ୍ୟାଗ ଥିବା ଦେଖି ଏକୁଟିଆ ମହିଳାଙ୍କୁ ସେ ଟାର୍ଗେଟ କରିଥିଲେ। ମହିଳାଙ୍କ ଉପରେ ନଜର ରଖି ଭୁବନେଶ୍ୱର ଷ୍ଟେସନରୁ ଟ୍ରେନଟି ଛାଡିବା ସମୟରେ ଏମାନେ ତାଙ୍କୁ ଲକ୍ଷ୍ୟ ରଖିଥିଲେ। ଠିକ ଟ୍ରେନଟି ଭୁବନେଶ୍ୱରରୁ ଛାଡ଼ିବା ପୂର୍ବରୁ ସେ ବଗି ଭିତରେ ପଶି ହଠାତ୍ ବ୍ୟାଗ ଟିକୁ ଝାମ୍ପି ନେଇ ଛୁ ମାରିଥିଲା। ମହିଳା ଜଣଙ୍କ ତାକୁ ରୋକିବା ପୂର୍ବରୁ ତାଙ୍କୁ ଘେଷାଡି ତଳେ ପକାଇ ଦେଇଥିଲା ଅଭିଯୁକ୍ତ। କିନ୍ତୁ ମହିଳା ଜଣଙ୍କ ଲୁଟେରାଙ୍କୁ ଭଲବାବେ ଚିହ୍ନଟ କରିଥିଲେ । ତେବେ ଚୋରି ସାମଗ୍ରୀରେ ହୀରା ଗହଣା ଥିବାରୁ ସେ ବିକ୍ରି କରିପାରିନଥିଲା। ତା ପୂର୍ବରୁ ଆରପିଏଫ ଟିମ୍ ତାକୁ ଟ୍ରାକ କରି କରି ଅପରାଧି ନିକଟରେ ପହଞ୍ଚି ଯାଇଥିଲା ।

### ୯ରେ ଭାରତ-ଇଂଲଣ୍ଡ ବାରବାଟୀ ଦିନିକିଆ

## ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, ଥିମ୍ ସଙ୍ଗ୍ ଉନ୍ମୋଚିତ




**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମଠାରେ ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ପାଖାପାଖି ଦୁଇ ବର୍ଷ ପରେ ବାରବାଟୀକୁ ଅନ୍ତର୍ଜାତୀୟ ମ୍ୟାଚ୍ ଫେରିଥିବାରୁ ଏହାକୁ ଶୃଙ୍ଖଳା ଓ ସଫଳତାର ସହ ଶେଷ କରିବା ସକାଶେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସମେତ ସବୁ ସ୍ତରରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଷ୍ଟାଡିୟମରେ ପହଞ୍ଚି ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିବା ସହ ପ୍ରସ୍ତୁତି କାର୍ଯ୍ୟକୁ ଅନୁଧାନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ମ୍ୟାଚ୍ ପାଇଁ ପ୍ରସ୍ତୁତ ଥିମ୍ ସଙ୍ଗ୍‌କୁ ମଧ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଏହି ଥିମ୍ ସଙ୍ଗ୍ 'ସ୍ୱାଗତ ସୁସ୍ୱାଗତ...'କୁ ଜଣାଶୁଣା ଓଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ପ୍ରସ୍ତୁତ କରିଛନ୍ତି।

ମ୍ୟାଚ୍ ସଂକ୍ରାନ୍ତ ପ୍ରସ୍ତୁତିର ସମୀକ୍ଷା ଓ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଯେ ବାରବାଟୀରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଖେଳାଯିବା ନିଶ୍ଚିତ ଭାବେ ଆମ ପାଇଁ ସୌଭାଗ୍ୟର ବିଷୟ। ଓସିଏର ସମସ୍ତ କର୍ମକର୍ତ୍ତା ଓ ଟିମ୍, ଜିଲ୍ଲା ପ୍ରଶାସନ, ରାଜ୍ୟ ପ୍ରଶାସନ ବିଶେଷକରି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ମ୍ୟାଚ୍‌ର ଶୃଙ୍ଖଳିତ ଆୟୋଜନ କରିବା ନିଶ୍ଚିତ ଭାବେ ଆମ ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ। ଏହା ଆମ ସମସ୍ତଙ୍କ ପାଇଁ ପାଇଁ ସମ୍ମାନର କଥା। ପୂରା ଟିମ୍ ଏଥିପାଇଁ ପରିଶ୍ରମ କରୁଛନ୍ତି। ଦୁଇ ବର୍ଷ ପରେ ଆମ ପାଖକୁ ଏହି ସୁଯୋଗ ଆସିଛି। ଏହି ମ୍ୟାଚ୍ ସଫଳତାର ସହ ଆୟୋଜିତ ହେବ। ଆମ ସଫଳତା କେବଳ ଦେଶକୁ ନୁହେଁ, ବରଂ ସମଗ୍ର ବିଶ୍ୱକୁ ଖୁସି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ଅନୁଗୋଳ ବିଧାୟକ ତଥା ଓସିଏର ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟବ୍ରତ ରାଉତ ବିଧାନସଭାର ନୂଆ ସଚିବ



**ଭୁବନେଶ୍ୱର,୩୧।୧ (ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର ସଚିବ ଭାବେ ଆଇଏଏସ୍ ସତ୍ୟବ୍ରତ ରାଉତଙ୍କୁ ନିଯୁକ୍ତି ମିଳିଛି । ସେ ବିଧାନସଭା ସଚିବ ତଥା ଓଏସଡି ଦାଶରଥୀ ଶତପଥୀଙ୍କ ସ୍ଥାନରେ ସଚିବ ଭାବେ କାର୍ଯ୍ୟ କରିବେ । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୧୩ ବ୍ୟାଚ୍ ଆଇଏଏସ୍ ସତ୍ୟବ୍ରତ ରାଉତଙ୍କୁ ଓଡ଼ିଶା ବିଧାନସଭାର ସଚିବ ଭାବେ ବଦଳି କରାଯାଇଛି । ଶ୍ରୀ ରାଉତ ଏବେ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଅଛନ୍ତି । ଜଗତସିଂହପୁର ଜିଲ୍ଲାର ମଧଶାସନଠାରେ ଶ୍ରୀ ରାଉତଙ୍କର ଦୀର୍ଘବର୍ଷର ପ୍ରଶାସନିକ ଅଭିଜ୍ଞତା ରହିଛି । ଶ୍ରୀ ରାଉତ ବିଜେଡି-ବିଜେପି ସରକାରରେ ପୂର୍ବତନ ଆଇନମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଓଏସଡି ଓ ବ୍ୟକ୍ତିଗତ ସଚିବ ଭାବେ ମଧ କାର୍ଯ୍ୟ କରିଥିଲେ। ସେ ଅର୍ଥ ବିଭାଗରେ ଦୀର୍ଘବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ । ସେ ଗତବର୍ଷ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ହୋଇଥିଲେ । ସେ ବିଶିଷ୍ଟ ଶିକ୍ଷାବିତ୍ ତଥା ରାଜନୀତି ବିଜ୍ଞାନର ପ୍ରଫେସର ସ୍ୱର୍ଗତ ବିସି ରାଉତଙ୍କ ବଡ଼ପୁଅ । ସୂଚନାଯୋଗ୍ୟ,ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଅବସରପ୍ରାପ୍ତ ଅଫିସରଙ୍କ କାର୍ଯ୍ୟକାଳ ବୃଦ୍ଧି ଉପରେ ଏକପ୍ରକାର କଟକଣା ଲାଗିଛି। ତେଣୁ ୨୦୨୨ ଜାନୁୟାରୀରୁ ସରକାରୀ ଚାକିରିରୁ ଅବସର ନେବାପରେ ମଧ ଦାଶରଥୀ ଶତପଥୀ ବିଧାନସଭା ସଚିବ ପଦ ବଜାୟ ରଖିଥିଲେ । ବିଜେଡି ସରକାର ତାଙ୍କର କାର୍ଯ୍ୟକାଳକୁ ଦୁଇଥର ସମ୍ପ୍ରସାରଣ କରିଥିଲେ, ଯାହାକି ୨୦୨୫ ଜାନୁୟାରୀ ୩୧ତାରିଖ ଅର୍ଥାତ୍ ଆଜି ଶେଷ ହେଉଛି । ବିଜେପି ସରକାର ତାଙ୍କର କାର୍ଯ୍ୟକାଳ ସମ୍ପ୍ରସାରଣ ନକରି ନୂଆ ସଚିବ ଭାବେ ଶ୍ରୀ ରାଉତଙ୍କୁ ଅବସ୍ଥାପିତ କରିଛନ୍ତି ।

## ନିର୍ବାଚନୀ ଅନିୟମିତତା ମାମଲାରେ ଉପମୁଖ୍ୟମନ୍ତ୍ରୀଙ୍କୁ ଜରିମାନା

**କଟକର,୩୧।୧(ସଂଚାର ବ୍ୟୁରୋ):** ୨୦୨୪ ନିର୍ବାଚନରେ ଅନିୟମିତତା ଅଭିଯୋଗ ନେଇ ରୁଜୁ ମାମଲାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ହାଇକୋର୍ଟ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଜବାବ ଦାଖଲ ପାଇଁ ତାରିଖ ଗଡ଼ାଇ ଚାଲିବା, ନିର୍ଦ୍ଧାରିତ ସମୟରେ ଜବାବ ଦାଖଲ ନ କରିବା ସହ ଅଧିକ ସମୟ ଚାହିଁବାରୁ ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ୨ ହଜାର ଟଙ୍କା ଜରିମାନା କରି ତାଙ୍କ ଜବାବ ଗ୍ରହଣ ନିମନ୍ତେ ଆବେଦନକୁ ଅନୁମତି ପ୍ରଦାନ କରିଛନ୍ତି। ଉକ୍ତ ଜରିମାନା ଅର୍ଥ ହାଇକୋର୍ଟ ବାର୍ ଆସୋସିଏଶନ କଲ୍ୟାଣପାଣ୍ଠିରେ ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ପୂର୍ବତନ କୁଳପତିଙ୍କୁ ହତ୍ୟା ଘଟଣା

## ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ

**ଝାରସୁଗୁଡା,୩୧।୧(ସଂଚାର ବ୍ୟୁରୋ):** ପୂର୍ବତନ କୁଳପତି ଧ୍ରୁବରାଜ ନାଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ପ୍ରବୀର ଧୁରୁଆକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ ଝାରସୁଗୁଡା ଏଡିଜେ କୋର୍ଟ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଧ୍ରୁବରାଜ ନାଏକଙ୍କୁ ଗତ ୨୦୨୧ ମସିହା ଜୁନ୍ ମାସ ୨୧ ତାରିଖରେ ଅଭିଯୁକ୍ତ ପ୍ରବୀର ଧୁରୁଆଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା ।

## ପାଉଁଶ ବ୍ୟବସାୟକୁ ନେଇ ଯୁବକଙ୍କୁ ଗୁଳିମାଡ଼

**ସୁନ୍ଦରଗଡ଼,୩୧।୧(ସଂଚାର ବ୍ୟୁରୋ):** ପାଉଁଶ ବ୍ୟବସାୟକୁ ନେଇ ଯୁବକଙ୍କୁ ଗୁଳିମାଡ଼ । ସୁନ୍ଦରଗଡ ଭଷ୍ମା ଥାନା ଡର୍ଲିପଲ୍ଲୀ ଗାଁରେ ଘଟିଛି ଏଭଳି ଗୁଳିକାଣ୍ଡ । ସୁରଜ ପଟେଲ ନାମକ ଜଣେ ଯୁବକ ଉପରକୁ ଗୁଳିମାଡ କରି ଦୁର୍ବୃତ୍ତ ଫେରାର ହୋଇଯାଇଛି। ସୂଚନାଯୋଗ୍ୟ ଯେ, ୫ରୁ ୭ଟି ବାଇକରେ ୧୦ ରୁ ୧୫ ଜଣ ଦୁର୍ବୃତ୍ତ ଆସି ମୁହଁରେ ଗାମୁଛା ଢାଙ୍କି ଯୁବକଙ୍କ ଉପରେ ଗୁଳିମାଡ଼ କରିଥିଲେ । ସୁରଜଙ୍କ ଅଣ୍ଟାରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ପ୍ରଥମେ ସୁନ୍ଦରଗଡ଼ ଏବଂ ପରେ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଲେଫ୍ରିପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ୧୫ ହଜାରରୁ କମ୍ ଦରମା ପାଉଥିବା ସରକାରୀ ଚାକିରିଆଙ୍କ କଟିବନି ରାସନ କାର୍ଡ





**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ୨୦ହଜାର ସରକାରୀ ଚାକିରିଆ ଫେରାଇଲେଣି ରାସନ କାର୍ଡ । ଏଭଳି ତଥ୍ୟ ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତ୍ର, କଣ୍ଟ୍ରାକ୍‌ଚୁଆଲ ଚାକିରି କରି ୧୧ରୁ ୧୨ହଜାର ଦରମା ପାଉଥିବା ସରକାରୀ ଚାକିରିଆଙ୍କର କଟିବ ନାହିଁ ରାସନ କାର୍ଡ । ସ୍ୱଳ୍ପ ବେତନ ଭୋଗୀ କମ୍ ଦରମା ପାଉଥିଲେ କାର୍ଡ ଫେରାଇବା ଆବଶ୍ୟକ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଏନ୍‌ଏଫଏସ୍ ନିୟମ ଅନୁସାରେ ଗ୍ରାମୀଣ ଅଞ୍ଚଳରେ ଯାହାର ୧୦ ହଜାର ରୋଜଗାର ଥିବ ସେମାନେ ଫେରାଇବେ ନାହିଁ ରାସନ କାର୍ଡ। ଯାହାର ୧୫ ହଜାର ଉପରେ ରୋଜଗାର ଥିବ ସେମାନେ ଫେରାଇବେ ରାସନ କାର୍ଡ। ଭଲ ଚାକିରି ବା ଭଲ ଦରମା ପାଉଥିବା କର୍ମଚାରୀ ଫେରାନ୍ତୁ ରାସନ କାର୍ଡ ବୋଲି ମନ୍ତ୍ରୀ ଅପିଲ୍ କରିଛନ୍ତି ।

ଦୁଇ ଦିନ ପୂର୍ବେ ୧୨ ହଜାର ସରକାରୀ ଚାକିରିଆ କାର୍ଡ ଫେରାଇଥିବା ବେଳେ ଆଜି ତାହା ୨୦ହଜାରରେ ପହଞ୍ଚିଲାଣି । କଣ୍ଟ୍ରାକ୍‌ଚୁଆଲ ଚାକିରି କରି ୧୧ରୁ ୧୨ହଜାର ଦରମା ପାଉଥିବା ସରକାରୀ ଚାକିରିଆଙ୍କର କଟିବ ନାହିଁ ରାସନ କାର୍ଡ । ସେମାନେ ରାସନ କାର୍ଡ ଫେରାଇବା ଆବଶ୍ୟକ ନାହିଁ । ସ୍ୱଳ୍ପ ବେତନ ଭୋଗୀ କମ୍ ଦରମା ପାଉଥିଲେ କାର୍ଡ ଫେରାଇବା ଆବଶ୍ୟକ ନାହିଁ। ଏନ୍‌ଏଫଏସ୍ ନିୟମ ଅନୁସାରେ ଗ୍ରାମୀଣ ଅଞ୍ଚଳରେ ଯାହାର ୧୦ ହଜାର ରୋଜଗାର ଥିବ ସେମାନେ ଫେରାଇବେ ନାହିଁ ରାସନ କାର୍ଡ। ଯାହାର ୧୫ ହଜାର ଉପରେ ରୋଜଗାର ଥିବ ସେମାନେ ଫେରାଇବେ ରାସନ କାର୍ଡ । ସବୁ ଜିଲ୍ଲାରୁ କାର୍ଡ ଫେରାଉଛନ୍ତି ଏବେ ବି ଫେରାଉଛନ୍ତି। ଯେଉଁମାନେ ଭଲ ଚାକିରି କରିଛନ୍ତି ସେମାନେ ଫେରାଇଦେବା ଉଚିତ । ବଡ଼ ବଡ଼ ଚାକିରିଆ କାର୍ଡ ନେଇଥିଲେ ଆମ କଥା ମାନିକି ଫେରାଇଦେଲେଣି। ଯେଉଁମାନେ ଫେରାଇବେ ନାହିଁ ପଛରେ ଧରାପଡିବେ ଆକ୍ସନ ନେବୁ ବୋଲି ମନ୍ତ୍ରୀ କହିଛନ୍ତି । ଆସନ୍ତା ଫେବୃଆରୀ ପର୍ଯ୍ୟନ୍ତ କେୱାଇସି ହେବ । ଏହାପରେ ନୂତନ କାର୍ଡ ଦେବୁ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

# ଖଣିଜ ସମ୍ପଦ ଜିଲ୍ଲାର ହୋଇପାରିନି ବିକାଶ

**ଭୁବନେଶ୍ୱର,୩୧।୧(ତଥ୍ୟ):** ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଖାପାଖି ୨୦ ପ୍ରକାରର ଖଣିଜ ପଦାର୍ଥ ମହଜୁଦ ରହିଛି । ଏଥିରୁ ଅନେକ ଖଣିଜ ସମ୍ପଦ ଉତ୍ତୋଳନ ଚାଲିଛି । ତେବେ ଖଣିଜ ସମ୍ପଦରେ ଭରପୂର ଜିଲ୍ଲାଗୁଡିକର ସାମାଜିକ, ଆର୍ଥିକ ଓ ମାନବସମ୍ବଳର ବିକାଶ ଯେପରି ହେବାକଥା ତାହା ହୋଇପାରୁନାହିଁ ।

ସରକାରୀ ତଥ୍ୟ ମୁତାବକ କେନ୍ଦୁଝର, ସୁନ୍ଦରଗଡ, ମୟୁରଭଞ୍ଜ, ଯାଜପୁର ଓ ନବରଙ୍ଗପୁର ଜିଲ୍ଲାରେ ବିପୁଳ ପରିମାଣର ଲୁହାପଥର ମହଜୁଦ ରହିଛି । ଏହିସବୁ ଜିଲ୍ଲାରେ ଦୀର୍ଘବର୍ଷ ଧରି ଖଣିଜ ଉତ୍ତୋଳନ ବି ଚାଲିଛି । ସେହିଭଳି ଢେଙ୍କାନାଳ, ବଲାଙ୍ଗିର, ରାୟଗଡା, କଳାହାଣ୍ଡି, ବୌଦ, କନ୍ଧମାଳ, ବରଗଡ ଓ ଦେବଗଡ ଜିଲ୍ଲାରେ ଗ୍ରାଫାଇଟ୍ ମହଜୁଦ ରହିଛି । କେନ୍ଦୁଝର, ଯାଜପୁର, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାରେ ମଧ ପ୍ରଚୁର ପରିମାଣର କ୍ରୋମାଇଟ୍ ରହିଛି । ସରକାରୀ ତଥ୍ୟ ମୁତାବକ ସୁନ୍ଦରଗଡ, କେନ୍ଦୁଝର, ବଲାଙ୍ଗିର, ବରଗଡ, କୋରାପୁଟ, ରାୟଗଡା, କଳାହାଣ୍ଡି ଓ ମାଲକାନଗିରି ଜିଲ୍ଲାରେ ଅମାପ ବକ୍ସାଇଟ୍ ମହଜୁଦ ଥିବାବେଳେ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ ଓ ଦେବଗଡ ଜିଲ୍ଲାରେ ଧରିତ୍ରୀ ମାତାର କୋଳରେ ପ୍ରଚୁର କୃଷ୍ଣ ହୀରକ ବୋଲି କୁହାଯାଉଥିବା କୋଇଲା ମହଜୁଦ ଅଛି ।ସମ୍ବଲପୁର, ରାୟଗଡା, କୋରାପୁଟ, ବଲାଙ୍ଗିର, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ଉନ୍ନତମାନର ମାଙ୍ଗାନିଜ ମହଜୁଦ ଥିବାବେଳେ କେନ୍ଦୁଝର ଜିଲ୍ଲାରେ ଟ୍ରଫିଲାଇଟ୍ ଓ ସୁନା ଥିବା ମଧ ଜଣାପଡିଛି। ଏହାଛଡା ଢେଙ୍କାନାଳ, ଯାଜପୁର, ନବରଙ୍ଗପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, ସୁନ୍ଦରଗଡ, ମୟୁରଭଞ୍ଜ, ସମ୍ବଲପୁର, କୋରାପୁଟ, ନବରଙ୍ଗପୁର, ବଲାଙ୍ଗିର, ବୌଦ, ଅନୁଗୁଳ, ରାୟଗଡା ଆଦି ଜିଲ୍ଲାରେ ମୂଲ୍ୟବାନ ରତ୍ନପଥରର ବିପୁଳ ସମ୍ଭାର ରହିଛି । ଓଡ଼ିଶାର ସୁନ୍ଦରଗଡ, ବଲାଙ୍ଗିର, କୋରାପୁଟ, ମାଲକାନଗିରି, ନୂଆପଡା, ସମ୍ବଲପୁର ଓ ବରଗଡ ଜିଲ୍ଲାରେ ବିପୁଳ ପରିମାଣର ଚୂନପଥର ଖଣି ମଧ ଅଛି । ସରକାରୀ ତଥ୍ୟ ମୁତାବକ ବାଲେଶ୍ୱର, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବିରଳ ମୃତ୍ତିକା ମଧ ଭରିହୋଇ ରହିଛି । ଏହାଛଡା ଅଧିକାଂଶ ଜିଲ୍ଲାରେ ପଥର କାରିଗରି ଶିଳ୍ପପାଇଁ ବି ଉନ୍ନତମାନର ପଥର ଖଣିମାନ ଅଛି । ସୁନ୍ଦରଗଡ, ମୟୁରଭଞ୍ଜ ଓ ଦେବଗଡ ଜିଲ୍ଲାରେ ବେସ୍‌ମେଟାଲ ଭରିହୋଇ ରହିଛି । ଏବେକାର ତଥ୍ୟ ମୁତାବକ ନୟାଗଡ ଜିଲ୍ଲାରେ ଲିଥିୟମ ଥିବାର ଖବର ମିଳିଛି । ଏହାଛଡା ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପ୍ରାକୃତି ଗ୍ୟାସ ଓ ଖଣିଜ ତୈଳ ମିଳିବାର ସମ୍ଭବନା ଥିବାରୁ ଦଶନ୍ଧି ଦଶନ୍ଧି ଧରି ଏହାର ଅନୁଧ୍ୟାନ ମଧ ଚାଲିଛି । ରାଜ୍ୟରେ ବିପୁଳ ପରିମାଣର ଖଣିଜ ସମ୍ପଦ ରହିଥିବାରୁ ଏଠାରେ ଖଣିଜ ବ୍ୟବସାୟ ଓ ଖଣିଜ ଶିଳ୍ପପାଇଁ ଉଦ୍ୟୋଗୀମାନେ ଆଗ୍ରହ ପ୍ରକାଶ କରିଆସୁଛନ୍ତି । ତେବେ ଯେଉଁସବୁ ଜିଲ୍ଲାରେ ବିପୁଳ ଖଣିଜ ସମ୍ପଦ ସହ ଶିଳ୍ପାନୁଷ୍ଠାନମାନ ଗଢି ଉଠିଛି ସେଠାକାର ମୂଳ ଅଧିବାସୀମାନଙ୍କ ଜୀବନ ଜୀବିକା କ୍ଷେତ୍ରରେ ବିଶେଷ ଉନ୍ନତି ପରିଲକ୍ଷିତ ହେଉନାହିଁ ।

ଅନ୍ୟ ପକ୍ଷରେ ଖଣିଜ ସମ୍ପଦର ଚୋରା ଚାଲାଣ କରି ବହୁ ମାଫିଆ ଗୋଷ୍ଠି ବିପୁଳ ସମ୍ପତ୍ତି ଠୁଳ କରିବାରେ ଲାଗିଛନ୍ତି। ଓଡ଼ିଶା ବାହାରର ବହୁ ବ୍ୟକ୍ତିବିଶେଷ ଓ ସଂସ୍ଥା ଏହି ଖଣିଜ ସମ୍ପଦରୁ ମୁନାଫା ଉଠାଉଥିବାବେଳେ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣର କଷ୍ଟ ଏବଂ ତଦ୍‌ଜନିତ ରୋଗବ୍ୟାଧି ଲୋକେ ଭୋଗୁଛନ୍ତି । ଶାହା କମିଶନଙ୍କ ତଦନ୍ତ ମୁତାବକ ବର୍ଷ ବର୍ଷ ଧରି ଓଡ଼ିଶାରେ ଖଣି ଲୁଟ୍ ଚାଲିଛି ଏବଂ ଏ ବାବଦରେ ୬୯ହଜାର କୋଟି ଟଙ୍କା ଆଦାୟ କରିବାପାଇଁ ଉଦ୍ୟମ ହୋଇଥିଲେ ମଧ ତାହା ବିଶେଷ ସଫଳ ହୋଇନାହିଁ ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଫେବୃଆରୀ ୧ ଅର୍ଥାତ୍ ଶନିବାର ଉପସ୍ଥାପନ ହେବ କେନ୍ଦ୍ର ବଜେଟ୍ । ବଜେଟ୍ ପୂର୍ବରୁ ବଢ଼ିଛି ସୁନା ଦାମ୍ । ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୭ ହଜାର ୩୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୪ ହଜାର ୩୩୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୭, ୩୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୪ ,୩୩୦ ଟଙ୍କା ରହିଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୭,୩୦୦ ଟଙ୍କା ଓ ୮୪,୩୩୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୭, ୪୫୦ ଟଙ୍କା ଓ ୮୪, ୪୮୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୭,୩୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୪, ୩୩୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୭,୩୦୦ ଟଙ୍କା ଓ ୮୪,୩୩୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୯,୫୦୦ ହଜାର ଟଙ୍କା ହୋଇଛି ।

# କେନ୍ଦ୍ରୀୟ ବଜେଟ ଉପରେ ଟିକସଦାତାଙ୍କ ନଜର

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ୨୦୨୫ ଫେବୁଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏହି ବଜେଟ ଉପରେ ସମଗ୍ର ଦେଶର ନଜର ରହିଥିବାବେଳେ କରଦାତାମାନେ ଅନେକ ଆଶା ବାନ୍ଧିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରୁ ସରକାର ନୂତନ ଟିକସ ବ୍ୟବସ୍ଥାକୁ ଡିଫଲ୍ଟ ଟ୍ୟାକ୍ସ ବ୍ୟବସ୍ଥା କରିଥିଲେ। ଏ ପର୍ଯ୍ୟନ୍ତ ପ୍ରାୟ ୭୨% ଟିକସଦାତା ନୂତନ ଆୟକର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ୨୦୨୪-୨୫ ପାଇଁ ମୋଟ ୭.୨୮ କୋଟି ଆଇଟିଆର ମଧ୍ୟରୁ ୫.୨୭ କୋଟି ଆଇଟିଆର ନୂତନ ବ୍ୟବସ୍ଥା ଅଧୀନରେ ଦାଖଲ କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରୁ ବେତନ ଆୟ ଉପରେ ୫୦,୦୦୦ରୁ ୭୫,୦୦୦ ଟଙ୍କାକୁ ବୃଦ୍ଧିକରି ଏହି ପରିବର୍ତ୍ତନକୁ ଅଧିକ ଉତ୍ସାହିତ କରାଯାଇଥିଲା। ମାତ୍ର ଟିକସଦାତାମାନେ ନୂତନ ଏବଂ ପୁରୁଣା ବ୍ୟବସ୍ଥାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଏବଂ ଏଥିରେ କିଛି ପରିବର୍ତ୍ତନ ଚାହୁଁଛନ୍ତି। ପୁରୁଣା ଟିକସ ବ୍ୟବସ୍ଥାରେ ଗତ ୧୦ ବର୍ଷ ମଧ୍ୟରେ କୌଣସି ବିଶେଷ ପରିବର୍ତ୍ତନ ହୋଇନାହିଁ। ତେଣୁ ଏହି ବ୍ୟବସ୍ଥାରେ ଟିକସଦାତା ଅନେକ ପରିବର୍ତ୍ତନ ହେବ ବୋଲି ଚିନ୍ତା କରୁଛନ୍ତି। ଯେହେତୁ ସରକାର ନୂତନ ଟିକସ ବ୍ୟବସ୍ଥା ଲାଗୁ କରିଛନ୍ତି, ଏହାର ଉନ୍ନତି ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଇଛି। ଏଥିରୁ ଜଣାପଡୁଛି, ସରକାର ନୂତନ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଉଛନ୍ତ। ଫଳରେ ଲୋକମାନେ ଅଧିକରୁ ଅଧିକ ସରଳ ଟିକସ ବ୍ୟବସ୍ଥା



ଆଡ଼କୁ ଯାଇପାରିବେ। ବଜେଟ ୨୦୨୫ରୁ ସେମାନଙ୍କର ପ୍ରଥମ ଆଶା ହେଉଛି ପୁରୁଣା ଟିକସ ବ୍ୟବସ୍ଥାରେ ଉପଲବ୍ଧ ୮୦ସି ଟିକସ ଛାଡ଼ ସୀମାକୁ ୧.୫ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା। ଏହା ବ୍ୟତୀତ ସ୍ୱାସ୍ଥ୍ୟ ବୀମା ଉପରେ ଧାରା ୮୦ସି ଅନୁଯାୟୀ ଉପଲବ୍ଧ ୨୫ ହଜାର ଟଙ୍କା ରିହାତିକୁ ୪୦ ହଜାର ଟଙ୍କା (ବରିଷ୍ଠ ନାଗରିକଙ୍କ ପାଇଁ ୫୦ ହଜାରରୁ ୭୫ ହଜାର ଟଙ୍କା)କୁ ବୃଦ୍ଧି କରିବାକୁ ଦାବି ରହିଛି। ଟିକସଦାତାମାନେ ଆଶା କରୁଛନ୍ତି, ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ବର୍ତ୍ତମାନର ୨୦% ଟିକସ ୧୫%କୁ ହ୍ରାସ ପାଇବ ଏବଂ ୧୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଛାଡ଼ ୩୦%ରୁ ୨୦%କୁ ହ୍ରାସ ପାଇବ। ସେହିଭଳି ବାର୍ଷିକ ଆୟ ୨୦ ଲକ୍ଷରୁ ଅଧିକ ଆୟ ଉପରେ ୩୦% ଟିକସ ଲାଗୁ କରିବାକୁ ଦାବି ରହିଛି। ଏହା ମଧ୍ୟବିତ୍ତ ତଥା ବେତନପ୍ରାପ୍ତ କରଦାତାଙ୍କୁ ଯଥେଷ୍ଟ ଆଶ୍ୱସ୍ତି ପ୍ରଦାନ କରିପାରିବ। ଏହା ଗ୍ରାହକଙ୍କ ଖର୍ଚ୍ଚରେ ବୃଦ୍ଧି ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଟିକସଦାତାଙ୍କ ମଧ୍ୟ ଆଶା ରହିଛି, ଏହି ବଜେଟରେ ସରକାର ପୁରୁଣା ଟିକସ ବ୍ୟବସ୍ଥାରେ ୭୫ ହଜାର ଟଙ୍କା ଷ୍ଟାଣ୍ଡାର୍ଡ ରିହାତିକୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଉଚିତ। ଏହା ଅତ୍ୟାବଶ୍ୟକ ବୃତ୍ତିଗତ ଖର୍ଚ୍ଚକୁ ଧ୍ୟାନରେ ରଖିବାକୁ ଅନୁମତି ଦେଇଥାଏ। କାରଣ ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଟିକସ ଛାଡ଼ ଅନ୍ୟଥା ଉପଲବ୍ଧ ନୁହେଁ। ତେଣୁ ସମସ୍ତ ଟିକସଦାତା ମାନକ ରିହାତି ବୃଦ୍ଧି ଦ୍ୱାରା ଉପକୃତ ହୋଇପାରିବେ। ପୁରୁଣା ଟିକସ ବ୍ୟବସ୍ଥା ଅନୁଯାୟୀ, ଗୃହଋଣ ସୁଧ ଉପରେ ବାର୍ଷିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଥିବାବେଳେ ଏହି ବ୍ୟବସ୍ଥାକୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି ରହିଛି। ସମ୍ପ୍ରତି ଗୃହଋଣର ମୂଳ ପରିମାଣ ଉପରେ ଧାରା ୮୦ସି ଅନୁଯାୟୀ ୧.୫ ଲକ୍ଷ ଟଙ୍କା ରିହାତି ମଧ୍ୟ ଦିଆଯାଇଛି। ଏହିପରି ସୁଧ ଉପରେ ରିହାତି ବୃଦ୍ଧିକରି ମୋଟ ଛାଡ଼ ପରିସର ୪.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ। ପୁରୁଣା ଟିକସ ବ୍ୟବସ୍ଥା ଅନୁଯାୟୀ ୨.୫ ଲକ୍ଷ ଟଙ୍କା ସିଧାସଳଖ ଟିକସ ଛାଡ଼ ଦିଆଯାଉଛି, ଅର୍ଥାତ୍ ବାର୍ଷିକ ୨.୫ ଲକ୍ଷ ଟଙ୍କା ରୋଜଗାର ଉପରେ କୌଣସି ଟିକସ ନାହିଁ। ଏହି ପ୍ରତ୍ୟକ୍ଷ ଟିକସ ଛାଡ଼କୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି ରହିଛି। ଯଦି ଏହା ଘଟେ ତେବେ ଜଣଙ୍କର ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଉପରେ ଆଦୌ ଟିକସ ଦେବାକୁ ପଡ଼ିବ ନାହିଁ।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

## ଉତ୍କର୍ଷ ଓଡ଼ିଶାରେ ବିଓବିର ସର୍ବବୃହତ୍ ଷ୍ଟଲ୍

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବହୁ ପ୍ରତୀକ୍ଷିତ ନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ ଏହି ୪ ଦିନିଆ ନିବେଶ ମହାକୁମ୍ଭରେ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ଏକ ସର୍ବବୃହତ୍ ଷ୍ଟଲ୍ ସମ୍ମିଳନୀ ପରିସରରେ କରାଯାଇଥିଲା। ଏହା ଜରିଆରେ ବ୍ୟାଙ୍କର ବିଭିନ୍ନ ସେବା, ସୁବିଧା ଓ ଯୋଜନାଗୁଡ଼ିକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ସେହିଭଳି ଅତ୍ୟାଧୁନିକ ଏମ୍‌ଏସ୍‌ଏମ୍‌ଇ ଉପତ୍ପାଦଗୁଡ଼ିକୁ ଏହି ଅବସରରେ ପ୍ରଦର୍ଶନ କରାଇ ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇ ଓ କର୍ପୋରେଟ୍ ଗ୍ରାହକମାନଙ୍କର ବିଭିନ୍ନ ଆବଶ୍ୟକତା ପୂରଣକରିବା ବିଓବିର ମୂଳଲକ୍ଷ୍ୟ ଥିଲା। ଯାହା ଏମ୍‌ଏସ୍‌ଏମ୍‌ଇ ଏବଂ କରେଣ୍ଟ ଆକାଉଣ୍ଟ ସେଗ୍‌ମେଣ୍ଟ ଅଧୀନରେ ଏନ୍‌ଟିବି (ନ୍ୟୁ ଟୁ ବ୍ୟାଙ୍କ) ଲିଡ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା ସୃଷ୍ଟି କରି ସଫଳ ହୋଇଛି। ଏହି ପରିପ୍ରେକ୍ଷୀରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ବିଓବିର ଭୁବନେଶ୍ୱର ଅଞ୍ଚଳ ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ, ଉପ ମହାପ୍ରବନ୍ଧକ (ବ୍ୟବସାୟ ବିକାଶ) ଏସ୍.ପି.ନାୟକ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ ମୁଖ୍ୟ ଭିଏମ୍‌ଏନ୍‌ଏସ୍ ସାଇବାବୁ ପ୍ରମୁଖ ଉପସ୍ଥିତ ଥିଲେ।




## ଆଜିଠୁ ୟୁପିଆଇ ପାଇଁ ନୂଆ ନିୟମ

**ନୂଆଦିଲ୍ଲୀ,୩୧।୧:** ଭାରତରେ ଅନେକ ଲୋକ ପେଟିଆମ୍, ଫୋନ୍‌ପେ ଏବଂ ଗୁଗୁଲ୍ ପେ ସାହାଯ୍ୟରେ ୟୁପିଆଇ ବ୍ୟବହାର କରିଥାନ୍ତି। ଫେବୃଆରୀ ୧ ରୁ ୟୁପିଆଇ (ୟୁନିଫଏଡ ପେମେଣ୍ଟ ସିଷ୍ଟମ) ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ନ୍ୟାଶନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ(ଏନ୍‌ପିସିଆଇ) ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରିସାରିଛି। ଏଥିରେ ବଦଳିବାକୁ ଯାଉଥିବା ଅନିୟମ ବିଷୟରେ କୁହାଯାଇଛି। ଏନ୍‌ପିସିଆଇ କହିଛି ଯେ, ଏହି ପରିବର୍ତ୍ତନ କିଛି ୟୁପିଆଇ ୟୁଜର୍ସଙ୍କ ଉପରେ ପ୍ରଭାବ ପକାଇବ। ଏନପିସିଆଇ ୟୁପିଆଇ ଟ୍ରାନଜାକ୍ସନ ଆଇଡି କରିବାର ପ୍ରକ୍ରିୟାକୁ ଷ୍ଟାଣ୍ଡାଡାଇଜ କରିବାକୁ ଘୋଷଣା କରିଛି। ଏନ୍‌ପିସିଆଇ କହିଛି ଯେ, ଯେଉଁ ୟୁଜର ମାନଙ୍କ ୟୁପିଆଇ ଆଇଡିରେ ସ୍ପେଶାଲ ଅକ୍ଷର ରହିଛି, ସେମାନଙ୍କ ପେମେଣ୍ଟ ସ୍ୱୀକାର କରାଯିବ ନାହିଁ। ଏନ୍‌ପିସିଆଇ ଦ୍ୱାରା ଶେୟାର କରାଯାଇଥିବା ସୂଚନା ଅନୁଯାୟୀ ୟୁଜର୍ସ କେବଳ ଆଲଫାନ୍ୟୁମରିକ ସଂଖ୍ୟା ମାଧ୍ୟମରେ ପ୍ରସ୍ତୁତ ହୋଇଥିବା ଆଡି ରୁ ଟ୍ରାନଜାକ୍ସନ କରିପାରିବେ। ଯେଉଁମାନେ ଆଲଫାନ୍ୟୁମରିକ ଅକ୍ଷର ବ୍ୟବହାର କରୁ ନ ଥିବେ, ସେମାନଙ୍କର ଆଡି ବ୍ଲକ୍ ହୋଇଯିବ। ଏନ୍‌ପିସିଆଇ ଏନ୍‌ପିସିଆଇର ନୂଆ ଗାଇଡଲାଇନ ଅନୁଯାୟୀ ୧ ଫେବୃଆରୀ ୨୦୨୫ ରୁ ଲାଗି ହେବ। ଏନପିସିଆଇ ୟୁପିଆଇ ଅପରେଟରଙ୍କୁ ସ୍ପଷ୍ଟ କରିଦେଇଛି କି ସେମାନେ ୟୁପିଆଇ ଟ୍ରାନଜାକ୍ସନ ପାଇଁ ଆଲଫାନ୍ୟୁମରିକ ଅକ୍ଷର ବ୍ୟବହାର କରିବେ। ଆଲଫାନ୍ୟୁମରିକ ଅକ୍ଷର ବ୍ୟବହାର ନ କଲେ ସିଷ୍ଟମ କୌଣସି ୟୁପିଆଇ ଟ୍ରାନଜାକ୍ସନକୁ ଅନୁମତି ଦେବ ନାହିଁ। ଏହି ନିୟମକୁ ପାଳନ କରିବାର ଦାୟିତ୍ୱ ପେମେଣ୍ଟ ଆପ୍ ଉପରେ ରହିବ। ପୂର୍ବରୁ ମଧ୍ୟ ଏନ୍‌ପିସିଆଇ ପକ୍ଷରୁ ୟୁପିଆଇ ଟ୍ରାନଜାକ୍ସନ ଆଡି ପାଇଁ ସ୍ପେଶାଲ ଅକ୍ଷର ବଦଳରେ ଆଲଫାନ୍ୟୁମରିକ ଅକ୍ଷର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ତେବେ ୟୁପିଆଇ ଏହି ନିୟମ ସାଧାରଣ ଲୋକଙ୍କ ପାଇଁ ନୁହେଁ, ଏହା ୟୁପିଆଇ ସର୍ଭିସ ଯୋଗାଉଥିବା ଆପ୍ ବା ଫାର୍ମ ଗୁଡିକ ପାଇଁ ରହିଛି।




## ଗଣତନ୍ତ୍ର ଦିବସ ପରେଡ୍‌ରେ ୟୁପି ପ୍ରଥମ



**ନୂଆଦିଲ୍ଲୀ,୩୧।୧:** ଚଳିତ ବର୍ଷର ଗଣତନ୍ତ୍ର ଦିବସ ପରେଡ୍‌ରେ ଉତ୍ତର ପ୍ରଦେଶ (ୟୁପି) ପ୍ରଥମ ସ୍ଥାନ ଅଧିକାର କରିଛି। ନୂଆଦିଲ୍ଲୀର ଜାତୀୟ ଥିଏଟରଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ୟୁପି ଟେବୁଲକୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ୟୁପି ସରକାରଙ୍କ ବରିଷ୍ଠ ଅଧିକାରୀ ଓ ପ୍ରତିନିଧି ଯୋଗଦେଇ ଅତିଥିଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

## ଜେଏସ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୩୧।୧:** ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏପରିକି ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ତୃତୀୟ ତ୍ରୈମାସିକ ପାଇଁ କମ୍ପାନୀର ମୋଟ ଏକକ ରେଭେନ୍ୟୁ ବାର୍ଷିକ ୧୦.୮% ଅଭିବୃଦ୍ଧି ସହ ୧୦,୦୬୬ କୋଟି ଟଙ୍କା ରହିଛି। ଷ୍ଟାଣ୍ଡ ଆଲୋନ ଏବିଡଟା ୧୦୦୩ କୋଟି ଟଙ୍କା ରହିଥିବାବେଳେ ଟିକସ ପରବର୍ତ୍ତୀ ଲାଭ ୬୧୯ କୋଟି ଟଙ୍କା ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ ୩,୩୪୪ କୋଟି ଟଙ୍କା ରେକର୍ଡ କରାଯାଇଥିବାବେଳେ ମୋଟ ଋଣ-ଇକ୍ୟୁଟି ଅନୁପାତ ୦.୨ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ ଓ ଏବିଡଟା ଅନୁପାତ ୯ ରହିଛି। ଏହି ଅବଧିରେ ଏକୀକୃତ ମୋଟ ଆୟ ୯୯୦୭ କୋଟି ଟଙ୍କାରେ ପହଞ୍ଚିଛି। ଏକୀକୃତ ଏବିଡଟା ଏବଂ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୧୨୦୮ କୋଟି ଟଙ୍କା ଏବଂ ୬୫୪ କୋଟି ଟଙ୍କା ରହିଛି। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବର୍ତ୍ତମାନ ସମୟରେ ଭାରତୀୟ ଷ୍ଟିଲ୍ ଏବଂ ଷ୍ଟେନଲେସ ଷ୍ଟିଲ ଶିଳ୍ପରେ ବିଭିନ୍ନ ଦେଶରୁ କମ୍ ମୂଲ୍ୟରେ ଶସ୍ତା ନିମ୍ନ ମାନର ଉତ୍ପାଦ ଆମଦାନୀ ହେଉଛି। ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ପରିଗଣିତ ହେଉଥିବା ବେଳେ ଘରୋଇ ଶିଳ୍ପରେ ସରକାରୀ ପଦକ୍ଷେପର ଆବଶ୍ୟକତା ରହିଛି, ଯାହାଦ୍ୱାରା ନିମ୍ନମାନର ଉତ୍ପାଦ ଆମଦାନୀକୁ ରୋକାଯାଇପାରିବ ଏବଂ ବିଭିନ୍ନ ଏଫ୍‌ଟିଏ ଦେଶର ଗୁଣବତ୍ତା ନିୟମାବଳୀ ଅନୁପାଳନ ହୋଇପାରିବ।



## ବଜେଟ ପରେ ଲକ୍ଷେ ଟପିପାରେ ସୁନା ଦର: ସଞ୍ଜୟ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** କ୍ରମାଗତ ଭାବେ ସୁନା ଦର ବୃଦ୍ଧି ପାଉଛି। ଯଦି କେନ୍ଦ୍ର ସରକାର ୨୦୨୫ ବଜେଟରେ ସୀମା ଶୁଳ୍କ ବୃଦ୍ଧିକରନ୍ତି, ତେବେ ଘରୋଇ ଚାହିଦା ଏବଂ ବିଶ୍ୱ ବଜାରରେ ସୁନାର ମୂଲ୍ୟ ବଢ଼ିପାରେ ବୋଲି ଲାଲଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସ ମତବ୍ୟକ୍ତ କରିଛନ୍ତି। ଏପରିକି ଏହି ବର୍ଦ୍ଧିତ ମୂଲ୍ୟ ଦ୍ୱାରା ପ୍ରଭାବିତ ହୋଇ ଦେଶରେ ସୁନା ମୂଲ୍ୟ ଆକାଶ ଛୁଆଁ ହୋଇପାରେ ବୋଲି ସେ କହିଛନ୍ତି। ସେହିଭଳି ଶିଳ୍ପ ବିଶେଷଜ୍ଞଙ୍କ ମତରେ ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଏବଂ ସରକାରଙ୍କ ସୀମାଶୁଳ୍କ ଉପରେ ଘରୋଇ ବଜାରର ସୁନା ମୂଲ୍ୟ ନିର୍ଭର କରିଥାଏ। ୨୦୨୪ ବଜେଟରେ ସରକାର ସୁନା କ୍ରୟକୁ ପ୍ରୋତ୍ସାହିତ କରିବା ତଥା ବେଆଇନ ସୁନା ଆମଦାନୀକୁ ରୋକିବା ପାଇଁ ଆମଦାନୀ ଶୁଳ୍କ ୧୫%ରୁ ୬%କୁ ହ୍ରାସ କରିଥିଲେ। ଯଦି ସରକାର ବର୍ତ୍ତମାନ ଆମଦାନୀ ଶୁଳ୍କକୁ ସଂଶୋଧନ କରି ପୁଣି ଥରେ ୧୪% କିମ୍ବା ୧୫% କରନ୍ତି, ତେବେ ସୁନା ଦରରେ ଅହେତୁକ ବୃଦ୍ଧି ଘଟିବ।

## ଏଣିକି ଆଜି ରିଚାର୍ଜ କଲେ ୨୦୨୬ ଜାନୁଆରୀ ଯାଏ ସବୁ ଫ୍ରି

**ନୂଆଦିଲ୍ଲୀ,୩୧।୧:** ଆପଣଙ୍କୁ ବି ମାସକୁ ବାରମ୍ବାର ରିଚାର୍ଜକୁ କରିବା ନେଇ ଟେନଶନ ରହୁଛି କି? ଜିଓ ଆଣିଲା ଭଲ ବିକଳ୍ପ, ବର୍ଷେ ଯାଏଁ ରିଚାର୍ଜ କରିବାକୁ ପଡିବନି। କମ୍ପାନୀର ବର୍ତ୍ତମାନ ପ୍ରାୟ ୪୯ କୋଟି ଗ୍ରାହକଙ୍କ ଏକ ବୃହତ ୟୁଜର୍ ବେସ ଅଛି। ଏତେ ବଡ ୟୁଜର୍ ବେସ ପାଇଁ, ଜିଓ ବିଭିନ୍ନ ପ୍ରକାରର ଯୋଜନା ପ୍ରଦାନ କରେ। ଜିଓର ସମସ୍ତ ପ୍ରକାରର ଗ୍ରାହକ ଅଛନ୍ତି । ଏହି କାରଣରୁ ଉପଭୋକ୍ତାମାନଙ୍କ ସୁବିଧା ପାଇଁ ତାଲିକାରେ ବିଭିନ୍ନ ଅଫର ସହିତ କମ୍ପାନୀ ଯୋଜନା ଯୋଡିଛି। ଜିଓ ଗ୍ରାହକଙ୍କୁ କିଛି ବର୍ଷର ଯୋଜନା ମଧ୍ୟ ପ୍ରଦାନ କରେ ଯେଉଁଥିରେ ୩୬୫ ଦିନର ବୈଧତା ଏବଂ ମାଗଣା କଲିଂ ଉପଲବ୍ଧ। ଏହି ଯୋଜନାରେ କମ୍ପାନୀ ଗ୍ରାହକମାନଙ୍କୁ ୩୬୫ ଦିନର ବୈଧତା ଦେଉଛି। ଏହାର ଅର୍ଥ ହେଉଛି ଏହି ଯୋଜନା କିଣିବା ଦ୍ୱାରା, ଆପଣ ଏକ ବର୍ଷ ପାଇଁ ଜିଓ ର ଲାଭ ଉପଭୋଗ କରିବାକୁ ସକ୍ଷମ ହେବେ। ଜିଓର ଏହି ୩୬୫ ଦିନର ଯୋଜନା ବିଷୟରେ ସବୁଠାରୁ ବଡ ବିଶେଷ କଥା ହେଉଛି ମାଗଣା କଲିଂ ସହିତ ଗ୍ରାହକଙ୍କୁ ଅନେକ ହାଇ ସ୍ପିଡ ଡାଟା ମଧ୍ୟ ଦିଆଯାଉଛି। ଯୋଜନାରେ ଆପଣଙ୍କୁ ୯୧୨ଜିବି ରୁ ଅଧିକ ଇଣ୍ଟରନେଟ ଡାଟା ଦିଆଯାଇଛି। ଆପଣ ପ୍ରତିଦିନ ୨.୫ଜିବି ହାଇ ସ୍ପିଡ ଡାଟା ବ୍ୟବହାର କରିପାରିବେ।

# କେବଳ ଦେଢ଼ ଲକ୍ଷ ଟଙ୍କାରେ ସ୍ପୋର୍ଟ୍ସ ବାଇକ୍

**ନୂଆଦିଲ୍ଲୀ,୩୧।୧:** ବର୍ତ୍ତମାନ ସମୟରେ ବଜାରରେ ସ୍ପୋର୍ଟ୍ସ ବାଇକର ଡିମାଣ୍ଡ ବେସ୍ ଅଧିକ ରହିଛି । ଏହି କାରଣରୁ ବାଇକ ଲଭର୍ସମାନେ ସାଧାରଣ ବାଇକ୍ ବଦଳରେ ଆପାଚି ଏବଂ ପୋଲ୍‌ସର୍ ଭଳି ବାଇକ୍ କିଣିବାକୁ ପସନ୍ଦ କରନ୍ତି । ଏପରି ସ୍ଥିତିରେ ଯଦି ଆପଣ ଏକ ସ୍ପୋର୍ଟ୍ସ ବାଇକ୍ ଖୋଜୁଛନ୍ତି ଯାହା ଆପଣଙ୍କର ଦୈନନ୍ଦିନ ବ୍ୟବହାର ପାଇଁ ଉପଯୁକ୍ତ ହେବ, ତେବେ ଏଠାରେ ଆପଣଙ୍କୁ କିଛି ବାଇକର ଅପ୍ସନ ବିଷୟରେ କହିବୁ। ଏହି ବାଇକଗୁଡିକରେ ପାୱାରଫୁଲ୍ ଇଞ୍ଜିନ୍ ଏବଂ ସ୍ପୋର୍ଟ୍ସ ଲୁକ୍ ଥିବାରୁ ଅନେକ ଲୋକଙ୍କୁ ଆକର୍ଷିତ କରିଛି । ଏହା ସହିତ ଦୈନନ୍ଦିନ ବ୍ୟବହାର ପାଇଁ ବେଷ୍ଟ ହୋଇପାରିବ ବୋଲି କୁହାଯାଇଛି । ଅନେକ ଲୋକ ଭାବିଥାନ୍ତି ଯେ ସ୍ପୋର୍ଟ୍ସ ବାଇକର ପ୍ରାଇସ୍ ବହୁତ ଅଧିକ, କିନ୍ତୁ ବର୍ତ୍ତମାନ ତାହା ନୁହେଁ । ଏଠାରେ ଆପଣଙ୍କୁ କମ୍ ମୂଲ୍ୟରେ ଥିବା ସ୍ପୋର୍ଟ୍ସ ବାଇକ୍ ବିଷୟରେ କହିବୁ। ପ୍ରଥମ ସ୍ପୋର୍ଟ୍ସ ବାଇକ୍ ହେଉଛି- ଟିଭିଏସ୍ ଆପାଚି । ଟିଭିଏସ୍‌ର ଏହି ବାଇକର ଏକ୍ସ-ସୋରୁମ୍ ପ୍ରାଇସ୍ ୧ ଲକ୍ଷ ୨୬ ହଜାର ଟଙ୍କା ରହିଛି । ଏଥିରେ ୧୬ ସିସି ସିଙ୍ଗଲ-ସିଲିଣ୍ଡର ଇଞ୍ଜିନରେ ମିଳିଥାଏ, ଯାହା ୧୭.୪ ର ପାୱାର୍ ଏବଂ ୧୪.୭୩ ର ପିକ୍ ଟର୍କ ଜେନେରେଟ୍ କରିଥାଏ । ଟିଭିଏସ୍‌ର ଆପାଚିରେ ସେଗମେଣ୍ଟ-ଫାଷ୍ଟ ରାମ୍ ଏୟାର କୁଲିଂର ସୁବିଧା ମିଳିଥାଏ, ଯାହା ଇଞ୍ଜିନରୁ ବାହାରୁଥିବା ଉତ୍ତାପକୁ ପ୍ରାୟ ୧୦ ଡିଗ୍ରୀ କମ୍ କରିଥାଏ । ଅଏଲ-କୁଲିଂ ସହିତ ଏହି ବାଇକ୍ ଏଫ୍‌ଆଇ ରେ ୧୧୪ କିଲୋମିଟର ଏବଂ କାର୍ବ ଭ୍ୟାରିଆଣ୍ଟରେ ୧୧୩ କିଲୋମିଟର ସ୍ପିଡ ଦେଇପାରିବ। ସେକେଣ୍ଡ ବାଇକ୍ ହେଉଛିଏହାର ପ୍ରାରମ୍ଭିକ ମୂଲ୍ୟ ୧ ଲକ୍ଷ ୨୪ ହଜାର ଟଙ୍କା । ଏହି ବାଇକରେ ୧୬୦ ସିସି ଟୁଇନ୍ ସ୍ପାର୍କ୍ ରହିଛି । ସିଧାସଳଖ ଭାବେ ଟିଭିଏସ୍‌ର ଆପାଚି ଏବଂ ସୁଜୁକି ଜିକ୍‌ସର୍‌ର ସହିତ ଟକ୍କର କରିବ । ଏହି ବାଇକର ସିଙ୍ଗଲ ସିଲିଣ୍ଡର ଇଞ୍ଜିନ୍ ୧୭ ବିଏଚପି ର ପାୱାର ଏବଂ ୧୪.୬ ଏନ୍‌ଏମ୍ ର ପିକ୍ ଟର୍କ ଜେନେରେଟ୍ କରିଥାଏ । ୟାମାହା ଏଫ୍‌ଜେଡ-ଏସ୍ ଏଫଆଇ ଭି୪ : ଏହା ବ୍ୟତୀତ ଆପଣଙ୍କ ପାଖରେ ଥାର୍ଡ ବାଇକର ଅପ୍ସନ ହେଉଛି। ଏହାର ଏକ୍ସ-ସୋରୁମ୍ ପ୍ରାଇସ୍ ୧ ଲକ୍ଷ ୨୮ ହଜାର ୯୦୦ ଟଙ୍କା ରହିଛି । ଏହି ମୋଟରସାଇକଲରେ ଫିଚର୍ସଗୁଡିକ ହେଉଛି – ଟ୍ରାକ୍ସନ କଣ୍ଟ୍ରୋଲ୍ ସିଷ୍ଟମ ଟିସିଏସ୍, ରିୟର ଡିସ୍କ ବ୍ରେକ୍ ସହିତ ଫ୍ରଣ୍ଟରେ ସିଙ୍ଗଲ ଚ୍ୟାନେଲ୍ ଏବିଏସ୍, ମଲ୍ଟି-ଫଙ୍କସ୍ନାଲ୍ ଏଲ୍‌ସିଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଏଲ୍‌ଡି ହେଡଲାଇଟ୍, ଲୋୟର ଇଞ୍ଜିନ୍ ଗାର୍ଡ ଏବଂ ବ୍ଲୁଟୁଥ୍ ଇନେବଲ୍ଡ ୱାଇ-କନେକ୍ଟ ଆପ୍ ସହିତ କନେକ୍ଟିଭିଟି ମିଳିଥାଏ ।



## ଖୁବ୍‌ଶୀଘ୍ର ଭାରତୀୟ ବଜାରରେ ଉପଲବ୍ଧ ହେବ ଏପ୍ରିଲିଆ ଏସ୍‌ଆର୍ ୧୨୫ ଓ ୧୬୦

**ନୂଆଦିଲ୍ଲୀ,୩୧।୧:** ନୂଆ ଏପ୍ରିଲିଆ ଏସ୍‌ଆର୍ ୧୨୫ ଏବଂ ଏପ୍ରିଲିଆ ଏସ୍‌ଆର୍ ୧୬୦ ନିକଟରେ ଭାରତୀୟ ରୋଡରେ ଟେଷ୍ଟିଂ କରାଯାଉଥିଲା । ଖୁବ୍ ଶୀଘ୍ର ଭାରତରେ ଲଞ୍ଚ ହେବାକୁ ଯାଉଥିବା ଏପ୍ରିଲିଆ ଟୁଓନୋ ୪୫୭ ସହିତ ଏହି ଦୁଇଟି ସ୍କୁଟରକୁ ଦେଖିବାକୁ ମିଳିଥିଲା । ଟୁଓନୋ ୪୫୭ ସହିତ ଟେଷ୍ଟ ମଡେଲ ଦେଖିବାକୁ ମିଳିବ । ଏହା ପରେ ଆଶା କରାଯାଏ ଯେ ଏହି ଦୁଇଟି ସ୍କୁଟର ଏକାଠି ଭାରତରେ ଲଞ୍ଚ ହୋଇପାରିବ । ଆସନ୍ତୁ ଜାଣିବା ଏସ୍‌ଆର୍ ୧୨୫ ଏବଂ ଏପ୍ରିଲିଆ ଏସ୍‌ଆର୍ ୧୬୦ କେଉଁ ନୂଆ ଫିଚର୍ସ ସହିତ ଆସିପାରେ । ନୂଆ ଏସ୍‌ଆର୍ ୧୨୫ ଏବଂ ଏପ୍ରିଲିଆ ଏସ୍‌ଆର୍ ୧୬୦ ରେ ଅପଡେଟେଡ୍ କନସୋଲ ଦେଖିବାକୁ ମିଳିପାରିବ । ଏହି କନସୋଲରେ ଉନ୍ନତ ଫିଚର୍ସ ଦେଖିବାକୁ ମିଳିବ । ଏହି ଦୁଇଟି ସ୍କୁଟରରେ ସ୍ମାର୍ଟଫୋନ୍ କନେକ୍ଟିଭିଟି ଏବଂ ଟର୍ନ-ବାୟ-ଟର୍ନ ନେବିଗେସନ୍ ଭଳି ଆଡଭାନ୍ସ ଫିଚର୍ସ ମଧ୍ୟ ଦେଖିବା ପାଇଁ ମିଳିବ । ଉଭୟ ସ୍କୁଟରର ଉପସ୍ଥିତ ଥିବା ମଡେଲରେ ଏଲ୍‌ସିଡି କନସାଲ୍ ବହୁତ୍ ସିମ୍ପଲ୍ । ନୂଆ କନସୋଲ୍ ପାଇବା ପରେ ଭାରତୀୟ ବଜାରରେ ସେମାନଙ୍କର ଡିମାଣ୍ଡ ଆହୁରି ବଢ଼ିପାରେ । ଏପ୍ରିଲିଆ ରୁ ଆଶା କରାଯାଏ ଯେ ଉଭୟ ସ୍କୁଟର ଏକ ଅପଡେଟ୍ ଇଞ୍ଜିନ୍ ପାଇପାରିବେ । ଏହା ବ୍ୟତୀତ ଉଭୟ ସ୍କୁଟର ଇଞ୍ଜିନରେ କୈାଣସି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଏସ୍‌ଆର୍ ୧୨୫ ରେ ୧୨୪ ସିସି, ଏୟାର-କୁଲ୍ଡ, ସିଙ୍ଗଲ-ସିଲିଣ୍ଡର ଇଞ୍ଜିନ୍ ଦିଆଯାଇଛି, ଯାହା ୧୦.୧୧ପିଏସ୍ ର ପାୱାର ଏବଂ ୧୦.୩୩ ଏନ୍‌ଏମ୍ ର ଟର୍କ ଜେନେରେଟ୍ କରିଥାଏ । ଏହା ସହିତ ଏପ୍ରିଲିଆ ଏସ୍‌ଆର୍ ୧୬୦ ରେ ୧୬୦.୦୩ CC, ଏୟାର-କୁଲ୍ଡ, ସିଙ୍ଗଲ-ସିଲିଣ୍ଡର ରହିପାରେ, ଯାହା ୧୧.୨୭ ପିସି ର ପାୱାର ଏବଂ ୧୩.୪୪ଏନ୍‌ଏମ୍ ର ଟର୍କ ଜେନେରେଟ୍ କରିବ । ଯଦି ଉପରୋକ୍ତ ମଡେଲଗୁଡିକ ଦେଖାଯାଏ ତେବେ ଉଭୟ ସ୍କୁଟରର ମୂଲ୍ୟ ବର୍ତ୍ତମାନ୍ ମଡେଲ୍ ତୁଳନାରେ ୫,୦୦୦ ରୁ ୧୦,୦୦୦ ଟଙ୍କା ଅଧିକ ହୋଇପାରେ । ଆଶା କରାଯାଉଛି ଯେ ଏହି ଦୁଇଟି ସ୍କୁଟର ଫେବୃଆରୀ ୧୭,୨୦୨୫ ରେ ଲଞ୍ଚ ହେବାକୁ ଯାଉଛି । ବର୍ତ୍ତମାନ୍ ଏପ୍ରିଲିଆ ଏସ୍‌ଆର୍ ୧୨୫ ର ଏକ୍ସ-ସୋରୁମ୍ ପ୍ରାଇସ୍ ୧,୨୧,୪୮୦ ଟଙ୍କା ହୋଇଥିବାବେଳେ ଏପ୍ରିଲିଆ ଏସ୍‌ଆର୍ ୧୬୦ ର ଏକ୍ସ-ସୋରୁମ୍ ପ୍ରାଇସ୍ ୧,୩୦,୩୭୮ ଟଙ୍କା ରହିଛି ।



# ମହାରାଜା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ




**ସୁବର୍ଣ୍ଣପୁର,୩୧।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ପିଏମ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣି ସଭାରେ ପ୍ରଧାନ ଶିକ୍ଷକ ଦାୟୀତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଆଶୀଷ ରଂଜନ ରଥ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ସୁବର୍ଣ୍ଣପୁର ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ ମୁଖ୍ୟ ଅତିଥି, ପୁରାତନ ଛାତ୍ର ସଂଘ ତଥା ମୋ ସ୍କୁଲ ଅଭିଯାନ ସଭାପତି ଗୋରେଖନାଥ ସାହୁ ଏବଂ ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷା ଶ୍ରୀମତୀ ଅଳକାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକମାନଙ୍କୁ ଉଦବୋଧନ ଦେଇଥିଲେ । ବକ୍ତାମାନେ ଛାତ୍ର, ଶିକ୍ଷକ ଓ ଅବିଭାବକ ସମ୍ମିଳିତ ଭାବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣର ମାନ ଉନ୍ନତ କରିବା ପାଇଁ ଅନୁରୋଧ କରିଥିଲେ । ଜାତୀୟ ସ୍ତରରେ ୩୦୦୦ ମିଟର ଦୌଡରେ ଜୁଲେଶ ନନ୍ଦ, ଯୋଗ ପ୍ରତିଯୋଗୀତାରେ ପ୍ରକାଶ ମେହେରଙ୍କୁ ପୁରସ୍କୃତ କରାଯିବା ସହ ବିଶ୍ୱଜିତ ନନ୍ଦ ଓ ଚନ୍ଦନ ମୁଣ୍ଡାଙ୍କୁ ଖେଳକୂଦ ଚମ୍ପିୟନ , ଲାଲ କୁର୍ଥା ଗଙ୍ଗା ଦଳକୁ ଶ୍ରେଷ୍ଠ ବାଦ୍ୟ ସକାଶେ ଏବଂ ଅଭିମନ୍ୟୁ ମେହେର ତଥା ସୁଜନ ସାହୁଙ୍କୁ ଶ୍ରେଷ୍ଠ ଅଭିନୟ ପାଇଁ ପୁରସ୍କୃତ କରାଯାଇଥିଲା ।

# ଭୋଟ ପୂର୍ବରୁ ଲୋଭ ଦେଖାଇ ଜିତିଗଲେ

## ଭୁଲିଗଲେ ୬୦ବର୍ଷ ଉର୍ଦ୍ଧ୍ୱ ବୟସ୍କଙ୍କୁ ଦେଇଥିବା ପ୍ରତିଶ୍ରୁତି

**କାକଟପୁର /ଅସ୍ତରଙ୍ଗ,୩୧।୧ (ସଂଚାର ବ୍ୟୁରୋ):** ଭୋଟ ଜିତିବା ପାଇଁ ଅନେକ ପ୍ରତିଶ୍ରୁତି ଦେଇଥିଲେ, ଏମିତି କି ନିର୍ବାଚନ ଇସ୍ତାହାର ରେ ୬୦ବର୍ଷ ରୁ ଉର୍ଦ୍ଧ ଭତ୍ତା ହିତାଧିକାରୀ ଙ୍କୁ ଲୋଭ ଦେଖାଇ ଭୁଲିଗଲେ, ପ୍ରତିଶ୍ରୁତି ସବୁ ପାଣି ଫୋଟକା ପରି ଫାଟିଗଲା। ଅହେତୁକ ଦର ବୃଦ୍ଧି ବେଳେ ବୃଦ୍ଧ ବୃଦ୍ଧା ଭତ୍ତା ବୃଦ୍ଧି ଅପେକ୍ଷାରେ, ଏ ନେଇ କାକଟପୁର ରେ ଓଡିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ବିକ୍ଷୋଭ। ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛି ବିଜେପି ସରକାର। ଭତ୍ତା ହିତାଧିକାରୀ ଙ୍କୁ ୩ହଜାର ଟଙ୍କା ଦେବେ କହି ଠକି ଦେଲେ।ଭୋଟ ପାଇଁ ଲୋଭ ଦେଖାଇଲେ, ଭୋଟ ଜିତିବା ପରେ ଭୁଲିଗଲେ। ରାଜ୍ୟ ବିଜେପି ସରକାର ପ୍ରତିଶ୍ରୁତି ପାଲଟିଲା ପ୍ରତାରଣା। ଦିବ୍ୟାଙ୍ଗଙ୍କୁ ବି ଛାଡିଲେନି ସରକାର। ସରକାର ଙ୍କ ଘୋଷଣାରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଓଡିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି ଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ସାମ୍ନାରେ ସଚେତନ ଶୋଭାଯାତ୍ରା ଓ ପ୍ରତିବାଦ ସଭା କରାଯାଇଛି। ରାଜ୍ୟରେ ଅତ୍ୟାୱଶ୍ୟକ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ରହିଥିବା ବେଳେ ଗରିବ ଗୁରୁବା ତଥା ବିଭିନ୍ନ ବର୍ଗର ଭତ୍ତା ପାଇଁ ହିତାଧିକାରୀ ନାହିଁ ନଥିବା ଆର୍ଥିକ ଅନଟନ ସମ୍ମୁଖୀନ ହେଉଛନ୍ତି। ଗରିବ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ତୁରନ୍ତ ଭତ୍ତା ବୃଦ୍ଧି କରିବାକୁ ଦାବୀ ହୋଇଛି। ନଚେତ ଜୋରଦାର ଆନ୍ଦୋଳନ କରିବାକୁ ଦିଆଯାଇଛି ଧମକ।ନିର୍ବାଚନ ଇସ୍ତାହାର ରେ ବିଜେପି ବାର୍ଦ୍ଧକ୍ୟ ଭତ୍ତା ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ କଥା ଦେଇଥିଲେ। ସରକାର ହେବାର ୬ମାସ ପରେ ୮୦ପ୍ରତିଶତ ଥିବା ଦିବ୍ୟାଙ୍ଗ ଓ ୮୦ବର୍ଷ ବୟସ୍କଙ୍କୁ ୩ହଜାର ୫ଶହ ଟଙ୍କା ଭତ୍ତା ଦେବା ପାଇଁ ନିଷ୍ପତି ହେଲା, ହେଲେ ୬୦ ବର୍ଷ ରୁ ଉର୍ଦ୍ଧ ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୩ହଜାର ଟଙ୍କା ଘୋଷଣା ହେଲା ନାହିଁ। ପ୍ରତିବାଦ ରେ ପୁରୀ ଜିଲ୍ଲା କାକଟପୁର ରେ ରାସ୍ତାକୁ ଓଲ୍ହାଇଛନ୍ତି ଭତ୍ତାଧାରୀ। ସରକାର ଟଙ୍କା କଥା ନ ଶୁଣିଲେ ଆଗକୁ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦେଇଛି ସଂଘର୍ଷ ସମିତି। ଅନ୍ୟ ପଟେ ବିଜେଡି ମଧ୍ୟ ସରକାର ଙ୍କୁ ଆଭିମୁଖ୍ୟକୁ ସମାଲୋଚନ କରିଛନ୍ତି।ସାମ୍ପ୍ରତିକ ମହଙ୍ଗା ବଜାରରେ ଭୋଟ ପୂର୍ବରୁ ଲୋଭ ଦେଖାଇଥିବା ସରକାର କେବେ ପ୍ରତିଶ୍ରୁତି ପାଳନ କରୁଛନ୍ତି ତାହା ହିଁ ଅପେକ୍ଷା।ଶେଷରେ ଓଡିଶା ର ମୁଖ୍ୟମନ୍ତ୍ରୀ ଙ୍କୁ ବିଡ଼ିଓ ଙ୍କ ଜରିଆରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନ ରେ ଜିଲ୍ଲାସଭାପତି ସୟଦ ଆଜାଦ ଅଲ୍ଲି ଙ୍କ ସହ ଶତାଧିକ ବୃଦ୍ଧ ବୃଦ୍ଧା ଆନ୍ଦୋଳନ ସାମିଲ ହେବା ସହ ଦୀର୍ଘ ସମୟ ବିକ୍ଷୋଭ କରିଥିଲେ। ଆଇନି ଶୃଙ୍ଖଳା ପରିସ୍ଥିତି କୁ ଦୃଷ୍ଟିରେ ରଖି ପୋଲିସ ମୁତୟନ କରାଯାଇଥିଲା।






# ବୁଡମାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ



**ସୋହେଲା,୩୧।୧(ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ବୁଡ଼ାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅପରାହ୍ନ ୨ଟାରୁ ସଂଧ୍ଯା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧଦେବ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ଯ ଅତିଥି ଭାବେ ସୋହେଲା ଏବିଇଓ ମନୋହର ଉଟୀ , ମୁଖ୍ୟ ବକ୍ତା ଭାବେ ସି ଆର ସି ସି କେଦାରନାଥ ସାହୁ, ସମ୍ମାନୀତ ଅତିଥି ଭାବରେ ନାଏବ ସରପଞ୍ଚ ବିରଞ୍ଚି କଲାରୀ, ଉଜାରୁ ପଧାନ, ସଭାପତି ଶେଷଦେବ ବେହେରା, ମଞ୍ଚ କଳାକାର ପଞ୍ଚମ ବେହେରା ପ୍ରମୁଖ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ବାଳମୁକୁନ୍ଦ ବାରିକ ପରିଚାଳନା କରିଥିବା ବେଳେ, ଶିକ୍ଷକ ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ, ତୁଳସୀରାମ ପାଣୀ ଧନ୍ୟବାଦ ଅର୍ପଣ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରୁକ୍ମିଣୀ ପଧାନ ଓ ଡିଲେଶ୍ୱରୀ ଭୁଏ ସହଯୋଗ କରିଥିଲେ । ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାଜନିତ ଜୀବନହାନି ଅପୂରଣୀୟ କ୍ଷତି




**ସୁବର୍ଣ୍ଣପୁର,୩୧।୧(ସଂଚାର ବ୍ୟୁରୋ):** ଜାନୁୟାରୀ ୦୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଥିବା ବେଳେ ଆଜି ସଚେତନତା ମାସ ପାଳନର ଉଦଯାପନୀ ଦିବସ ଜିଲ୍ଲା ପରିବହନ ବିଭାଗ ତରଫରୁ ଅନୁଷ୍ଠିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିବହନ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଦାନ କରଥିଲେ। ସେ ଏହି ଅବସରରେ ସମସ୍ତ ଜନସାଧାରଣ ଜୀବନର ଗୁରୁତ୍ୱକୁ ଉପଲବ୍ଧ କରିବାକୁ ପରାମର୍ଶ ଦେଇ ସଡ଼କ ଦୁର୍ଘଟଣାରେ ଜୀବନ ହାନୀ ଜାତି ଓ ସମାଜ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ବିକାଶଶୀଳ ଦେଶ ବା ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁହାର କମ ବା ଶୂନ, ଶୃଙ୍ଖଳିତ ଓ ବ୍ୟବସ୍ଥିତ ଗାଡି ଚାଳନା ଆମ ସାମାଜିକ ଓ ଅର୍ଥନୈତିକ ବିକାଶର ପ୍ରତିଫଳନ। ଏଣୁ ଆମର ଶୃଙ୍ଖଳିତ ଓ ବ୍ୟବସ୍ଥିତ ଜୀବନଚର୍ଯ୍ୟା ସଡ଼କ ଦୁର୍ଘଟଣାକୁ ବହୁମାତ୍ରାରେ ପ୍ରତିହତ କରିପାରିବ ବୋଲି କହିବା ସହିତ ଜିଲ୍ଲାରେ ସଡ଼କ ଦୁର୍ଘଟଣା ମୃତ୍ୟୁହାରକୁ ଶୂନ୍ୟ କରିବା ଲକ୍ଷ୍ୟରେ ସମସ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ କେ ହରିପ୍ରସାଦ, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟା ରୁପା ରଥ, ଉପ ଆରକ୍ଷୀ ଅଧିକ୍ଷକ ଚନ୍ଦ୍ର ଶେଖର ଶବର ପ୍ରମୁଖ ଯୋଗଦାନ କରି ନିଜନିଜର ସଚେତନତା ବାର୍ତ୍ତା ପ୍ରଦାନ କରି ଯାନବାହାନ ଚାଳନା ସମୟରେ ମନର ଆବେଗରେ ବଶବର୍ତ୍ତୀ ନହେବାକୁ ପରାମର୍ଶ ଦେଇଥିଲେ। ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାପ୍ରଶାସନ ତଥା ପରିବହନ ବିଭାଗ ତରଫରୁ ସଚେତନତା ମାସ ପାଳନ ନିମନ୍ତେ ନିଆଯାଇଥିବା ସଡ଼କ ସୁରକ୍ଷା ନିମିତ୍ତ ଗାଡି ଚଳାଚଳ ନିମନ୍ତେ ବ୍ୟବସ୍ଥିତ ଆଇନ, ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆଲୋକପାତ କରିଥିଲେ।

# ଆଗ୍ରିଆ ମହୋତ୍ସବ ଉଦଯାପିତ




**ବୈଶିଙ୍ଗା,୩୧।୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ସ୍ଥିତ ବୀଣାପାଣୀ ଯୁବକ ସଂଘ ର ୨୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ରବିବାର ଦିନ ଠାରୁ ଆରମ୍ଭ ହୋଇଥିବା ଆଗ୍ରିଆ ମହୋତ୍ସବ ଉଦଯାପିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ବେଳେ ବୁଧବାର ଦିନ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ରେ କାର୍ଯ୍ୟକ୍ରମ ରେ କୁନି କୁନି କଳାକାର ଠାରୁ ଆରମ୍ଭ କରି ଯୁଓ୍ୱ କଳାକାର ସହିତ ସଂଗୀତ ଓ ନୃତ୍ୟ, ତର୍କ, ସାଧାରଣ ଜ୍ଞାନ , ଗଳ୍ପ କାର୍ଯ୍ୟକ୍ରମ ରେ ବହୁ କୃତି ପ୍ରତିଯୋଗୀ ଓ ବିଶିଷ୍ଟ ସମାଜସେବୀ, ସାମ୍ବାଦିକ ମାନଙ୍କୁ ବୀଣାପାଣି ଯୁବକ ସଂଘ ତରଫରୁ ପୁରସ୍କୃତ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ପୁରସ୍କାର ବିବରଣୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଲୋକପ୍ରିୟ ବିଧାୟକ ସନାତନ ବିଜୁଳି , ସ୍ୱତନ୍ତ୍ର ଅତିଥି ଭାବରେ ଆଗ୍ରୀଆ ସରପଞ୍ଚ ମିନତି ସିଂ , ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ମନୋରଞ୍ଜନ ପରିଡା, କ୍ଲବ ର ସଭାପତି ଶିବନାରାୟଣ ଘୋଷ, ସମ୍ପାଦକ ଜୀବନ କୁମାର ପରିଡା ପ୍ରମୁଖ ମଞ୍ଚାସିନ ରହି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।ଏହି ଉଦଯାପନୀ ଦିବସରେ ସାମ୍ବାଦିକ ସତ୍ୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଚାରିଦିନିଆ ମହୋତ୍ସବ ରେ ଶେଷ ରାତିରେ କଟକ ର ଏଟ୍ରାସ୍କନ ଲାଇଭ ମେଲୋଡି ଗ୍ରୁପ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ବୀଣାପାଣି ଯୁବକ ସଂଘର ପ୍ରମୋଦ ନାୟକ,ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ,ରଞ୍ଜିତ ବାରିକ୍, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା,ବିରୋକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲିପ ମହାନ୍ତି,ଚନ୍ଦ୍ରଶେଖର ବେରା, ରାକେଶ ମହାନ୍ତ,କେଶବ ନାଥ, ଶୁଶାନ୍ତ ପରିଡ଼ା,ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ଶୁଶାନ୍ତ ଭାଇ, ପ୍ରକାଶ ଜ୍ୟୋତି ପ୍ରଧାନ, ଶୁଶାନ୍ତ ବାରିକ୍, ବିଶ୍ୱଜିତ ପରିଡା, ସୁଜିତ ଜେନା, ପିତବାସ ଦେହୁରୀ, ଇନ୍ଦ୍ରଜିତ ଓଝା,ବିକ୍ରମ ନାଥ, ସରୋଜ ଦେହୁରୀ,ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ, ସୁଜିତ୍ ଜେନା,ବିଜୟ ଜେନା, ଶୁଭମ୍ ନାୟକ, ନରେନ୍ଦ୍ର ପରିଡ଼ା,ମନୋରଞ୍ଜନ ରାଉତ, ପ୍ରଦୀପ ଜେନା,ଜିତେଶ ନାୟକ,ଧିରୋଜ ସାହାଣୀ, ଅଜିତ ବେହେରା, ଭବାନୀ ଶଙ୍କର ପରିଡା,ସତ୍ୟପ୍ରିୟ ପ୍ରଧାନ,ରବିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରପତିଙ୍କୁ ଅପମାନ ପ୍ରତିବାଦରେ ବିଜେପି ପକ୍ଷରୁ ସୋନିଆଙ୍କ କୁଶ ପୁତ୍ତଳିକା ଦାହ




**ବାରିପଦା,୩୧।୧ (ସଂଚାର ବ୍ୟୁରୋ):** ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମର୍ମୁଙ୍କ ପ୍ରତି କଂଗ୍ରେସ ନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ଅପମାନଜନକ ଶବ୍ଦ ବ୍ୟବହାର କରିଥିବାର ପ୍ରତିବାଦରେ ବିଜେପି ବାରିପଦା ସହର ଶାଖା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଟ୍ରାଫିକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ଅବସରରେ ଦଳର କର୍ମୀମାନେ କଂଗ୍ରେସ ଓ ସୋନିଆଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ସୋନିଆଙ୍କ କୁଶ ପୁତ୍ତଳିକା ଦାହ ମଧ୍ୟ କରିଥିଲେ। ବିଜେପି ବାରିପଦା ମଣ୍ଡଳ ସଭାପତି ସୁବ୍ରତ ମୁଖୀଙ୍କ ନେତୃତ୍ୱରେ ଆୟୋଜିତ ଏଇ କାର୍ଯ୍ୟକ୍ରମରେ ଦଳର ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଜିଲ୍ଲା ଉପସଭାନେତ୍ରୀ ଶୋବାବତୀ ହୋତା,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର, କୁମାର ମଙ୍ଗଳମ, ପାୟଲ ରାୟ, ରସିକାନନ୍ଦ ମିଶ୍ର, ଗଣେଶ ନାୟକ,ଦେବବ୍ରତ ସାମଲ,ପୁରୁଷୋତ୍ତମ ସେଠି, ସରସ୍ୱତୀ ବେହେରା, ନିରଞ୍ଜନ ଦାସ,ମାନସୀ ତ୍ରିପାଠୀ,ସୁସ୍ମିତା ଚାନ୍ଦ, ଦିପାଳୀ ନାୟକ,ପ୍ରମୁଖ ଯୋଗ ଦେଇଥିଲେ।

# ବାଇକ ଉପରେ ଚଢ଼ିଗଲା କୋଇଲା ବୋଝେଇ ଟ୍ରକ, ଜଣେ ମୃତ

**ଅନୁଗୁଳ,୩୧।୧ (ସଂଚାର ବ୍ୟୁରୋ):** ଚଢ଼ିଗଲା ଟ୍ରକ୍ , ଜଣେ ମୃତ । ଅନୁଗୁଳ ସଦର ଥାନା କୁମଣ୍ଡ ସାହୁ ପଡା ଛକ ନିକଟରେ ବାଇକ ଉପରେ ଚଢ଼ିଗଲା କୋଇଲା ବୋଝେଇ ଟ୍ରକ । ମୃତକ ହେଲେ ବଡ଼ବେରେଣା ଗାଁର ମିତୁ ଭୋଇ । ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମୃତଦେହ ରକି ରାସ୍ତା ଅବରୋଧ କରିଛନ୍ତି । ଅନୁଗୁଳରୁ ଜିନ୍ଦଲ ରାସ୍ତା ଅବରୋଧ କରିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତା କଡରେ ଅଟକି ରହିଛି ଶହ ଶହ ଟ୍ରକ। ଜନବସତି ଭିତରେ କୋଇଲା ଲୋଡିଂ ଗାଡ଼ି ବନ୍ଦ କରିବାକୁ ଗାଁଲୋକ ଦାବି କରିଛନ୍ତି । ସେହିପରି ଗତକାଲି ହାଇୱା ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା । ଏପରି ଅଘଟଣ ଘଟିଥିଲା ଜାତୀୟ ରାଜପଥ ୨୦ ଘଷିପୁରା ଥାନା ଶୈଲଙ୍ଗ ଗାଁ ନିକଟସ୍ଥ ବିଜି ମୋଟର ନିକଟରେ। ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି । ତେବେ ବାଇକରେ ଚଉମୁହାଁ କଲୋନୀର ୩ ଜଣ ଯୁବକ କେନ୍ଦୁଝରେ ଆଡକୁ ଯାଉଥିବା ସମୟରେ ଗୋଟିଏ ମେଟାଲ ବୋଝେଇ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ସ୍ଥଳରେ ଶିବମ ଦେହୁରୀଙ୍କ ମୃତ୍ୟୁ ହୋଇଥିବା ବେଳେ ମେଡିକାଲ ଆଣିବା ପରେ ସିପୁନ ଖଟୁଆ ନାମକ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଗୁରୁତର ଦୀପକ ଦେହୁରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

# ବିଏସପି ଜିଲ୍ଲା ସଭାପତିଙ୍କ ମୁନିଖୋଲ ପଞ୍ଚାୟତ ଗସ୍ତ

**ରାୟଗଡା,୩୧।୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ମାନିଗୁଡା ବ୍ଲକ ଅନ୍ତର୍ଗତ ମୁନିଖୋଲ ପଞ୍ଚାୟତର ବଡ଼ ଡେଙ୍ଗୁଣୀ, ସାନ ଡେଙ୍ଗୁଣୀ ଏବଂ ଧାମନ୍ ପଙ୍ଗା ଗ୍ରାମକୁ ଗସ୍ତ କଲେ ବହୁଜନ ସମାଜ ପାର୍ଟି (ବି.ଏସ.ପି) ରାୟଗଡା ଜିଲ୍ଲା ସଭାପତି ଜିତୁ ଜାକେଶିକା। ଏହି ଗସ୍ତ ସମୟରେ, ସେ ସ୍ଥାନୀୟ ଡଙ୍ଗରିଆ କନ୍ଧ ଆଦିବାସୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବିଷୟରେ ଅନୁସନ୍ଧାନ କରିଥିଲେ । ଏହି ଅଞ୍ଚଳର ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ରହିଛନ୍ତି, ଯାହାର ମୂଳ ଅସୁବିଧା ହେଉଛି ସରକାରୀ ସୁବିଧାରୁ ବଞ୍ଚିତ ଏବଂ ପ୍ରାଥମିକ ଆବଶ୍ୟକତା ମେଟାଇବାରେ ଅସୁବିଧା । ଗ୍ରାହକ ସେବା କେନ୍ଦ୍ର (ସିଏସସି) ଏବଂ କିଓସ୍କ ବ୍ୟାଙ୍କ ସଠିକ୍ ଭାବରେ କାର୍ଯ୍ୟକାରୀ ନ ଥିବାର କାରଣରୁ ଗ୍ରାମବାସୀମାନେ ଅନେକ ଠକାମୀରେ ଅଡୁଛନ୍ତି । ଏଠି ଆଧାର କାର୍ଡ, ପାସବୁକ୍, ଯୋବ କାର୍ଡ, ଏବଂ ଭୋଟର ଅଫସରରେ ନାମ ଭୁଲ ଥିବା ଯୋଗୁଁ ଅନେକ ଲୋକ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏହି ଅଞ୍ଚଳର ଲୋକମାନେ ସହଜରେ ଅନଲାଇନ୍ ସେବା ଉପଲବ୍ଧ କରିପାରୁ ନାହାନ୍ତି, ଏବଂ ବ୍ୟାଙ୍କ ସୁବିଧା ମଧ୍ୟ ସଠିକ୍ ଭାବରେ ଚାଲୁ ନଥିବାରୁ ଟଙ୍କା ଉଠାଇବା ଓ ଅନ୍ୟାନ୍ୟ କାର୍ଯ୍ୟ କରିବାରେ ଅନେକ ସମସ୍ୟା ହେଉଛି । ଏହି ଅବସ୍ଥାରେ, ଲୋକମାନେ ଠକାମୀର ଶିକାର ହେଉଛନ୍ତି ବୋଲି ଜିତୁ ଜାକେଶିକା ଗଣମାଧ୍ୟମ ମାଧ୍ୟମରେ ଜଣାଇଛନ୍ତି ।



# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ

**ମୋହନା,୩୧।୧(ସଂଚାର ବ୍ୟୁରୋ):** ଗଜପତି ଜିଲା ଚାନ୍ଦିପୁଟ ଥାନା ଯୋଡ଼ାପଦର ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ୧୭ ଏ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ରାସ୍ତାରୋକୋ କରିଛନ୍ତି। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି। ହେଲେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି।



# ହକ ପାଇଁ ରାଜରାସ୍ତାରେ ଗର୍ଜିଲେ ମିଶନ ଶକ୍ତି ମହିଳା




- ସ୍ଥାୟୀ ମାନ୍ୟତା ଦାବିରେ ବ୍ଲକ ଅଫିସ ଘେରାଉ
- ଭାରତୀୟ ମଜଦୁର ସଂଘ ଜୀବିକା ମିଶନ ଇସି ସଂଘ

**କଳାହାଣ୍ଡି,୩୧।୧(ସଂଚାର ବ୍ୟୁରୋ):** ଭାରତୀୟ ମଜଦୂର ସଂଘ ଓଡିଶା ଜୀବିକା ମିଶନ ସଂଘ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କମିଟି ପକ୍ଷରୁ ଶୁକ୍ରବାର ସ୍ଥାୟୀ ମାନ୍ୟତା ଦାବିରେ ଗୋଲାମୁଣ୍ଡା ସ୍ଥିତ ବ୍ଲକ ଅଫିସ ଘେରାଉ କରାଯାଇଛି । ଏହା ପୂର୍ବରୁ ସ୍ଥାନୀୟ ମାଁ'ଠାକୁରାଣୀ ମନ୍ଦିର ରେ ସଂଘ ର ସଭାନେତ୍ରୀ ପ୍ରିୟଙ୍କା ସାହୁ, ସମ୍ପାଦିକା ଚେତନା ମାଝୀ ପୂଜାଅର୍ଚ୍ଚନା କଲାପରେ ହଜାରେ ରୁ ଉର୍ଦ୍ଧ ମିଶନ ଶକ୍ତି ଇସି ମହିଳା ମାଁ'ଠାକୁରାଣୀ ମନ୍ଦିରରୁ ବାହାରି ବ୍ଲକ ଅଫିସ ପର୍ଯ୍ୟନ୍ତ ଏକ ବିରାଟ ଶୋଭା ଯାତ୍ରା କରାଯାଇଥିଲା ।ଏଥିରେ ବ୍ଲକ ର ୨୮ ଗୋଟି ପଂଚାୟତ ର ହଜାରେ ରୁ ଉର୍ଦ୍ଧ ମିଶନ ଶକ୍ତି କର୍ମକର୍ତ୍ତା ସାମିଲ ହୋଇଥିଲେ ।ବ୍ଲକ ଅଫିସ ସମ୍ମୁଖରେ ସଂଘର କର୍ମକର୍ତ୍ତା ନିଜ ନିଜର ବକ୍ତ୍ୟବ ରଖି ଓଡିଶା ସରକାର ଙ୍କ ଅବହେଳା କୁ ନେଇ ଗର୍ଜିଥିଲେ ।ଗ୍ରାମ ପଂଚାୟତ ରୁ ନେଇ ଜିଲ୍ଲା ପର୍ଯ୍ୟନ୍ତ ମହିଳା ସଶକ୍ତି କରଣ ମୁଖ୍ୟ ଭୂମିକା ସାଜି କାମ କରୁଛନ୍ତି ସ୍ୱୟଂସହାୟକ ଗୋଷ୍ଠୀ ମହିଳା ।ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୁ ସଙ୍ଗଠିତ କରିବା, ସେମାନଂକୁ ଆର୍ଥିକ ପରିଚାଳନା ରେ ତାଲିମ ଦେବା, ପ୍ରୋତ୍ସାହିତ କରିବା ଇସି ସଭାପତି ଓ ସମ୍ପାଦକ ଙ୍କ ସ୍ୱାକ୍ଷରରେ ଋଣ ଗ୍ରହଣ ଓ ଋଣ ପ୍ରଦାନ କାର୍ଯ୍ୟ କରାଯାଇଥାଏ । ଓଡିଶା ରେ ପ୍ରାଥମିକ ପର୍ଯ୍ୟାୟରେ ମନୋନୀତ ମିଶନ ଶକ୍ତି ଇସି ମାନେ ୨୦୦୦ ମସିହା ଠାରୁ ୨୦୧୯ ମସିହା ପର୍ଯ୍ୟନ୍ତ କୌଣସି ଭତ୍ତା ନ ପାଇ ଅନବରତ ସେବା ଯୋଗାଇ ଆସିଥିଲେ। ୨୦୨୪ ସେପ୍ଟେମ୍ବର ମାସ ଠାରୁ ଏ ପର୍ଯ୍ୟନ୍ତ ଇସି ମାନଂକୁ ଭତ୍ତା ମିଳିନାହିଁ ।ସରକାର ଙ୍କ ପୁର୍ନଗଠନ କାର୍ଯ୍ୟ ବନ୍ଦ କରିବା, ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି ଭଳି ଅନେକ ଦାବି ନେଇ ଶୁକ୍ରବାର ଦିନ ଗୋଲାମୁଣ୍ଡା ମାଁ' ଠାକୁରାଣୀ ମନ୍ଦିର ରୁ ରାଜରାସ୍ତାରେ ବାହାରି ଗର୍ଜନ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଏକ ରାଲିର ଶୋଭା ଯାତ୍ରା ରେ ବାହାରି ଗୋଲାମୁଣ୍ଡା ବିଡ଼ିଓ ଙ୍କ କାର୍ଯାଳୟ ପର୍ଯ୍ୟନ୍ତ ପହଂଚି ଘେରାଉ କରିଥିଲେ। ପରେ ମହିଳା ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ଦାବି ପତ୍ର ବିଡ଼ିଓ ଙ୍କୁ ଦେବାର ଥିଲା ।କିନ୍ତୁ ବିଡ଼ିଓ ଅନୁପସ୍ଥିତ ଥିବା ଯୋଗୁଁ ଏଇ ପର୍ଶୁରାମ ନାଏକ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପୁର୍ନ ଗଠନ ରିଷ୍ଟ୍ରକ୍ଚରିଂ ପ୍ରକ୍ରିୟା ବନ୍ଦ କରିବା, ଇସି ସଦସ୍ୟ ଙ୍କୁ ସ୍ଥାୟୀ କରିବା,ମାସିକ ୧ ହଜାର ଟଙ୍କା ହାରରେ ଭତ୍ତା ପ୍ରଦାନ,ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ପଦୋନ୍ନିତ କରିବା, ସ୍କୁଟି ଋଣ ଯୋଜନା ର ୪୮ କିସ୍ତି ମଧ୍ୟରୁ ୧୨ ଟି କିସ୍ତି ଦେୟ ହୋଇଥିବା ବେଳେ ବାକି କିସ୍ତି ଗୁଡିକର ଛାଡ କରିବା, ଇସି କର୍ମୀ ସାମାଜିକ ନିରାପତ୍ତା ଓ କାର୍ଯକାଳ ସମୟରେ ଦୁର୍ଘଟଣା ଜନିତ ବୀମା ଯୋଜନା ପ୍ରଦାନ କରିବା ଆଦି ଦାବି ପତ୍ର ରେ ଉଲ୍ଲେଖ କରିଛନ୍ତି। ଏହି ଆନ୍ଦୋଳନ ରେ ବ୍ଲକ ସଭାପତି ପ୍ରିୟଙ୍କା ସାହୁ ସମ୍ପାଦିକା ଚେତନା ମାଝୀ,ଭାରତୀୟ ମଜଦୂର ସଂଘ ର ଜିଲ୍ଲା ସମ୍ପାଦକ ରାଧାନାଥ ବେହେରା,ମାନଝରି ଜିପିଏଲଏଫ ର ସମ୍ପାଦକ ନିର୍ମଳା ସାହୁ, ସଭାପତି ବେଳ ମତୀ ମହାନନ୍ଦ, ବନିତା ଅଗ୍ରିହା,, ଦମୟନ୍ତୀ ରଣା, ଟିକେମଣି ମାଝୀ, ପୁଷ୍ପଲତା ଜଗତ, ଅଲେଖା ନିଆଲ, ହରିପ୍ରିୟା ରାଉତ ଙ୍କ ସହ ହଜାରେ ରୁ ଉର୍ଦ୍ଧ ଇସି ମହିଳା ଆଜିର ଏହି ରାଲିରେ ସାମିଲ ହୋଇଥିଲେ ।

# ଶ୍ରୀପାତାଳୀ ମହୋତ୍ସବ ଉଦଘାଟିତ

**ସୁବର୍ଣ୍ଣପୁର,୩୧।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରସିଦ୍ଧ ପବିତ୍ର ପୀଠ ଶ୍ରୀପାତାଳୀ କ୍ଷେତ୍ର କୋଟସମଲାଇରେ ୨୦ତମ ପାତାଳୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅନ୍ୟା ଦାଶ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିବା ସହ ନିଜର ସାଂସ୍କୃତିକ ବାର୍ତ୍ତା ରଖିଥିଲେ। ଜିଲ୍ଲାପାଳ ଶ୍ରୀମତୀ ଦାସ ତାଙ୍କ ବକ୍ତବ୍ୟରେ ଖୁବଶୀଘ୍ର ଏଠାରେ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହ ସମସ୍ତଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ । ସମସ୍ତ ଭକ୍ତ ତଥା ଜନସାଧାରଣ କାୟା ମନ ବାକ୍ୟରେ ନିଜର ସହଯୋଗ ସହ ଏହି ମହତ ତଥା ପବିତ୍ର ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗେଇ ଆସିବାକୁ କହିଥିଲେ। ସେ ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ରରେ ଅନଲାଇନ ପେମେଣ୍ଟ ସିଷ୍ଟମର ଶୁଭାରମ୍ଭ ମଧ୍ୟ କରିଥିଲେ। ପାତଳୀ ଶ୍ରୀକ୍ଷେତ୍ର ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ରଙ୍କ ସଭାପତିତ୍ୱରେ ସମ୍ମାନୀତ ଅତିଥି ଭାବେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂ, ଉଲୁଣ୍ଡା ତହସିଲଦାର ପ୍ରଶାନ୍ତ ମହାରଣା, ଉଲୁଣ୍ଡା ବିଡ଼ିଓ କରିସ୍ମା ବେଶ୍ରା, ବୀରମହାରାଜପୁର ବିଡ଼ିଓ ରାଜୀବ ହାଁସଦା ଯୋଗ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ମକୁନ୍ଦ ଧରୁଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜି ପ୍ରଥମ ଦିନରେ ସ୍ଥାନୀୟ କଳାକାର ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ତଥା ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ୫୬ପ୍ରହରୀ ନାମଯଜ୍ଞ, ଘୃତ ଯଜ୍ଞ,ଭାଗବତ ସପ୍ତାହ ପାରାୟଣ, ମହାପ୍ରଭୁ ଙ୍କ ୩୨ବେଶ ପ୍ରଦର୍ଶନ ଆଦିର ଶୁଭାରମ୍ଭ ହୋଇଯାଇଛି। ନୃତ୍ୟ, ଗୀତ, ପାରାୟଣ, ପ୍ରବଚନ, ଯଜ୍ଞ, ନାମ ସଂକୀର୍ତ୍ତନର ମହାନ ପାର୍ବଣର ସାଂସ୍କୃତିକ ଓ ଆଧ୍ୟାତ୍ମିକ ମହାମିଳନର ପାତାଳୀ ମହୋତ୍ସବ। ୩୦ ଜାନୁୟାରୀ ରୁ ଆରମ୍ଭ ହୋଇ ଫେବୃଆରୀ ୬ ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପି ମହାସମାରୋହରେ ଅନୁଷ୍ଠିତ ହେବ। ଶ୍ରୀକ୍ଷେତ୍ର ପୁରୀର ପବିତ୍ର ରାମଜୀ ମଠ ମହନ୍ତ ଶ୍ରୀ ଶ୍ରୀ ବଂଶୀଧର ଦାଶ ମହାରାଜଙ୍କ ନେତୃତ୍ୱରେ ୫୬ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଯାଇଛି। ଆଜି ପ୍ରଥମ ଦିନ ଅବସରରେ ମହାପ୍ରଭୁଙ୍କ ପ୍ରଭୁକୃପା ତଥା ଆଶୀର୍ବାଦ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

